୬ ସୁପର-୮ ମୁକାବିଲା : ୭୬ ରନରେ ହାରିଲା ଭାରତ





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୬ ● ୨୩ ଫେବୃଆରୀ ୨୦୨୬, ସୋମବାର ● ଭୁବନେଶ୍ୱର ● Vol -33 ● Issue-26 ● 23rd February 2026, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଏଆଇର ଯାଦୁ, ଅଙ୍ଗଦାନର କାହାଣୀ ଏବଂ ଡ଼ିଜିଟାଲ ଆରେଷ୍ଟକୁ ନେଇ ସଚେତନତା

# ମନ୍ କି ବାତ୍‌ରେ ୩ ବଡ଼ ମନ୍ତ୍ର ଦେଲେ ପ୍ରଧାନମନ୍ତ୍ରୀ

### ଓଡ଼ିଆ ଯୁବଚାଷୀଙ୍କୁ ପ୍ରଶଂସା

**ନୂଆଦିଲ୍ଲୀ, ୨୨।୨**

୧୩୧ତମ୍ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଡିଜାଟାଲ ଆରେଷ୍ଟରୁ, ଗ୍ଲୋବାଲ ଏଆଇ ଇମ୍ପାକ୍ଟ ସମିଟ୍‌ରୁ ନେଇ ଲାଲକିଲ୍ଲାରୁ କରିଥିବା ପଞ୍ଚ-ପ୍ରାଣକୁ ଦୋହରାଇଛନ୍ତି ପ୍ରଧାନମନ୍ତ୍ରୀ। ଏହା ସହିତ କେରଳର ସର୍ବକନିଷ୍ଠ ଅଙ୍ଗଦାତା କୁନି ଝିଅ କଥା କହିଛନ୍ତି। ବିଭିନ୍ନ ପ୍ରସଙ୍ଗରେ ମନ୍ କି ବାତ୍‌ରେ କହିବା ସହିତ ଓଡ଼ିଆ ପୁଅ ହିରୋଦ ପଟେଲଙ୍କ କଥା କହିଛନ୍ତି। ମନ୍ କି ବାତ୍ ଦେଶରେ ବିଭିନ୍ନ ଉପଲବ୍ଧିକୁ ସାମ୍ନାକୁ ଆଣିବାର ଏକ ମଜଭୁତ ପ୍ଲାଟଫର୍ମ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏଆଇର ଯାଦୁ, ଅଙ୍ଗଦାନର କାହାଣୀ ଏବଂ ଡ଼ିଜିଟାଲ ଆରେଷ୍ଟକୁ ନେଇ ଦେଶବାସୀଙ୍କୁ ୩ ବଡ଼ ମନ୍ତ୍ର ଦେଇଛନ୍ତି ପ୍ରଧାନମନ୍ତ୍ରୀ।

'ସନ୍ତାନକୁ ହରାଇବାଠୁ ବଡ଼ ଦୁଃଖ କିଛି ନାହିଁ'– ମନ୍ କି ବାତରେ କେରଳର ସର୍ବକନିଷ୍ଠ ଅଙ୍ଗଦାତା କୁନିଝିଅ କଥା କହି ପ୍ରଧାନମନ୍ତ୍ରୀ କହିଛନ୍ତି,' କୌଣସି ପିତାମାତାଙ୍କ ପାଇଁ ନିଜ ସନ୍ତାନକୁ ହରାଇବାଠୁ ବଡ଼ ଦୁଃଖ ଆଉ କିଛି ନାହିଁ। କୁନି ପିଲାକୁ ହରାଇବାର ଯନ୍ତ୍ରଣା ବହୁତ



ଗଭୀର। କିଛି ଦିନ ପୂର୍ବରୁ, ଆମେ କେରଳର ଏକ ଛୋଟ ଝିଅ ଏଲିନ୍ ସେରିନ୍ ଆବ୍ରାହମଙ୍କୁ ହରାଇଲୁ। ଅଙ୍ଗଦାନ ସମ୍ପର୍କରେ ସଚେତନତା ବଢୁଛି। ଚିକିତ୍ସା ଗବେଷଣା ମଧ୍ୟ ବୃଦ୍ଧି ପାଉଛି। ଏଲିନ୍ ଭଳି ଅନେକ ଲୋକ ଅଛନ୍ତି ଯେଉଁମାନେ ଅଙ୍ଗଦାନ କରି କାହାକୁ ଆଉ ଏକ ଜୀବନ ଦେଇଛନ୍ତି।

'ଯିଏ କାମ କରନ୍ତି ସେ ପ୍ରସ୍ଫୁଟିତ ହୁଅନ୍ତି'– ପ୍ରଧାନମନ୍ତ୍ରୀ ମୋଦୀ ମନ୍ କି ବାତ୍‌ରେ କହିଛନ୍ତି, 'ଆପଣମାନେ ଆଜିକାଲି ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଦେଖୁଥିବେ। ଜର୍ସିଟି ଅନ୍ୟ ଦେଶର ହୋଇପାରେ, କିନ୍ତୁ ସେମାନଙ୍କ ନାମ ଶୁଣି ଆପଣ ଅନୁଭବ କରୁଛନ୍ତି ଯେ ସେ ଆମ ଦେଶର। ଏହି ମୁହୂର୍ତ୍ତ ଆପଣଙ୍କୁ ସାମାନ୍ୟ ଖୁସି ଦିଏ, କାରଣ ଖେଳାଳି ଜଣକ ଭାରତୀୟ ବଂଶୋଦ୍ଭବ ଏବଂ ତାଙ୍କ ପରିବାର ଯେଉଁ ଦେଶରେ ବାସ କରନ୍ତି ସେହି ଦେଶ ପାଇଁ ଖେଳୁଛନ୍ତି। କାନାଡା ଦଳରେ ସର୍ବାଧିକ ସଂଖ୍ୟକ ଭାରତୀୟ ବଂଶୋଦ୍ଭବ ଖେଳାଳି ଅଛନ୍ତି। ଦଳର ଅଧିନାୟକ ଦିଲପ୍ରୀତ ବାଜୱାଙ୍କ ଜନ୍ମ ପଞ୍ଜାବର ଗୁରୁଦାସପୁରରେ ହୋଇଥିଲା। ଆମେରିକା ଦଳରେ ଭାରତର ଘରୋଇ କ୍ରିକେଟର ଅନେକ ଖେଳାଳି ଅଛନ୍ତି। ତେଣୁ ଯେଉଁମାନେ ଖେଳନ୍ତି ସେମାନେ ପ୍ରସ୍ଫୁଟିତ ହୁଅନ୍ତି।'

ଏଆଇ ସମ୍ମିଟ୍ ବାବଦରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏଆଇ ଇମ୍ପାକ୍ଟ ସମ୍ମିଳନୀ ଭାରତ ପାଇଁ ବଡ଼ ଉପଲବ୍ଧି। ଦୁଇଟି ଉତ୍ପାଦ ବିଶ୍ୱ ନେତାଙ୍କୁ ପ୍ରଭାବିତ କରିଥିଲା। ପ୍ରଥମ ଉତ୍ପାଦଟି ଅମୂଲର ବୁଥ୍‌ରେ ଥିଲା। ଏଥିରେ ବ୍ୟାଖ୍ୟା କରାଯାଇଥିଲା ଯେ ଏଆଇ ଆମକୁ ପଶୁମାନଙ୍କ ଚିକିତ୍ସାରେ କିପରି ସାହାଯ୍ୟ କରୁଛି ଏବଂ ଚାଷୀମାନେ କିପରି ୨୪ ଘଣ୍ଟା ଏଆଇ ସହାୟତାରେ ସେମାନଙ୍କର ଦୁଗ୍ଧ ଏବଂ ପଶୁପାଳନ ଉପରେ ନଜର ରଖିପାରିବେ। ଦ୍ୱିତୀୟ ଉତ୍ପାଦଟି ଆମର ସଂସ୍କୃତି ସହିତ ଜଡ଼ିତ ଥିଲା। ଏଆଇ ସାହାଯ୍ୟରେ ଆମେ ଆମର ପ୍ରାଚୀନ ଗ୍ରନ୍ଥ, ଆମର ପ୍ରାଚୀନ ଜ୍ଞାନ, ଆମର ପାଣ୍ଡୁଲିପିକୁ କିପରି ସଂରକ୍ଷଣ କରିଛୁ ଯାହା ବିଶ୍ୱ ନେତାଙ୍କୁ ଆଶ୍ଚର୍ଯ୍ୟ କରିଥିଲା।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଆଜାଦୀ କା ଅମୃତ (ପୃଷ୍ଠା ୭ରେ)

# ଭାରତୀୟଙ୍କ ପାଇଁ ପର୍ଯ୍ୟଟନ ଭିସା ପୁନଃ ଆରମ୍ଭ କଲା ବାଂଲାଦେଶ

**ଢାକା, ୨୨।୨**

ବାଂଲାଦେଶର ତାରିକ ରହମାନଙ୍କ ନୂଆ ସରକାର ଭାରତ ସହିତ ସବୁ ପ୍ରକାର ସମ୍ପର୍କ ସୁଧାରିବାକୁ ପ୍ରଥମେ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ପ୍ରଥମେ କ୍ରିକେଟ୍ ସମ୍ପର୍କ ସୁଧାରିବା ଦିଗରେ ବାଂଲାଦେଶ ଆଲୋଚନା କରିଥିବା ବେଳେ ଏବେ ଭାରତୀୟ ନାଗରିକଙ୍କ ପାଇଁ ପର୍ଯ୍ୟଟକ ଭିସା ପୁନଃ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାରଙ୍କ ଭାରତ ସହିତ ସମ୍ପର୍କ ତିକ୍ତ ପରେ ପର୍ଯ୍ୟଟକ ଭିସା ସ୍ଥଗିତ ରଖାଯାଇଥିଲା। ହେଲେ ତାରିକ ସରକାର ଏହାକୁ ପୁନଃ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିବା ବାଂଲାଦେଶ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂତ୍ରରୁ ତଥ୍ୟ ନେଇ ଏଏନ୍‌ଆଇ ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟ ଅନୁସାରେ ସୋମବାର ଠାରୁ ପର୍ଯ୍ୟଟନ ଭିସା ପୁନଃ ଆରମ୍ଭ ହେବ।

ସୁରକ୍ଷା ଦୃଷ୍ଟିରୁ ପୂର୍ବରୁ ଭାରତରେ ଥିବା ବାଂଲାଦେଶୀ କୂଟନୈତିକ ମିଶନରୁ ପର୍ଯ୍ୟଟକ ଭିସା ସେବାକୁ ସ୍ଥଗିତ କରାଯାଇଥିଲା। ଅଧିକାରୀଙ୍କ ଅନୁଯାୟୀ, ନିର୍ବାଚନ ପରେ ପରିସ୍ଥିତି ସ୍ଥିର ହୋଇଛି। ଯାହା ଫଳରେ ସରକାରଙ୍କୁ ସେବାଗୁଡ଼ିକୁ ସମ୍ପୂର୍ଣ୍ଣ ପୁନଃସ୍ଥାପିତ କରିବାକୁ ଅନୁମତି ମିଳିଛି। ଏନେଇ ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟ କହିଛି "ଦିଲ୍ଲୀରେ ଥିବା ବାଂଲାଦେଶ ହାଇକମିଶନ ଏବଂ ଭାରତର ବିଭିନ୍ନ ସହର ଯେପରିକି ଗୌହାଟି, ଅଗରତାଳା, ମୁମ୍ବାଇ ଏବଂ କୋଲକାତାରେ – ଯେଉଁଠାରେ ବାଂଲାଦେଶୀ କୂଟନୈତିକ ମିଶନ ଅବସ୍ଥିତ – ପର୍ଯ୍ୟଟନ ଭିସା ବ୍ୟତୀତ ଅନ୍ୟାନ୍ୟ ଭିସା ସେବା ପ୍ରାୟତଃ ଚାଲୁଥିଲା। ତେବେ ପର୍ଯ୍ୟଟନ ଭିସା



ସାଧାରଣତଃ ବନ୍ଦ କରାଯାଇଥିଲା, ହେଲେ ଜରୁରୀ ପରିସ୍ଥିତିରେ ଏହା ଜାରି କରାଯାଉଥିଲା। ଯଦିଓ ଆମେ ଏହାକୁ ବନ୍ଦ ବୋଲି ଆନୁଷ୍ଠାନିକ ଭାବରେ ଘୋଷଣା କରି ନଥିଲୁ ତେଣୁ ଆମେ ଏହାକୁ ପୁନଃଆରମ୍ଭ କରିଛୁ ବୋଲି ମଧ୍ୟ ଆନୁଷ୍ଠାନିକ ଭାବରେ ଘୋଷଣା କରୁନାହୁଁ। ପ୍ରକୃତରେ, ଏହା ଚାଲୁଥିଲା ଏବଂ ଏବେ ସୋମବାରଠାରୁ ଏହାକୁ ବ୍ୟାପକ ଭାବରେ ବିସ୍ତାର କରାଯିବ।"

ଫେବୃଆରୀ ୧୨ ତାରିଖରେ ନିର୍ବାଚନ ସମୟରେ, ବାଂଲାଦେଶ ସରକାର ଭାରତରେ ଥିବା ଏହାର ମିଶନଗୁଡ଼ିକୁ ଜାନୁଆରୀ ୧୫ ରୁ ଫେବୃଆରୀ ୧୫ ମଧ୍ୟରେ ପର୍ଯ୍ୟଟନ ଭିସା ପ୍ରଦାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟ ମଧ୍ୟରେ ଜରୁରୀକାଳୀନ ପରିସ୍ଥିତିରେ ଭିସା ପ୍ରଦାନ ଜାରି ରହିଥିଲା। ସୁରକ୍ଷା ଦୃଷ୍ଟିରୁ, ଭୁଟାନ ଏବଂ ନେପାଳ ଭଳି ଦେଶ ପାଇଁ ଭିସା ସେବାକୁ ମଧ୍ୟ ସମ୍ପୂର୍ଣ୍ଣ ସ୍ଥଗିତ କରାଯାଇଥିଲା। ଏବେ ପରିସ୍ଥିତି ସମୀକ୍ଷା କରିବା ପରେ, ବାଂଲାଦେଶ ସରକାର ସୋମବାର ଠାରୁ ସମସ୍ତ ସ୍ଥାନରୁ ପର୍ଯ୍ୟଟନ ଭିସା ସମେତ ସମସ୍ତ ବର୍ଗର ଭିସାକୁ ସମ୍ପୂର୍ଣ୍ଣ ପୁନଃଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ବାଂଲାଦେଶ ଭାରତୀୟମାନଙ୍କ ପାଇଁ ପର୍ଯ୍ୟଟନ ଭିସା ସେବା ପୁନଃସ୍ଥାପିତ କରୁଥିବା ବେଳେ ବାଂଲାଦେଶୀ ନାଗରିକମାନଙ୍କ ପାଇଁ ଭାରତୀୟ ପର୍ଯ୍ୟଟନ ଭିସା ସେବା ସ୍ଥଗିତ ରହିଛି, ଯଦିଓ ଅନ୍ୟ କିଛି ବର୍ଗ ଏବେ ବି କାର୍ଯ୍ୟକ୍ଷମ ଅଛି। ତେବେ ଭାରତ ଏବେ ବି ତାରିକ ସରକାରଙ୍କ ଉପରେ ସମ୍ପୂର୍ଣ୍ଣ ଭରସା କରିପାରି ନାହିଁ। ସମୟ ଆଗକୁ ଗଡ଼ିବା ସହିତ ବିଏନପି ସରକାରଙ୍କ କାର୍ଯ୍ୟ ଓ ଆଭିମୁଖ୍ୟ ଦେଖି ସାରିବା ପରେ ହୁଏତ ଭାରତ ସରକାର ବାଂଲାଦେଶ ପାଇଁ ବନ୍ଧୁତ୍ୱର ହାତ ବଢ଼ାଇପାରନ୍ତି।

## ମିଶନ ଶକ୍ତି ବିଭାଗର ସମୀକ୍ଷା ବୈଠକ

# ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଉଦ୍ୟୋଗୀ ଭାବେ ଗଢ଼ାଯିବ

**ଭୁବନେଶ୍ୱର, ୨୨।୨**

**ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ବିଭାଗ ଏବଂ ଓଡ଼ିଶା ଜୀବିକା ମିଶନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭାଗର ସମସ୍ତ ଶାଖାର କାର୍ଯ୍ୟକଳାପ ଓ ଜିଲ୍ଲାଭିତ୍ତିକ ପ୍ରଗତି ଉପରେ ସମୀକ୍ଷା କରାଯାଇଛି।

ଉପମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାର କାର୍ଯ୍ୟକଳାପ ଉପରେ ସମୀକ୍ଷା କରିଛନ୍ତି। ଚଳିତ ଆର୍ଥିକ ବର୍ଷର ସଫଳତା, ବିଭିନ୍ନ ଯୋଜନାର ପ୍ରଗତି, ବ୍ୟାଙ୍କ ଋଣ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ, ମହିଳାମାନଙ୍କୁ ଉଦ୍ୟୋଗପତି ଭାବେ ଗଢି ସେମାନଙ୍କ ଆୟବୃଦ୍ଧି କରିବା ସମ୍ପର୍କିତ ପଦକ୍ଷେପଗୁଡ଼ିକୁ ସେ ପର୍ଯ୍ୟବେକ୍ଷଣ କରିଛନ୍ତି।

ଜିଲ୍ଲା ସ୍ତରୀୟ କର୍ମକର୍ତ୍ତାମାନଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ମିଶନ ଶକ୍ତି ବିଭାଗ ମାଧ୍ୟମରେ ଓଡ଼ିଶାର ଲକ୍ଷାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଯୋଡ଼ି ଆର୍ଥିକ, ସାମାଜିକ ଓ ଡିଜିଟାଲ ଭାବେ ସଶକ୍ତ ହୋଇପାରିଛନ୍ତି । ଏହି ବିଭାଗ ମହିଳାମାନଙ୍କୁ କେବଳ ଆତ୍ମନିର୍ଭର କରିବାରେ ସୀମିତ ରହିନାହିଁ, ସେମାନଙ୍କୁ ସଫଳ ଉଦ୍ୟୋଗୀ ଓ ସମାଜର ଅଗ୍ରଗାମୀ ନେତୃତ୍ୱ ଭାବେ ଗଢ଼ି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଅଛି । ମିଶନ ଶକ୍ତି ଆଜି ମହିଳା ସଶକ୍ତିକରଣର ଏକ ଶକ୍ତିଶାଳୀ ଆନ୍ଦୋଳନରେ ପରିଣତ ହୋଇଛି, ଯାହା ମହିଳାମାନଙ୍କ ଜୀବନମାନ ଉନ୍ନତି ସହିତ ରାଜ୍ୟର ଆର୍ଥିକ ଉନ୍ନତିରେ ମଧ୍ୟ ମୂଲ୍ୟବାନ ଅବଦାନ ରଖୁଛି।

ମହିଳାମାନଙ୍କୁ ଉଦ୍ୟୋଗୀ ଭାବେ ଗଢି ଅଧିକରୁ ଅଧିକ 'ଲକ୍ଷପତି ଦିଦି' ଏବଂ 'ମହାଲକ୍ଷପତି ଦିଦି' ପରିଣତ କରିବା ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ ବୋଲି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମତ ରଖିଛନ୍ତି ।

ଏଥିପାଇଁ ଆସନ୍ତା ଆର୍ଥିକ ବର୍ଷରେ ବଜାର ସଂଯୋଗ, ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ, ଆର୍ଥିକ ସହାୟତା ଓ ଡିଜିଟାଲ ସଶକ୍ତିକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ପଦକ୍ଷେପଗୁଡ଼ିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ସ୍ଥାୟୀ ଜୀବିକା ଓ ସୁଦୃଢ଼ ଆର୍ଥିକ ସ୍ଥିତି ପ୍ରଦାନ କରିବ।

ବୈଠକରେ ଚଳିତ ଆର୍ଥିକ ବର୍ଷର ଲକ୍ଷ୍ୟ ପୂରଣ ସହ ଆସନ୍ତା ଆର୍ଥିକ ବର୍ଷ ପାଇଁ ନିର୍ଦ୍ଧାରିତ ପ୍ରାଥମିକତା (ପୃଷ୍ଠା ୭ରେ)

# ଟ୍ରେଲର-ବୋଲେରୋ ଧକ୍କା : ୫ ପୁଲିସ କର୍ମଚାରୀ ମୃତ

**ଝାରସୁଗୁଡ଼ା, ୨୨।୨**

**ନ୍ୟୁଜ୍‌ବ୍ୟୁରୋ**

ଝାରସୁଗୁଡ଼ାରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟି ୫ ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସମସ୍ତ ମୃତଦେହ ଝାରସୁଗୁଡ଼ା ଡିଏଚଏଚକୁ ସ୍ଥାନାନ୍ତର କରାଯାଇଛି। ମୃତକମାନେ ହେଲେ ଡ୍ରିଲ ସବ୍ ଇନ୍ସପେକ୍ଟର ନିରଞ୍ଜନ କୁଜୁର, ଏପିଆର କାଶୀରାମ ଭୋଇ, ଏପିଆର ହାବିଲଦାର ଲିଙ୍ଗରାଜ ଧୂରୁଆ, ଏପିଆର ଦେବଦତ୍ତ ସା, ହୋମଗାର୍ଡ ଭକ୍ତବନ୍ଧୁ ମିର୍ଦ୍ଧା।

ସୂଚନା ଅନୁଯାୟୀ, ଶନିବାର ରାତିରେ ରେଙ୍ଗାଲି ଥାନାର ଏକ ଗ୍ରାମକୁ (ପୃଷ୍ଠା ୭ରେ)

### ମୁଖ୍ୟମନ୍ତ୍ରୀଙ୍କ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା



### ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ଶୋକ

ଝାରସୁଗୁଡା ଦୁର୍ଘଟଣାରେ ୫ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟଣାରେ ଅନୁକମ୍ପା ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ଶ୍ରୀ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

ଝାରସୁଗୁଡ଼ା ଦୁର୍ଘଟଣାକୁ ନେଇ ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟି ଦୁଃଖ ପ୍ରକାଶ କରିଛନ୍ତି। ଏନେଇ (ପୃଷ୍ଠା ୭ରେ)

## ୨୬ରେ ଆସିବେ ମହାନଦୀ ଟ୍ରିବ୍ୟୁନାଲ ଟିମ୍

**ଭୁବନେଶ୍ୱର, ୨୨।୨**

**ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ୨୬ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ ମହାନଦୀ ଟ୍ରିବ୍ୟୁନାଲ ଟିମ୍। ଫେବୃୟାରୀ ୨୬ ତାରିଖରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ସେମାନଙ୍କର ୪ ଦିନିଆ ଓଡ଼ିଶା ଗସ୍ତ ରହିଛି। ଏଥିରେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଓ ସଦସ୍ୟଙ୍କ ସହ ୧୦ ଜଣିଆ ଟିମ୍‌ରେ ଓଡ଼ିଶାକୁ ଆସିବେ। ଏହି ୪ ଦିନିଆ ଗସ୍ତ ସମୟରେ ସମ୍ବଲପୁର ଓ ଝାରସୁଗୁଡା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ନେଇ ସୂଚନା ମିଳିଛି। ଆସନ୍ତା ମାର୍ଚ୍ଚ ୧୪ ତାରିଖକୁ ଘୁଞ୍ଚିଲା ମହାନଦୀ ଜଳ (ପୃଷ୍ଠା ୭ରେ)

## ଚିଲିକା ଉପରେ ଖୁବ୍‌ଶୀଘ୍ର ନିର୍ମାଣ ହେବ ସେତୁ

**ଭୁବନେଶ୍ୱର, ୨୨।୨**

**ନ୍ୟୁଜ୍‌ବ୍ୟୁରୋ**

ଚିଲିକା ଉପରେ ସେତୁ ନିର୍ମାଣ ପାଇଁ ଖୁବ୍ ଶୀଘ୍ର ଆରମ୍ଭ ହେବ ଜମି ଅଧିଗ୍ରହଣ। ୮ଗୋଟି ଗ୍ରାମର ଜମି ଅଧିଗ୍ରହଣ କରିବେ ସରକାର। ଗୋପାଳପୁରରୁ ସାତପଡ଼ା ମଧ୍ୟରେ ଏନଏଚ ହେବ ସଂଯୋଗ। ଜହ୍ନିକୁଦାରୁ ସାତପଡ଼ାରେ ଚିଲିକା ଉପରେ ଦୁଇ ଲେନ୍ ବିଶିଷ୍ଟ ବୃହତ ଅତ୍ୟାଧୁନିକ ସେତୁ ନିର୍ମାଣ ହେବ। ଏନଏଚ ସଂଯୋଗୀକରଣ ନିର୍ମାଣ ମଧ୍ୟରେ ଆସୁଥିବା ଆଠଟି ଗ୍ରାମ ଅର୍ଥାତ୍ ବ୍ରହ୍ମଗିରି ତହସିଲର ତିନୋଟି (ପୃଷ୍ଠା ୭ରେ)

## ମାତ୍ର ୫୫ ମିନିଟରେ ଦିଲ୍ଲୀରୁ ମେରଟ୍

# 'ନମୋ ଭାରତ ସମ୍ପୂର୍ଣ୍ଣ କରିଡର'କୁ ଉଦ୍‌ଘାଟନ କଲେ ମୋଦୀ

**ନୂଆଦିଲ୍ଲୀ, ୨୨।୨**

ଉଦ୍‌ଘାଟନ ହେଲା ଭାରତର ସବୁଠୁ ସେମି ହାଇସ୍ପିଡ୍ ଟ୍ରେନ୍ ନମୋ ଭାରତ ରାପିଡ୍ ରେଳର ସମ୍ପୂର୍ଣ୍ଣ କରିଡର। ମାତ୍ର ୫୫ ମିନିଟରେ ଦିଲ୍ଲୀରୁ ବାହାରି ପହଞ୍ଚିଯିବ ମେରଟରେ। ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୮୨ କିମି ଦୂରତା ବିଶିଷ୍ଟ ଦିଲ୍ଲୀ-ମେରଟ ରିଜିଓନାଲ ରାପିଡ୍ ଟ୍ରାନଜିଟ୍ ସିଷ୍ଟମର ଉଦ୍‌ଘାଟନ କରିଛନ୍ତି। ଏଥିରେ ଦିଲ୍ଲୀର ସରାୟ କାଲେ ଖାନ୍ ଠୁ ନ୍ୟୁ ଅଶୋକ



ନଗର ମଧ୍ୟରେ ୫ କିଲୋମିଟର ବ୍ରିଜ୍ ଏବଂ ମେରଟ୍ ସାଉଥରୁ ମୋଦୀପୁରମର ସେକସନ୍ ରହିଛି। ଏହାବ୍ୟତୀତ ମୋଦୀ ଦେଶର ସବୁଠୁ ଫାଷ୍ଟ ମେଟ୍ରୋ ସର୍ଭିସ୍ ଏବଂ ୨୩ କିଲୋମିଟର ବିଶିଷ୍ଟ ମେରଟ ମେଟ୍ରୋକୁ ଲୋକାର୍ପଣ କରାଯାଇଛି। ଉଦ୍‌ଘାଟନ ପରେ ଉଭୟ ରେଳ ସେବା ରବିବାର ସନ୍ଧ୍ୟା ୬ଟାରୁ ସାଧାରଣ ଜନତାଙ୍କ ପାଇଁ ଉପଲବ୍ଧ ହୋଇଛି।

ରବିବାର ଗାଜିଆବାଦରେ ପହଞ୍ଚିଥିଲେ ମୋଦୀ। ଏଠାରେ ତାଙ୍କୁ (ପୃଷ୍ଠା ୭ରେ)

## ଏକାଳ ପଖାଳ



ବଡ଼ ନୋକ ସବୁ ଚିନ୍ତା କରୁଛନ୍ତି
ଆଣିବେ ଟେଟ୍ରାମ୍ୟାକ୍
ମଦ ମିଳିବ ଶସ୍ତାରେ ସବୁଠି
ଯେବେ ଯେଉଁଠି ଢୋକ୍
ଏଇ କଥାଟା କି ଠିକ୍
ରାଜସ୍ୱ ପାଇଁକି ଜନଜୀବନକୁ
ମାରୁଛ ଶକତ କିକ୍।

# ପାକିସ୍ତାନର ଏୟାରଷ୍ଟ୍ରାଇକ୍ : ସକାଳୁ ସକାଳୁ ଥରିଲା ଆଫଗାନିସ୍ତାନ





**ଇସଲାମବାଦ, ୨୨।୨**

ପାକିସ୍ତାନର ବଡ଼ ଏୟାର ଷ୍ଟ୍ରାଇକ୍। ଆଫଗାନିସ୍ତାନରେ ପାକିସ୍ତାନ ବଡ଼ ଷ୍ଟ୍ରାଇକ୍ କରିଥିବା ସମ୍ପର୍କରେ ସୂଚନା ମିଳିଛି। ରିପୋର୍ଟ ଅନୁଯାୟୀ ପାକିସ୍ତାନୀ ବାୟୁସେନା ଆଫଗାନିସ୍ତାନର ପାକତିକା ପ୍ରଦେଶର ବାରମଲ ଜିଲ୍ଲାରେ ଏକ ଧାର୍ମିକ ମଦ୍ରାସାକୁ ଟାର୍ଗେଟ କରିଛି। ପାକିସ୍ତାନୀ ଜେଟ ମଧ୍ୟ ନାଙ୍ଗରହାର ପ୍ରଦେଶର ଖୋଗିଆନି ଜିଲ୍ଲାରେ ଅନେକ ବିମାନ ଆକ୍ରମଣ କରିଛି। ଶନିବାରଠାରୁ ପାକତିକାର ବାରମଲ ଏବଂ ଅର୍ଗୁନ ଜିଲ୍ଲା ସହିତ ନାଙ୍ଗରହାରର ଖୋଗିଆନି, ବାହାସୋଦ ଏବଂ ଘନି ଖେଲ ଜିଲ୍ଲାରେ ଅନେକ ଆକ୍ରମଣ କରାଯାଇଛି।

ପାକିସ୍ତାନୀ ଗଣମାଧ୍ୟମ ସୂତ୍ର ମଧ୍ୟ ଇସଲାମବାଦ ଦ୍ୱାରା କରାଯାଇଥିବା ବିମାନ ଆକ୍ରମଣକୁ ନିଶ୍ଚିତ କରିଛି। ରିପୋର୍ଟରେ କୁହାଯାଇଛି ଯେ ଏହି ଆକ୍ରମଣ ପାକିସ୍ତାନ-ଆଫଗାନିସ୍ତାନ ସୀମା ନିକଟରେ ଥିବା କଥିତ ଆତଙ୍କବାଦୀ ଶିବିରଗୁଡ଼ିକୁ ଟାର୍ଗେଟ କରିଥିଲା।

ପାକିସ୍ତାନର ସୂଚନା ମନ୍ତ୍ରଣାଳୟକୁ ଉଦ୍ଧୃତ କରି ଜିଓ ନ୍ୟୁଜ ରିପୋର୍ଟ କରିଛି ଯେ ଫିତନା ଅଲ-ଖାୱାରିଜ, ଏହାର ସହଯୋଗୀ ସଂଗଠନ ଏବଂ ଦାଏଶ ଖୋରାସାନ ପ୍ରଦେଶ ସହିତ ଜଡିତ ସାତଟି (ପୃଷ୍ଠା ୭ରେ)

# କରଡ଼ା ଜଙ୍ଗଲରେ ଏନକାଉଣ୍ଟର : ୩ ମାଓବାଦୀ ନିହତ



**ଫୁଲବାଣୀ, ୨୨।୨**

**ନ୍ୟୁଜ୍‌ବ୍ୟୁରୋ**

ମାଓବାଦୀ-ପୁଲିସ ମୁହାଁମୁହିଁ। କନ୍ଧମାଳ ଜିଲ୍ଲାର ରାଇକିଆ ଥାନା ଅନ୍ତର୍ଗତ କରଡ଼ା ଜଙ୍ଗଲରେ ଘଟିଛି ଗୁଳି ବିନିମୟ। ଏଥିରେ ୩ ମାଓବାଦୀ ନିହତ ହୋଇଛନ୍ତି। ସର୍ଚ୍ଚ ଅପରେସନ ଜାରି ରହିଛି। ମୃତକଙ୍କ ପରିଚୟ ଅସ୍ପଷ୍ଟ ରହିଛି।

ମାର୍ଚ୍ଚ ସୁଦ୍ଧା ଦେଶକୁ ମାଓମୁକ୍ତ ପାଇଁ ମାଓବାଦୀଙ୍କ ବିରୋଧରେ ନିର୍ଣ୍ଣାୟକ ଲଢେଇ ଜାରି ରହିଛି। କନ୍ଧମାଳ ଜିଲ୍ଲାର ରାଇକିଆ ଥାନା ଅନ୍ତର୍ଗତ କରଡା (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଫେବୃୟାରୀ, ୨୦୨୬ ସୋମବାର






# ଗ୍ରୀଷ୍ମ ପ୍ରବାହର ସକ୍ରୀୟ ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ

**ସୁବର୍ଣ୍ଣପୁର,ନ୍ୟୁଜ ବ୍ୟୁରୋ**




ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଦିନିଆ ଜିଲ୍ଲା ସ୍ତରୀୟ ଗ୍ରୀଷ୍ମ ପ୍ରବାହ ପରିଚାଳନା ଉପରେ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ । ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଆଗାମୀ ଗ୍ରୀଷ୍ମ ଦିନରେ ତାଙ୍କର ଦାୟିତ୍ୱ କଣ ଏବଂ ସେମାନେ କେମିତି ପ୍ରସ୍ତୁତ ଅଛନ୍ତି ତାହାର ସମୀକ୍ଷା କରାଯାଇଥିଲା । ଏହି ବୈଠକରେ ଉପସ୍ଥିତ ଥିଲେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ରାଜେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରଣୀ ଦାସ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ବୀରମହାରାଜପୁର ସୁରେନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ରହି ପ୍ରସ୍ତୁତିର ସମୀକ୍ଷା କରିଥିଲେ । ଜିଲ୍ଲାର ସମସ୍ତ ସମ୍ବନ୍ଧୀୟ ଅଧିକାରୀ ମାନେ ମଧ୍ୟ ଏଥିରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ରାଜେଶ କୁମାର ସାହୁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଗତ ଅକ୍ଟୋବର ମାସରେ ହୋଇଥିବା ବିପର୍ଯ୍ୟୟ ମୁକାବିଲା ଏବଂ ସେଥିପାଇଁ ପ୍ରସ୍ତୁତି ବିଷୟ ବସ୍ତୁ ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତାରେ କୃତ ହୋଇଥିବା ମୋଟ ୯ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଜିଲ୍ଲାପାଳ ଡ଼. ସାହୁ କହିଥିଲେ ଯେ ଜିଲ୍ଲାର ସମସ୍ତ ବିଭାଗ ସମନ୍ୱୟରେ ଗ୍ରୀଷ୍ମ ପ୍ରବାହର ମୁକାବିଲା କରିବା ଉଚିତ । ସମସ୍ତେ ନିଜ ନିଜର ଦାୟିତ୍ୱ ନିର୍ବାହ କଲେ ଆମେ ଜିଲ୍ଲାରେ ଅନେକ ଲୋକଙ୍କୁ ସୁରକ୍ଷା ଦେଇପାରିବା ଓ ଅଂଶୁଘାତ ସଂଖ୍ୟା ହ୍ରାସ କରିପାରିବା । ଆଗାମୀ ଦିନରେ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ବିଦ୍ୟାଳୟରେ ପାଠପଢ଼ାର ସମୟରେ ପରିବର୍ତ୍ତନ କରାଯିବ । ସମସ୍ତ ସମ୍ବନ୍ଧିତ ବିଭାଗ ସବୁ ପ୍ରକାରର ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବା ପାଇଁ ଜିଲ୍ଲାପାଳ କହିଛନ୍ତି । ବିଶ୍ୱନାଥ ନାୟକ, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଜରୁରୀକାଳୀନ ବିଭାଗ ବିସ୍ତାର ଭାବରେ ସୁବର୍ଣ୍ଣପୁର ଜିଲ୍ଲାରେ କେମିତି ଗ୍ରୀଷ୍ମ ପ୍ରବାହ ଦେଖାଯାଏ ଏବଂ ଗତ ବର୍ଷମାନଙ୍କରେ ଲୋକେ କେମିତି ପ୍ରଭାବିତ ହୋଇଥିଲେ ସେଥିଉପରେ ଆଲୋକପାତ କରିଥିଲେ । ଏପ୍ରିଲରୁ ଜୁନ ତଥା ଜୁଲାଇ ପର୍ଯ୍ୟନ୍ତ ସୁବର୍ଣ୍ଣପୁରରେ କେବଳ ତାପମାତ୍ରା ବଢ଼ି ନଥାଏ । ବାୟୁରେ ଆଦ୍ରତା ବଢ଼ିବା ଯୋଗୁ ଅଧିକ ଅସ୍ୱସ୍ତ ଲାଗିଥାଏ ବୋଲି ସେ କହିଥିଲେ । ବର୍ତ୍ତମାନ ଜିଲ୍ଲାରେ ଗୋଟିଏ ତାପମାନ ଯନ୍ତ୍ର ରହିଛି, ହେଲେ ଆଗାମୀ ଦିନରେ ସରକାର ସବୁ ବ୍ଲକରେ ତାପମାନ ଯନ୍ତ୍ର ସ୍ଥାପନ କରିବା ପାଇଁ ଉଦ୍ଦେଶ୍ୟ ରଖାଯାଇଥିବା କଥା କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା । ଏହା ଦ୍ୱାରା ଜିଲ୍ଲା ସଦର ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ତାପମାନର ତାରତମ୍ୟ ବିଷୟରେ ଜଣାପଡିବ । ପରିଶେଷରେ ପାନୀୟ ଜଳର ବ୍ୟବସ୍ଥା, ଗ୍ରୀଷ୍ମ ପ୍ରବାହ ସମୟରେ କେହି ଯେମିତି ବାହାରେ କାମ ନକରିବେ ସେଥିପାଇଁ ଜିଲ୍ଲା ଶ୍ରମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନାଙ୍କୁ ଏହି ସମୟରେ ଯାନବାହନ ଚଳନ ଉପରେ ରୋକ ଲଗାଇବା ପାଇଁ କୁହାଯାଇଛି ଏବଂ ପ୍ରତ୍ୟେକ ବସରେ ଯେମିତି ଢ଼ଜଢ଼ ଓ ପାନୀୟ ଜଳ ରହିବ ତାର ବ୍ୟବସ୍ଥା କରିବା ପାଇଁ କୁହାଯାଇଛି । ଜିଲ୍ଲାପାଳ ପଶୁପାଖୀମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ପାଣି କୁଣ୍ଡର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେବା ସହ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ପାଇଁ କହିଛନ୍ତି ।

## ପୂର୍ବତନ ସରପଞ୍ଚ ସମିତି ସଭ୍ୟାଙ୍କୁ ଅବସରକାଳୀନ ଭତ୍ତା ଦାବିରେ ବିକ୍ଷୋଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନିଖିଳ ଓଡ଼ିଶା ପୂର୍ବତନ ସରପଞ୍ଚ ସମିତି ସଭ୍ୟ ମାନଙ୍କୁ ମାସିକ ଅବସରକାଳନୀ ଭା ୫ ହଜାର ଟଙ୍କା ଦେବା ନିମନ୍ତେ ରାଜ୍ୟ ସଭାପତି ଦିଗମ୍ବର ଜେନାଙ୍କ ନେତୃତ୍ୱରେ ଓଡ଼ିଶାର ୩୦ ଗୋଟି ଜିଲ୍ଲାର ସମସ୍ତ ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟ ମାନଙ୍କୁ ନେଇ ବିଧାନସଭା ସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସରକାର ଯଥାଶୀଘ୍ର ବିଚାରକୁ ନେଇ ତୁରନ୍ତ ମାସିକ ଭା ଟ.୫୦୦୦/-ଙ୍କା ଦେବାପାଇଁ ମହାସଂଘ ପକ୍ଷରୁ ଦାବି କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦିକା କୁଞ୍ଜଲତା ଭିତିରିଆ, ଦୈତାରୀ ବେହେରା, ଶାନ୍ତିଲତା ମହାପାତ୍ର, କେଦାରନାଥ ଜେନା, ଗୀତାଞ୍ଜଳି ସାମଲ, ନିର୍ମଳ ସାମଲ, ପ୍ରମୋଦ ସାମଲପ୍ରମୁଖ ଯୋଗଦେଇଥିଲେ । ଏକ ୫ଜଣିଆ ପ୍ରତିନିଧି ଦଳରେ ଆବାହକ ଦିଗମ୍ବର ଜେନା, ରବୀନ୍ଦ୍ର ପାତ୍ର, ଲଛମନ ଦଳେଇ, ଶାନ୍ତିଲତା ମହାପାତ୍ର, ପ୍ରସନ୍ନ ମହାରଥୀ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ।

# ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସଙ୍କ ତ୍ୟାଗପୂତ ଜୀବନ ଅବିସ୍ମରଣୀୟ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**



ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପ୍ରଜା ଆନ୍ଦୋଳନ ଓ କୃଷକ ଆନ୍ଦୋଳନର ନେତା ଗୌରାଙ୍ଗ ଚରଣ ଦାସଙ୍କ ୫୪ତମ ଓ ସ୍ୱାଧୀନତା ସଂଗ୍ରାମୀ ଶଶିଭୂଷଣ ଦାସଙ୍କ ୧୫ ତମ ଶ୍ରାଦ୍ଧୋତ୍ସବ ଆଜି ମୋ ଜୀବନ ସାହିତ୍ୟ ସଂସ୍କୃତି ପୂଜ୍ୟପୂଜା ପରିଷଦ ଓ ବାଗଲପୁର ଯୁବକ ସଂଘ ପରିଷଦ ପକ୍ଷରୁ ସଂଗ୍ରାମ ତୀର୍ଥ ସ୍ମୃତି ମଞ୍ଚ ଆନୁକୂଲ୍ୟରେ ବିରିଡ଼ି ବ୍ଲକ ବାଗଲପୁର ଠାରେ ପାଳିତ ହୋଇଯାଇଛି ଓ ପୂଜ୍ୟପୂଜା ପରିଷଦର ସଭାପତି ଲିଙ୍ଗରାଜ ମଲ୍ଲ ଏଥିରେ ସଭାପତିତ୍ୱ କରି ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସଙ୍କ ତ୍ୟାଗପୂତ ଜୀବନ ଅବିସ୍ମରଣୀୟ ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ ପ୍ରଗତିବାଦୀର କାର୍ଯ୍ୟ ନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଯୋଗଦେଇ ଲବଣ ସତ୍ୟାଗ୍ରହ, ଭାରତଛାଡ ଆନ୍ଦୋଳନରେ ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାନନ କାନୁଗୋ,ସୁଜାତା ବାରିକ, ପୂର୍ବତନ କଂଗ୍ରେସ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ,ସୁନା ଭଉଣୀ ପତ୍ରିକାର ସମ୍ପାଦକ ବିଜୟ ଲକ୍ଷ୍ମୀ ମହାପାତ୍ର,ଅରୁଣ କୁମାର ଦାସ, ଦେବୀ ଚୌଧୁରୀ, ମହେନ୍ଦ୍ର ଆର୍ଯ୍ୟ, ସମାଜସେବୀ ଗୋବିନ୍ଦ ଓଝା ବିଶ୍ୱଜିତ ମହାନ୍ତି, ବିଜେପି ନେତା ରାଜକିଶୋର ବେହେରା, ଅରୁଣ କୁମାର ଦାସ,ଚିତ୍ତ ରଞ୍ଜନ ମହାନ୍ତି ଗୀତା ସାହୁ, କ୍ରିଷ୍ଣା ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ଚନ୍ଦ୍ରକାନ୍ତ ଦାସ,ପୂରଣ ସରପଞ୍ଚ ଯୁଧିଷ୍ଠିର ବେହେରା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସଙ୍କ ଦେଶପ୍ରେମ ଓ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ ମାନପତ୍ର ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା, ମୋ ଜୀବନ ସାହିତ୍ୟ ସଂସ୍କୃତି ପୂଜ୍ୟପୂଜା ପରିଷଦର ସଭାପତି ନିକୁଞ୍ଜ ବିହାରୀ ଭଞ୍ଜ, ସମ୍ପାଦକ ବସନ୍ତ କୁମାର, ବାଗଲପୁର ସରପଞ୍ଚ ତରୁଣ କୁମାର ଦାସ ବେହେରା, ସଞ୍ଜୟ କୁମାର ଦାସ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ତିନି ଦିବସୀୟ ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ସଂପନ୍ନ

**ରାଉରକେଲା,ନ୍ୟୁଜ ବ୍ୟୁରୋ**



ରାଉରକେଲାର ପବିତ୍ର ବେଦବ୍ୟାସ ପୀଠରେ ଆରମ୍ଭ ହୋଇଥିବା ତିନି ଦିବସୀୟ ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ସପନ୍ନ ହୋଇଯାଇଛି । ସମାପନ ସମାରୋହରେ ଲାଠିକଟା ତହସିଲଦାର ମୁରଲିଧର ଉର୍ମାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦାନ କରିଥିଲେ । ଏବଂ କୃଷି ଜିଲ୍ଲା ଅଧିକାରୀ ପାନପୋଷ ଜି.ଜୟନ ସମ୍ମାନୀୟ ଅତିଥି ଭାବରେ ଯୋଗଦାନ କରିଥିଲେ । ଏହି ପ୍ରଦର୍ଶନୀ ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ମୁଖ୍ୟ ଅତିଥି କୃଷି ଜିଲ୍ଲା ଅଧିକାରୀ କାର୍ଯ୍ୟାଳୟ ପାନପୋଷ କୁ ପ୍ରଥମ ପୁରସ୍କାର ପ୍ରଦାନ କରିଥିଲେ । ସେହିପରି ଜିଲ୍ଲା ହସ୍ତଶିଳ୍ପ ବିଭାଗ କୁ ଦ୍ୱିତୀୟ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟକୁ ୩ୟ ପୁରସ୍କାର ପ୍ରଦାନ କରାଯାଇଛି । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ଜିଲ୍ଲାର ବିଭିନ୍ନ ବିଭାଗ ଦ୍ୱାରା ଯଥା ଜିଲ୍ଲା କୃଷି ବିଭାଗ ଠାରୁ ଆରମ୍ଭ କରି ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ, ହସ୍ତଶିଳ୍ପ ବିଭାଗ, ପାନପୋଷ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ପ୍ରଦର୍ଶନୀ ଷ୍ଟଲ୍ କରାଯାଇ ଲୋକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା । ଏତଦ୍ ବ୍ୟତୀତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲା ଶ୍ରମ ବିଭାଗ, ସହ ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର ତରଫରୁ ଦିଆଯାଉଥିବା ବିଭିନ୍ନ ସହାୟକ ଉପକରଣ ଓ ସମନ୍ୱିତ ଭୌତିକ ଚିକିତ୍ସା କେନ୍ଦ୍ର ବିଷୟରେ ଲୋକଙ୍କୁ ସଚେତନ କରାଇବା ନିମନ୍ତେ ୧୮ଟି ଷ୍ଟଲ୍ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ରାଉରକେଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସୀମା ଫାତିମା ଏକ୍କା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

# ଆଇଆଇଟି ଭୁବନେଶ୍ୱରରେ ମାଇକ୍ରୋଏଲଇଡି ପ୍ରଯୁକ୍ତିବିଦ୍ୟା ଏବଂ ଉନ୍ନତ ଗ୍ୟାସ ସେନ୍ସର ଉପରେ ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଇଆଇଟି ଭୁବନେଶ୍ୱରର ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ୍ ଆଣ୍ଡ କମ୍ପ୍ୟୁଟର ସାଇନସ୍ସେ ଏବଂ ଆଇଇଇ, ଭୁବନେଶ୍ୱର ସେକ୍ସନ ପକ୍ଷରୁ ମିଳିତ ଭାବରେ ଗୁରୁବାର ଉଦୀୟମାନ ଇଲେକ୍ଟ୍ରୋନିକ୍ ଏବଂ ସେନ୍ସିଂ ପ୍ରଯୁକ୍ତିବିଦ୍ୟା ଉପରେ ଏକ ବୈଷୟିକ ଆଲୋଚନା ଆୟୋଜିତ ହୋଇଯାଇଛି । 'ପ୍ରଦର୍ଶିତ ଏବଂ ଅଣ-ପ୍ରଦର୍ଶିତ ପ୍ରୟୋଗ ପାଇଁ ମାଇକ୍ରୋଏଲ୍ଇଡି' ଉପରେ ନ୍ୟୁୟର୍କର କଲମ୍ବିଆ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଏବଂ ନବସୃଜନର ଭାଇସ୍ ଡିନ୍ ପ୍ରଫେସର ଇଓଆନିସ୍ (ଜନ୍) କିମିସିସ୍ ଏବଂ ବୈଦ୍ୟୁତିକ ଇଞ୍ଜିନିୟରିଂର ପ୍ରଫେସର କେନେଥ୍ ବ୍ରାୟର୍ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଫେସର କିମିସିସ୍ ମାଇକ୍ରୋଏଲ୍ଇଡିର ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ, ଯେଉଁଥିରେ ଉଚ୍ଚ ଦକ୍ଷତା, ଆଲୋକ ଏବଂ ସ୍ଥାୟୀତ୍ୱ ଅନ୍ତର୍ଭୁକ୍ତ । ସେ ଡିସପ୍ଲେ ବ୍ୟତୀତ ସେମାନଙ୍କର ଉଦୀୟମାନ ପ୍ରୟୋଗଗୁଡ଼ିକ ଉପରେ ଆଲୋକପାତ କରିଥିଲେ, ସେଗୁଡିକ ମଧ୍ୟରେ ବାୟୋମେଡିକାଲ୍ ଇମେଜିଂ, ଦୃଶ୍ୟମାନ ଆଲୋକ ଯୋଗାଯୋଗ, ମାଇକ୍ରୋସ୍କୋପି, ଏବଂ ଆଇଓଟି-ସକ୍ଷମ ସିଷ୍ଟମ୍ ଆଦି ଉଲ୍ଲେଖନୀୟ ଥିଲା । ସେ ଥର୍ମାଲ୍ ପରିଚାଳନା, ଡିଭାଇସ୍ ଇଣ୍ଟିଗ୍ରେସନ୍ ଏବଂ ସିଷ୍ଟମ୍-ସ୍ତରୀୟ ଅପ୍ଟିମାଇଜେସନ୍ ସହିତ ଜଡିତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରମୁଖ ପ୍ରଯୁକ୍ତିବିଦ୍ୟା ଚ୍ୟାଲେଞ୍ଜ ଏବଂ ଚାଲୁଥିବା ଗବେଷଣା ପ୍ରୟାସକୁ ମଧ୍ୟ ଉଲ୍ଲେଖ କରିଥିଲେ । ଏହି ଅଧିବେଶନରେ ଆଇଆଇଟି ଖଡ଼ଗପୁରର ଡକ୍ଟରେଟ ଗବେଷକ ଅଭିଜିତ ନାରାୟଣ ଇଶୋର ମଧ୍ୟ ଯୋଗ ଦେଇଥିଲେ, ଯେଉଁମାନେ ଜଳବାୟୁ-ସମ୍ବନ୍ଧୀୟ ବାୟୁମଣ୍ଡଳୀୟ ପ୍ରଦୂଷକଙ୍କ ତଦାରଖ ପାଇଁ ଅଜୈବ ପେରୋଭସ୍କାଇଟ୍-ଆଧାରିତ ଗ୍ୟାସ୍ ସେନ୍ସର ଉପରେ ବକ୍ତବ୍ୟ ରଖିଥିଲେ । ତାଙ୍କର ଆଲୋଚନାରେ ସେ ପରିବେଶଗତ ତଦାରଖ ପ୍ରୟୋଗ ପାଇଁ ତ୍ରୁଟି ଇଞ୍ଜିନିୟରିଂ, ସେନ୍ସର ଚୟନ ଏବଂ ମେସିନ୍ ଲର୍ଣ୍ଣିଂ-ସହାୟିତ ଗ୍ୟାସ୍ ଚିହ୍ନଟରେ ସାମ୍ପ୍ରତିକ ଅଗ୍ରଗତି ଉପରେ ଆଲୋକପାତ କରିଥିଲେ । ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ୍ ଆଣ୍ଡ କମ୍ପ୍ୟୁଟର ସାଇନସ୍ସେର ସହକାରୀ ପ୍ରଫେସର ଡକ୍ଟର ସାୟନ ଦେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଗବେଷକ ଏବଂ ଛାତ୍ରଛାତ୍ରୀମାନଙ୍କର ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଏବଂ ଏହା ଇଲେକ୍ଟ୍ରୋନିକ୍ସ, ସେନ୍ସିଂ ପ୍ରଯୁକ୍ତିବିଦ୍ୟା ଏବଂ ଜଳବାୟୁ-ପ୍ରାସଙ୍ଗିକ ଇଞ୍ଜିନିୟରିଂ ସମାଧାନ କ୍ଷେତ୍ରରେ ଅତ୍ୟାଧୁନିକ ବିକାଶ ଉପରେ ଶୈକ୍ଷିକ ପାରସ୍ପରିକ କ୍ରିୟା ପାଇଁ ଏକ ମୂଲ୍ୟବାନ ପ୍ଲାଟଫର୍ମ ପ୍ରଦାନ କରିଥିଲା ।

# ପୌର ଅଧିକାରୀଙ୍କ ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**



ଚୌଦ୍ୱାର ପୌର ନିର୍ବାହୀ ଅଧିକାରୀ ୧୭ ନମ୍ବର ୱାର୍ଡ଼ ପରିଦର୍ଶନ କରି ୱାର୍ଡ଼ରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଥିଲେ । ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର ୱାର୍ଡ଼ରେ ହେଉଥିବା ରାସ୍ତା ଓ ଡ୍ରେନ୍ କାର୍ଯ୍ୟ ବୁଲି ଦେଖିବା ସହିତ ୱାର୍ଡ଼ର ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ । ଏଥିସହିତ ଧୂମାବତୀ ନଗରରେ ଉପୁଜିଥିବା ଜଳବନ୍ଦୀ ସମସ୍ୟା ସମ୍ପର୍କରେ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଆଲୋଚନା କରିବା ସହିତ ଅଞ୍ଚଳ ବୁଲି ଦେଖିଥିଲେ । ସରକାରୀ ନିୟମ ଅନୁସାରେ ଯାହା ସମ୍ଭବ ତାହା ଖୁବ୍‌ଶିଘ୍ର କରାଯିବ ବୋଲି ଉପସ୍ଥିତ ବାସିନ୍ଦା ମାନଙ୍କୁ ପ୍ରତିଶ୍ରୁତି ଦେବା ସହିତ ଏଦିଗରେ ସେମାନଙ୍କ ସହଯୋଗ ଲୋଡ଼ିଥିଲେ । ସୂଚନାଯୋଗ୍ୟଯେ ଧୂମାବତୀ ନଗରବାସୀ ଦୀର୍ଘଦିନ ହେଲା ଜଳବନ୍ଦୀ ସମସ୍ୟା ଭୋଗ କରୁଥିବାରୁ ଏହାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦାମାନଙ୍କ ତରଫରୁ ପୌର ନିର୍ବାହୀ ଅଧିକାରୀଙ୍କୁ ନିବେଦନ କରି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ଓ ମ୍ୟୁନିସିପାଲ ଇଂଜିନିୟର ସଂଜୟ କୁମାର ସାମଲ ଏଥିରେ ଉପସ୍ଥିତ ଥିଲେ ।

# ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟା ଜ୍ଞାନ ଅଗ୍ରଗତିର ସମୀକ୍ଷା ବୈଠକ

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**



ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକଙ୍କ ଅଧ୍ୟକ୍ଷତାରେ ଏଫଏଲଏନ ଜିଲ୍ଲା ପରିଚାଳନା କମିଟି ତଥା ଜିଲ୍ଲା ପ୍ରକଳ୍ପ ପରିଚାଳନା ଯୁଗ୍ମ (ଏଫଏଲଏନ-ଡିଏସସି-ଡିପିଏମୟୁ) ସହିତ ଜିଲ୍ଲାରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ (ଏଫଏଲଏନ) ର ଅଗ୍ରଗତି ନିମନ୍ତେ ବର୍ଷର ଦ୍ୱିତୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏହି ସମୀକ୍ଷା ବୈଠକ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ, ବାଲେଶ୍ୱର, ରେମୁଣା ଆନୁକୂଲ୍ୟରେ ହୋଇଛି । ଏହି ବୈଠକରେ ଜିଲ୍ଲାର ପ୍ରାଥମିକ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼, କରିବା ଦିଗରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ଏହି ସମୀକ୍ଷାରେ ଏଫଏଲଏନ କାର୍ଯ୍ୟକ୍ରମର ବର୍ତ୍ତମାନର ଅଗ୍ରଗତି, ଏପର୍ଯ୍ୟନ୍ତ ହାସଲ ହୋଇଥିବା ଶିକ୍ଷଣ ଫଳାଫଳ ଏବଂ ଭବିଷ୍ୟତର କର୍ଯ୍ୟାନ୍ୱୟନ ପାଇଁ ରାଜନୈତିକ ଯୋଜନା ବିଷୟରେ ପୁଙ୍ଖାନପୁଙ୍ଖ ସାରାଂଶ ପ୍ରସ୍ତୁତ କରାଯାଇ ଆଗାମୀ ଦିନରେ କିଭଳି ଅଧିକରୁ ଅଧିକ ଏହି ଯୋଜନାର ସୁଫଳ ମିଳିପାରିବ ସେ ବିଷୟରେ ଆଲେଚନା କରାଯାଇଥିଲା । ଉକ୍ତ ବୈଠକରେ ପିଲାମାନଙ୍କର ପ୍ରାରମ୍ଭିକ ବୟସରେ ଦୃଢ଼ ଶିକ୍ଷାଗତ ଭିତ୍ତି ସ୍ଥାପନ ନିମନ୍ତେ ପ୍ରତ୍ୟେକ ପ୍ରାରମ୍ଭିକ ଶ୍ରେଣୀ ଛାତ୍ରଛାତ୍ରୀ ମାନେ ସାକ୍ଷରତା ଓ ସଂଖ୍ୟା ଜ୍ଞାନରେ ଆବଶ୍ୟକୀୟ ଭିତ୍ତିଭୂମି ହାସଲ କରିବା ଦିଗରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାପିତ ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବା ପାଇଁ ମତ ପ୍ରକାଶ ପାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଏ ସମସ୍ତ କାର୍ଯ୍ୟକ୍ରମର ମନିଟରିଙ୍ଗ, ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ପଛ ଧାଡ଼ିରେ ରହିଯାଉଥିବା ପିଲା ତଥା ଉପରୋକ୍ତ ମନିଟରିଙ୍ଗ ଦୃଢ଼ୀଭୂତ କରିବା ଉପରେ ମତାମତ ରଖିଥିଲେ ଏବଂ ଏ ସମସ୍ତ ବିଷୟ ଉପରେ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦେଇଥିଲେ । ଏହି ବୈଠକରେ ଏଫଏଲଏନ-ଡିଏସସି-ଡିପିଏମୟୁର ସମସ୍ତ ସଦସ୍ୟ ଓ ସଦସ୍ୟା ମାନେ ଉପସ୍ଥିତ ରହିଥିଲେ ।

# ସର୍ବଭାରତୀୟ ଜେଇ ମେନ୍ ପରୀକ୍ଷାରେ ପ୍ରତୀକ୍ଷାଙ୍କ କୃତିତ୍ୱ

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**



ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅଭୟ ପୁର ପଞ୍ଚାୟତ ରତନପୁର ଗ୍ରାମର ମନୋଜ କୁମାର ରାଉତ ଓ ବବିତାଙ୍କ ଝିଅ ପ୍ରୀତିକ୍ଷା ରାଉତ ସର୍ବଭାରତୀୟ ସ୍ତରରେ ଜେଇ ମେନ୍ ପରୀକ୍ଷା ରେ ୯୮.୩୩%ଭାଗ ମାର୍କ ରଖି ରାଜ୍ୟରେ କୃତିତ୍ୱ ହାସଲ କରିଛନ୍ତି । ଏହି ପରୀକ୍ଷା ଗତ ଜାନୁଆରୀ ମାସ ୨୬ ତାରିଖରେ ହୋଇଥିଲା ଏହାର ପରୀକ୍ଷା ଫଳ ଚଳିତ ମାସ ୧୬ ତାରିଖରେ ପ୍ରକାଶ ପାଇଛି । ପ୍ରକାଶ ଯେ ସର୍ବଭାରତୀୟ ସ୍ତରରେ ଏହି ପରୀକ୍ଷାରେ ୧୮ଜଣ ପରୀକ୍ଷାର୍ଥୀ ୯୮.୩୩% ଅଧିକା ମାର୍କ ରଖି ଚଳିତବର୍ଷ ଉତ୍ତୀର୍ଣ୍ଣ ହୋଇଥିଲାବେଳେ ସେଥି ମଧ୍ୟରୁ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅଭୟ ପୁର ପଞ୍ଚାୟତ ରତନପୁର ଗ୍ରାମର ମନୋଜ ରାଉତ ଝିଅ ପ୍ରୀତିକ୍ଷା ରାଉତ ଏହି କୃତିତ୍ୱ ଅର୍ଜନ କରି ଯାଜପୁର ଜିଲ୍ଲା ଓ ଧର୍ମଶାଳା ନିର୍ବାଚନମଣ୍ଡଳୀ ପାଇଁ ଗୌରବ ଆଣି ଦେଇଛନ୍ତି । ଏଥିପାଇଁ ଯାଜପୁର ଜିଲ୍ଲାର ଏବଂ ଏ ଅଞ୍ଚଳର ଥିବା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରୀତିଖ୍ୟାଙ୍କ କୃତିତ୍ୱ ପାଇଁ ଶୁଭେଚ୍ଛାର ଶୁଅ ଛୁଟୁଛି । ତାଙ୍କ ପିତାମାତା ଧର୍ମଶାଳା ବ୍ଲକ ଜାରକା ଜାମୁବଣିଆରେ ଥିବା ଡ. ଏ.ପି.ଜେ. ଅବଦୁଲ କଲାମ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ପ୍ରଧାନଶିକ୍ଷକ ଓ ସଭାପତି ଅଟନ୍ତି । ବିଶେଷ କରି ପ୍ରୀତିଖ୍ୟା କୌଣସି କୋଚିଂ ନ ନେଇ ନିଜର ଅଜସ୍ର ପରିଶ୍ରମ, ନିଷ୍ଠା ଓ ଦୃଢ଼ ସଂକଳ୍ପ ପାଇଁ ଏ କୃତିତ୍ୱ ମିଳିପାରିଛି ବୋଲି ତାଙ୍କ ପରିବାର କହିଛନ୍ତି । ଏ ଅଞ୍ଚଳର ଯୁବପିଢି ପାଇଁ ପ୍ରେରଣା ଆଣିଦେବ ବୋଲି ତାଙ୍କ ପିତା ମନୋଜ କହିଛନ୍ତି ।

# ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ



**କେନ୍ଦ୍ରାପଡା,ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍.ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷାବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣକୁମାର ନାୟକ, ଜିଲ୍ଲାର ସମସ୍ତ ତହସିଲ୍‌ଦାର, ଅତିରିକ୍ତ ତହସିଲ୍‌ଦାର, ଜିଲ୍ଲା ରାଜସ୍ୱ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ରାଜସ୍ୱ ଆଦାୟ, ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଘର ଡିହ ପ୍ରଦାନ, ପଟ୍ଟା ସଂଶୋଧନ, ଦାଖଲ ଖାରଜ ମାମଲା ଫଏସଲା, ସରକାରୀଜମି ଜବରଦଖଲ ଉଚ୍ଛେଦ, ଜମି ଚିହ୍ନଟ କରଣ ଓ ମାପ, ଉଚ୍ଛେଦ କରିବା, ବାଲି, ମାଟି ଚୋରା ଚାଲାଣ ବନ୍ଦ କରିବା ସହିତ ଗାଡି ଜବତ କରି ଜୋରିମାନା ଆଦାୟ କରିବା, ବେଆଇନ ଇଟା ଭାଟି ଉପରେ ଚଢାଉ କରିବା ଆଦି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଜିଲ୍ଲାପାଳ ଆଇ.ଆର୍ ମାର୍ଚ୍ଚ ମାସ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ରାଜସ୍ୱ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ବିଦ୍ୟାଳୟର ବାର୍ଷିକୋତ୍ସବ — ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

**ରମ୍ଭା, ନ୍ୟୁଜ ବ୍ୟୁରୋ**




ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆର. ବାହାଡାପଲ୍ଲୀରେ ୭୭ତମ ବାର୍ଷିକ ଉତ୍ସବ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ନିର୍ଦ୍ଧାରିତ ସୂଚୀ ପ୍ରକାରେ କାର୍ଯ୍ୟକ୍ରମ ପରିଚାଳିତ ହେବା ସହ ଗଣେଶ ଚନ୍ଦ୍ର ଦଳ ବେହେରା ସଂଯୋଜକ ରହିଥିଲେ । ଆୟୋଜିତ କାର୍ଯ୍ୟକ୍ରମର ମଞ୍ଚାସିନ ତଥା ନିମନ୍ତ୍ରିତ /ଆମନ୍ତ୍ରିତ ଅତିଥି ମାନଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦିଆଯାଇଥିଲା । ଶ୍ରୀମତୀ ରେଖା କୁମାରୀ ଜାଲି (ମୁଖ୍ୟ ଅତିଥି), ନିରଞ୍ଜନ ସାହୁ (ମୁଖ୍ୟ ବକ୍ତା), ସୁଦାମ ନାୟକ (ପୂର୍ବତନ ସରପଞ୍ଚ), ବି. ଲକ୍ଷ୍ମଣ ପ୍ରଧାନ (ଗ୍ରାମ୍ୟ କମିଟି ସଭାପତି), କୃଷ୍ଣ ଚନ୍ଦ୍ର ବେହେରା (ଅବସର ପ୍ରାପ୍ତ ସି. ଆର. ସି. ସି ), ସନ୍ନ୍ୟାସୀ ଲେଙ୍କା (ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ),ଡ଼ଃ ଦ୍ୱାରିକାନାଥ ମହାରଣା (ସି. ଆର. ସି. ସି କନକା ), ସୁଶାନ୍ତ ପ୍ରତିହାରି (ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପାରିଛକ ହାଇସ୍କୁଲ ଖୋର୍ଦ୍ଧା ), ପ୍ରଫୁଲ୍ଲ ଚନ୍ଦ୍ର ଦାସ ପ୍ରମୁଖ ମଞ୍ଚାସିନ ହୋଇ ଉପସ୍ଥିତ ଛାତ୍ର ଛାତ୍ରୀ, ଅଭିଭାବକ /ଅଭିଭାବିକା ମାନଙ୍କୁ ବିଭିନ୍ନ ବକ୍ତା ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଉପରେ କଟକଣା, ଡିଜିଟାଲ ଦୁନିଆରେ ମୋବାଇଲର ଅପବ୍ୟବହାର, ମୌଳିକ ସମସ୍ୟା, ଗୁଣାତ୍ମକ ଶିକ୍ଷା, ଦେଶ ବିଦେଶରେ ଶିକ୍ଷାର ବିକାଶ ସହିତ ଭାରତ ସମତୁଲ ହେବା ଲକ୍ଷରେ ମାର୍ଗ ଦର୍ଶନ ଦେଇଥିଲେ ।କାର୍ଯ୍ୟକ୍ରମର ଅୟମାରମ୍ଭ ପୂର୍ବରୁ ସଚ୍ଚିଦାନନ୍ଦ ବେହେରା ପ୍ରଧାନ ଶିକ୍ଷକ (ବାଉରୀ ଗଣ୍ଡାପଲ୍ଲୀ), ମନ୍ତ୍ର ପାଠ କରିଥିଲେ । ରବୀନ୍ଦ୍ର କୁମାର ନାହାକ (ସି.ଆର.ସି.ସି)ଧନ୍ୟବାଦ ଦେଇଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ବିଭାଗର କୃତକାର୍ଯ୍ୟ ଛାତ୍ର ଛାତ୍ରୀମାନଙ୍କୁ ମଞ୍ଚାସିନ ବ୍ୟକ୍ତିମାନେ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ଏକ ଶିକ୍ଷାନୁଷ୍ଠାନର ଉତ୍ସହିତ କଳାକାର ମାନଙ୍କୁ ନେଇ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଆତ୍ମ ବିଭୋରରେ ଝୁମିଥିଲେ ଦର୍ଶକ । ଶିବିର ପରିଚାଳନାରେ ଶିକ୍ଷାନୁଷ୍ଠାନର ଶିକ୍ଷକ /ଶିକ୍ଷୟତ୍ରୀ ସନ୍ତୋଷ କୁମାର ପଟ୍ଟନାୟକ, ଅଂଶୁମାଳୀ ବେହେରା, ଗୀତାଞ୍ଜଳି ମଙ୍ଗରାଜ, ଉପାସନା ମହାନ୍ତି, ପ୍ରକାଶ ପ୍ରଧାନ, ସୁବାସ ପ୍ରଧାନ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

# ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କ ବୈଠକ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ବିଭିନ୍ନ ଚିଟ୍‌ଫଣ୍ଡ ସଂସ୍ଥାରେ ହଜାର ହଜାର ନିରୀହ ଲୋକ ଟଙ୍କା ରଖିଥିଲେ । ଏହି ସଂସ୍ଥାଗୁଡିକ ହଠାତ୍ ଉଭାନ୍ ହୋଇଯିବା ଫଳରେ ନିରୀହ ଲୋକମାନେ ସର୍ବସ୍ୱ ହରାଇ ନିରାଶ ହୋଇଛନ୍ତି । ଏ ବାବଦରେ ନିଜର ଟଙ୍କା ଫେରସ୍ତ ପାଇବା ପାଇଁ ଜମାକାରୀମାନେ ୨୦୧୩ ମସିହାଠାରୁ ରାଜ୍ୟ ସରକାରଙ୍କ ନିକଟରେ ଦାବିକରି ଆସୁଛନ୍ତି । ସରକାର ଜମାକାରୀଙ୍କ ଅଭିଯୋଗକୁ ଗୁରୁତର ସହ ଗ୍ରହଣକରି କ୍ଷତିଗ୍ରସ୍ତଙ୍କୁ ଟଙ୍କା ଦେବା ପାଇଁ ଘୋଷଣା କରିଛନ୍ତି ଏବଂ କେତେକ ଜିଲ୍ଲାରେ କ୍ଷତିଗ୍ରସ୍ତଙ୍କୁ ଟଙ୍କା ପ୍ରଦାନ କରାଯାଇଛି । ଏ ନେଇ କେନ୍ଦ୍ରାପଡା ଜିଲ୍ଲା ସଂଘ ତରଫରୁ ଶତାଧିକ କ୍ଷତିଗ୍ରସ୍ତ ଯଶୋବ' ନାରାୟଣ ପଣ୍ଡା, ରତ୍ନାକର ବରାଳ, ରନ କୁମାର ସାହୁ, ଗୋଲଖ ବିହାରୀ ମହାରଣା, ବିଭୂତିଭୂଷଣ ନାୟକ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଜମାକାରୀଙ୍କ ଟଙ୍କା ଫେରସ୍ତ ପାଇବା ପାଇଁ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି ।

# କୃତ୍ରିମ ବୁଦ୍ଧିମତ୍ତା ମଞ୍ଚରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଦବଦବା

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**




"କୃତ୍ରିମ ବୁଦ୍ଧିମତ୍ତା କେବଳ ବୈଷୟିକ ପ୍ରଗତିର ମାଧ୍ୟମ ନ ସାଜି ସାମାଜିକ ରୂପାନ୍ତରଣର ମାଧ୍ୟମ ପାଲଟୁ । ସେଥିପାଇଁ ଏହାକୁ ସୁଲଭ, ନୈତିକ ଏବଂ ଲୋକାଭିମୁଖୀ କରିବା ନେଇ ଉଦ୍ୟମ ହେଉ ।" ଫେଡେରେସନ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ-ଫିକ୍କି ପକ୍ଷରୁ ଫେବୃଆରି ୧୬ ରୁ ୨୦ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀ ଠାରେ ଆୟୋଜିତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ଉପରେ ଶିଖର ସମ୍ମିଳନୀ 'ଭାରତ-୨୦୨୬'ରେ ଅତିଥି ବକ୍ତା ଭାବରେ ଯୋଗଦେଇ ଏକଥା କହିଛନ୍ତି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳାଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ । ପ୍ରଫେସର କୁଲକର୍ଣ୍ଣୀ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଯୋଗଦାନ ସମ୍ପର୍କରେ ଆଲୋଚନା କରି କହିଥିଲେ, ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ରୂପାୟନ ସହ ବିଭିନ୍ନ ବିଭାଗରେ କୃତ୍ରିମ ବୁଦ୍ଧିମତ୍ତା ସାମିଲ କରାଯାଉଛି । ଏଥିସହ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏବଂ ଶିକ୍ଷାନୁଷ୍ଠାନମାନଙ୍କ ସହ ଏହାର ସହଭାଗିତା ମଧ୍ୟ ଗଢ଼ିଉଠିଛି । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସମକାରୀ ସଂସ୍ଥାମାନଙ୍କ ସହ ମଧ୍ୟ ସମନ୍ୱୟ ରଖି କାର୍ଯ୍ୟ କରୁଛି । ସାଇବର ସୁରକ୍ଷା ଏବଂ ଡିଜିଟାଲ ମାନବବାଦ କ୍ଷେତ୍ରରେ ଉତ୍କୃଷ୍ଟ କେନ୍ଦ୍ର ସ୍ଥାପନ ପାଇଁ ପଦକ୍ଷେପ ନେଉଛି । ମହିଳା, ଗ୍ରାମାଞ୍ଚଳର ଉଦ୍ୟୋଗୀ ଏବଂ କ୍ଷୁଦ୍ର ବ୍ୟବସାୟୀମାନଙ୍କ ପର୍ଯ୍ୟନ୍ତ କୃତ୍ରିମ ବୁଦ୍ଧିମତ୍ତା କିଭଳି ପହଞ୍ଚି ପାରିବ, ସେଥିପାଇଁ ପ୍ରୟାସ ଜାରି ରହିଛି । ଏହି ଅବସରରେ ଏପିସିଓର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମିଷ୍ଟର ବ୍ରାଡ୍ ଷ୍ଟେପଲ୍ସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ୨୫ରୁ ଊର୍ଦ୍ଧ୍ୱ ରାଷ୍ଟ୍ରାଧ୍ୟକ୍ଷ ତଥା ୧୦୦ରୁ ଊର୍ଦ୍ଧ୍ୱ ଦେଶର ୩୫ ହଜାରରୁ ଅଧିକ ପ୍ରତିନିଧିଙ୍କ ସହଭାଗିତାରେ ଏହି ସମ୍ମିଳନୀ ବିଶ୍ୱର ଏକ ପ୍ରମୁଖ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀ ପାଲଟିଥିଲା । ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦ୍ୱାରା ପରିକଳ୍ପିତ 'ପରମ ବୁଦ୍ଧିମତ୍ତା ସଂସ୍ଥାନ' ଠାରୁ ପ୍ରେରଣା ନେଇ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କିଭଳି ବୈଷୟିକ ଶିକ୍ଷାରେ ନୂତନତ୍ୱକୁ ମାନବୀୟ ମୂଲ୍ୟବୋଧ ସହ ଯୋଡ଼ି ଅଗ୍ରସର ହେଉଛି, ପ୍ରଫେସର କୁଲକର୍ଣ୍ଣୀ ତାହା ପୁନର୍ବାର ପ୍ରମାଣିତ କରିଥିଲେ ।





## ସମାଜରୁ ଅନ୍ଧ ବିଶ୍ୱାସ ଓ କୁସଂସ୍କାର ଦୂର ପାଇଁ ପଦକ୍ଷେପ

# ଡାହାଣୀ ସନ୍ଦେହରେ ହେଉଥିବା ଅମାନୁଷିକ ନିର୍ଯାତନା ରୋକାଯାଉ

**କେନ୍ଦୁଝର, ନ୍ୟୁଜ**

ସମାଜରୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର କରିବା ସହ ଡାହାଣୀ ସନ୍ଦେହରେ ହେଉଥିବା ଅମାନୁଷିକ ନିର୍ଯାତନାକୁ ରୋକିବା ପାଇଁ ଆଜି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍ ଠାରେ ଜିଲ୍ଲା ସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ କ୍ରମେ କେନ୍ଦୁଝର ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗଦେଇ ମହିଳାମାନଙ୍କ ସୁରକ୍ଷା ଓ ଆଇନଗତ ଅଧିକାର ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ଡାହାଣୀ ସନ୍ଦେହ କରି ଜଣେ ମହିଳାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଏକ ଗୁରୁତର ଅପରାଧ। ଅନେକ ସମୟରେ କେବଳ ସନ୍ଦେହ ଆଧାରରେ ନିରୀହ



ମହିଳାମାନଙ୍କୁ ସମାଜରୁ ବାସନ୍ଦ କରାଯାଇଥାଏ, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସଚେତନତା ଓ ଶିକ୍ଷା ହିଁ ସମାଧାନ ଶ୍ରୀମତୀ ତ୍ରିପାଠୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଏହି କୁପ୍ରଥାକୁ କେବଳ ପୋଲିସ ବା ଆଇନ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଦୂର କରାଯାଇପାରିବ ନାହିଁ। ଏଥିପାଇଁ ସମ୍ବେଦନଶୀଳତା ଗ୍ରାମାଞ୍ଚଳରେ ଲୋକଙ୍କୁ ଏହି ଅନ୍ଧବିଶ୍ୱାସ ବିଷୟରେ ସଚେତନ କରାଇବା ଆବଶ୍ୟକ। ଶିକ୍ଷାର ପ୍ରସାର ଦ୍ୱାରା ହିଁ ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର ହୋଇପାରିବ। ସେହିପରି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭା ସ୍ୱାଇଁ କହିଥିଲେ ଏହି ସମସ୍ୟା କେବଳ ଗାଁରେ ସୀମିତ ନାହିଁ, ବରଂ ସହରାଞ୍ଚଳ ରେ ମଧ୍ୟ ଦେଖିବାକୁ ମିଳୁଛି। ଲୋକଙ୍କ ମାନସିକ ଅବସ୍ଥାକୁ ଲକ୍ଷ୍ୟ କରି ସେମାନଙ୍କୁ ଗୁଣିଗାରେଡି ଉପରେ ବିଶ୍ୱାସ କରିବାକୁ ବାଧ କରାଯାଏ। ଯେତେବେଳେ ଜଣେ ବ୍ୟକ୍ତି ମନରେ ଡରର ବସା ବାନ୍ଧିଯାଏ, ସେତେବେଳେ ତାର ଅନ୍ଧବିଶ୍ୱାସ ପ୍ରତି ଭରସା ଆହୁରି ବଢ଼ିଯାଏ। ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ରୋଜଗାରର ଘୋର ଅଭାବ ଯୋଗୁଁ ନିରୀହ ଲୋକମାନେ ସହଜରେ ଏହି ଭ୍ରାନ୍ତ ଧାରଣାର ଶିକାର ହେଉଛନ୍ତି।? ଯଦି ଆମେ ମନରୁ ଅନ୍ଧବିଶ୍ୱାସର ଡର ଦୂର କରିପାରିବା, ତେବେ ଯାଇ ସମାଜରୁ ଏହି ବ୍ୟାଧିକୁ ସମ୍ପୂର୍ଣ୍ଣ ରୂପେ ଦୂର କରାଯାଇପାରିବ।ଏହି କର୍ମଶାଳା ରେ ଆଇନଜୀବୀ ସୁନୀଲ କୁମାର ମହାନ୍ତ ଯୋଗଦେଇ ଓଡ଼ିଶା ଡାହାଣୀ ନିର୍ଯାତନା ନିରୋଧ ଆଇନ-୨୦୧୩ ସମ୍ପର୍କରେ ଆଲୋକପାତ କରିଥିଲେ। କେବଳ ଆଇନ ମାଧ୍ୟମରେ ଦଣ୍ଡ ବିଧାନ କରିଦେଲେ ସମାଜ ବଦଳିବ ନାହିଁ। ଏହି ରୋଗ ଓ କୁପ୍ରଥାର ସମାଧାନ ହେଉଛି ଲୋକଙ୍କ ମଧ୍ୟରେ ଥିବା ଭୁଲ୍ ମାନସିକତାକୁ ବଦଳାଇବା। ଲୋକଙ୍କ ମନରେ ଥିବା 'ଡର' ଏବଂ 'ଅନ୍ଧବିଶ୍ୱାସ'କୁ ପ୍ରଥମେ ବାହାର କରିବା। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇ କହିଥିଲେ ଆଜିର ଆଧୁନିକ ଯୁଗରେ ମଧ୍ୟ ଡାହାଣୀ ସନ୍ଦେହ ଭଳି ଅନ୍ଧବିଶ୍ୱାସ ସମାଜରେ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଶେଷ କରି ଆଦିବାସୀ ବହୁଳ ଅଞ୍ଚଳରେ ଲୋକଙ୍କୁ ସଚେତନ କରିବା ଏବଂ ଶିକ୍ଷାର ପ୍ରସାର କରିବା ଦ୍ୱାରା ହିଁ ଏହି କୁପ୍ରଥାକୁ ମୂଳୋତ୍ପାଟନ କରାଯାଇପାରିବ। ଡାହାଣୀ ସନ୍ଦେହରେ କାହାକୁ ନିର୍ଯାତନା ଦେଲେ ଓଡ଼ିଶା ଡାହାଣୀ ଶିକାର ନିବାରଣ ଆଇନ ଅନୁଯାୟୀ କଠୋର ଦଣ୍ଡବିଧାନ ରହିଛି। ଜରୁରୀକାଳୀନ ସ୍ଥିତିରେ ମହିଳା ସହାୟତା ପାଇଁ ୧୮୧, ଶିଶୁଙ୍କ ପାଇଁ ୧୦୯୮ ଏବଂ ପୋଲିସ ସହାୟତା ପାଇଁ ୧୧୨ ନମ୍ବରକୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଗ୍ରାମାଞ୍ଚଳରେ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଏହି ସଚେତନତା ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଆଶା ଓ ଅଙ୍ଗନୱାଡ଼ି କର୍ମୀ, ଜିଲ୍ଲାର ବିଭିନ୍ନ ବ୍ଲକରୁ ସିଡିପିଓ, ସୁପରଭାଇଜର ଏବଂ ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାସମାଜ ମଙ୍ଗଳ ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜ୍ୟ ପୋଲିସର ଅପରେସନ୍ ସାଇବର କବଚ

# ବ୍ରହ୍ମପୁର ପୋଲିସ ଜିଲ୍ଲାରେ ୫୧୮ ମ୍ୟୁଲ୍ ଆକାଉଣ୍ଟ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ବଢ଼ୁଛି ସାଇବର ଅପରାଧ । ଏହାକୁ ରୋକିବାକୁ ରାଜ୍ୟ ପୋଲିସ ପକ୍ଷରୁ ଅପରେସନ୍ ସାଇବର କବଚ କାର୍ଯ୍ୟକ୍ରମ ଚାଲିଛି । ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଅପରେସନ୍ ରାଜ୍ୟବ୍ୟାପୀ ଜୋରଦାର ଜାରି ରହିଛି । ଏହାରି ଅଧୀନରେ ବେନାମୀ ବ୍ୟାଙ୍କ ଆକାଉଣ୍ଟ୍ ଯାଞ୍ଚକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି । ବ୍ରହ୍ମପୁର ଏସ୍ ?ପି ଡ଼. ଶର୍ବଣା ବିବେକ୍ ଏମ୍ କହିଛନ୍ତି ପୋଲିସ ଜିଲ୍ଲାର ବିଭିନ୍ନ ବ୍ୟାଙ୍କରେ ଥିବା ମ୍ୟୁଲ୍ ଆକାଉଣ୍ଟ୍‌କୁ ଚିହ୍ନଟ କରାଯାଇଛି। ଏ ନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ୧୫/ ୨୦୨୬ ରେ ଏକ ମାମଲା ରୁଜୁ ହୋଇଛି। ୩୦ ଜଣ ମ୍ୟୁଲ୍ ଆକାଉଂଟଧାରୀଙ୍କୁ ନୋଟିସ୍ ହୋଇଛି । ବିଭିନ୍ନ ବ୍ୟାଙ୍କର ୨୬ଟି ବ୍ରାଂଚକୁ ୫୧୮ମ୍ୟୁଲ ଆକାଉଂଟର କାର୍ପଟଧାର ଛତିଶଗଡ଼ ଦୁର୍ଗ ଜିଲ୍ଲା ଭିଲାଇର ରବି ପ୍ରକାଶ ସାମନ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା କହିଛନ୍ତି । ରାଜ୍ୟରେ ମୋଟ ୧୧୬୭ଟି ମ୍ୟୁଲ୍ ଆକାଉଣ୍ଟ୍ ଯାଞ୍ଚ କରାଯାଇଛି । ଏହା ସହ ବେନାମୀ ବ୍ୟାଙ୍କ୍ ଆକାଉଣ୍ଟ୍ ସମ୍ପର୍କିତ ୮୨ଟି, ଚେକ୍ ଉଠାଣ ସମ୍ପର୍କିତ ୫ଟି ଓ ନକଲି ସିମ୍ କାର୍ଡ଼ ସମ୍ପର୍କିତ ୩ଟି ସାଇବର ମାମଲା ରୁଜୁ କରାଯାଇଛି । ସମାନ ଭାବେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ୧୫/୨୬ରେ ଏକ ମାମଲା ରୁଜୁ ହୋଇଛି । ମୋଟ ୫୧୮ଟି ମ୍ୟୁଲ୍ ଆକାଉଣ୍ଟକୁ ଚିହ୍ନଟ କରିବା ସହ ସମସ୍ତ ଆକାଉଣ୍ଟର ତଥ୍ୟ ବିଭିନ୍ନ ବ୍ୟାଙ୍କକୁ ମଗା ଯାଇଛି । ସେହିପରି ୩୦ଜଣ ମ୍ୟୁଲ୍ ଆକାଉଣ୍ଟ୍ ମାଲିକଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେମାନଙ୍କୁ ପୋଲିସ ନୋଟିସ୍ କରିଛି । ସେହିପରି ପୂର୍ବରୁ ମ୍ୟୁଲ୍ ଆକାଉଣ୍ଟ୍ ଅପରେଟର ଛତିଶଗଡ଼ ଅଂଚଳର ରବି ପ୍ରକାଶ ସାମନ୍ତଙ୍କୁ ଗିରଫ କରିଛି । ସେହିପରି ଆଉ ୬ଟି ମୁଲ୍ୟ ଆକାଉଣ୍ଟର ଅପରେଟର ଥିବା ଜଣେ ଅଭିଯୁକ୍ତଙ୍କୁ ଚିହ୍ନଟଠ କରାଯାଇଥିବା ବେଳେ ସେ ଏବେ ଗିରଫ ହୋଇ ଜେଲ୍‌ରେ ରହିଛି । ଖୁବ୍ ଶୀଘ୍ର ତାକୁ ରିମାଣ୍ଡରେ ଆଣି ପୋଲିସ ପଚରାଉଚରା କରିବ ବୋଲି ସୂଚନା ମିଳିଛି। ସୂଚନାଥାଉକି, ୨୦୨୪ ମସିହାରେ ଠକେଇରେ ବ୍ୟବହୃତ ହୋଇଥିବା ୩୪୬ଟି ମୁଲ୍ୟ ଆକାଉଣ୍ଟକୁ ପୂର୍ବରୁ ଚିହ୍ନଟ କରାଯାଇଥିଲା । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ସମନ୍ୱୟ ପୋର୍ଟାଲ୍ ଅଫ୍ ଇଣ୍ଡିଆନ୍ ସାଇବର କ୍ରାଇମ୍ କୋର୍ଡିନେସନ୍ ସେଂଟରର ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ୯୩/୨୦୨୫ ରେ ମାମଲା ରୁଜୁ ହୋଇଥିଲା । ଏହିପରି ୩୪୬ଟି ମ୍ୟୁଲ୍ ଆକାଉଣ୍ଟର ତଥ୍ୟ ପ୍ରଦାନ କରିବାକୁ ବିଭିନ୍ନ ବ୍ୟାଙ୍କକୁ ବ୍ରହ୍ମପୁର ସାଇବର ଥାନା ପକ୍ଷରୁ ଚିଠି କରାଯାଇଥିଲା । ଉକ୍ତ ଆକାଉଣ୍ଟକୁ ଫ୍ରିଜ୍ କରିବାକୁ ଚିଠିରେ ନିର୍ଦ୍ଦେଶ ରହିଥିଲା । ଏପରିକି ଶତାଧିକ ଆକାଉଣ୍ଟର ତଥ୍ୟ ପୋଲିସ ନିକଟରେ ପହଞ୍ଚିବା ବେଳେ ତାହାର ତଦନ୍ତ ଚାଲିଥିବା ଜଣାପଡ଼ିଛି ।

# ୫ ଡକାୟତ ଗିରଫ : ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଜବତ

**ସାଲେପୁର, ନ୍ୟୁଜ ବ୍ୟୁରୋ**

ଦିନରେ ଘୁଷୁରୀ ଚରାନ୍ତି ନ ହେଲେ ଭିକ୍ଷା କରନ୍ତି । ଏହି ସମୟରେ ଗାଁ ଗାଁ ବୁଲି ଚୋରି ପାଇଁ ବ୍ଲୁପ୍ରିଣ୍ଟ ତିଆରି କରନ୍ତି। ଆଉ ରାତି ହେଲେ ଯୋଜନା ମୁତାବକ ଡକାୟତି କରନ୍ତି। ଘରୁ ଲୁଟନ୍ତି ଲକ୍ଷ ଲକ୍ଷ ଟଙ୍କା। ଏହି ସମୟରେ ସେମାନଙ୍କୁ ପ୍ରତିହତ କଲେ ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରନ୍ତି। ଏଭଳି ଏକ ଡକାୟତି ଗ୍ୟାଙ୍ଗ କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ପୋଲିସ ହାତରେ ଧରାପଡ଼ିଛନ୍ତି। ଡକାୟତି ଗ୍ୟାଙ୍ଗରେ ୫ ଜଣ ଅଛନ୍ତି। ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ପୁଲିସ ଜବତ କରିଛି। ଗତ ମାସ ୨୪ ତାରିଖ ରାତିରେ ଭଦରେଶ୍ୱର ଥାନା ସିନ୍ଧୁପୁର ଗାଁର ଭୀମସେନ ଖଟୁଆଙ୍କ ଘରୁ ଡକାୟତି ହୋଇଥିଲା। ଏ ନେଇ ଥାନାରେ ମାମଲା ରୁଜୁ ହୋଇଥିଲା। ପୁଲିସ ଏହି ମାମଲାର ତଦନ୍ତ କରି ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଡେରାବିଶ ଅଞ୍ଚଳର ବିକାଶ ଦାସ, ସୁବ୍ରତ ଦାସ, ଚିତ୍ତରଞ୍ଜନ ଦାସ, ବିଚିତ୍ରାନନ୍ଦ କୁଣ୍ଡୁ



ଓ ଯାଜପୁର ଅଞ୍ଚଳର ଗୋପୀନାଥ ଦାସ। ସେମାନଙ୍କ ଠାରୁ ୬୧ଗ୍ରାମ ସୁନା ଅଳଙ୍କାର, ୩୮୬ଗ୍ରାମ ରୁପା, ୪ଟି ମୋବାଇଲ, ଗୋଟିଏ ଶାବଳ ଓ ଗୋଟିଏ ଲୁହା ରଡ଼ ଜବତ ହୋଇଛି। ଏମାନଙ୍କ ନାମରେ ରାଜ୍ୟର ଅନେକ ଥାନାରେ ମଧ୍ୟ ବହୁ ମାମଲା ଥିବା ସାଲେପୁର ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତି ସୂଚନା ଦେଇଛନ୍ତି।ଏଥିରେ ସାଲେପୁର , ମାହାଙ୍ଗା ଓ ଭଦ୍ରେଶ୍ୱର ଥାନା ଅଧିକାରୀ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡା ତହସିଲରେ ରାଜସ୍ୱ ଜନ ଶୁଣାଣି



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ତହସିଲରେ ଜିଲ୍ଲାପାଳଙ୍କ ରାଜସ୍ୱ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନା ତହସିଲଦାର କୁଇନ ଜେନା, ଅତିରିକ୍ତ ତହସିଲଦାର ସାଗରିକା ସେଠୀ, ନିରଞ୍ଜନ ଗୁରୁ ପ୍ରମୁଖ ଉପସ୍ଥିତ ରହି ଶତାଧିକ ରାଜସ୍ୱ ଜନ ଶୁଣାଣି କରିଥିଲେ । ଏହି ଜନ ଶୁଣାଣି ଶିବିରରେ ଘରବାରି, ମାପ, ବସୁନ୍ଧରା ଯୋଜନାରେ ଘରବାରି ପ୍ରଦାନ, ରେକର୍ଡ ସଂଶୋଧନ, ଦାଖଲ ଖାରଜ ମାମଲା ଆଦି ଶୁଣାଣି ହୋଇଥିଲା। ୧୦ଗୋଟି ଅଭିଯୋଗ ତୁର' ଫଏସଲା ହୋଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ତ୍ୱରିତ ଫଏସଲା କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ରାପଡା ତହସିଲ ଅଧିନରେ ଏହି ଶୁଣାଣି ଶିବିରକୁ ଆସିଥିବା ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ କରାଯାଇ ଥିଲା ।

## ଓଇଆରସି ଅଧ୍ୟକ୍ଷ ପ୍ରଦୀପ ଜେନାଙ୍କ ବିରୋଧରେ

# ଜନସ୍ୱାର୍ଥ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ

**କଟକ, ନ୍ୟୁଜ ବ୍ୟୁରୋ**



ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଓଇଆରସି ଅଧ୍ୟକ୍ଷ ପ୍ରଦୀପ କୁମାର ଜେନାଙ୍କ ବିରୋଧରେ ଦାୟର ଜନସ୍ୱାର୍ଥ ମାମଲା ହାଇକୋର୍ଟରୁ ପ୍ରତ୍ୟାହୃତ। ଆବେଦନକାରୀ ସୁବ୍ରତ କୁମାର ତ୍ରିପାଠୀଙ୍କ ତରଫରୁ ଦାୟର ଏ ସଂପର୍କିତ ଜନସ୍ୱାର୍ଥ ମାମଲାକୁ ପ୍ରତ୍ୟାହାର ପାଇଁ ଅନୁମତି ଲୋଡ଼ାଯାଇଥିଲା। ହାଇକୋର୍ଟ ଏଥିପାଇଁ ଅନୁମତି ଦେବା ସହିତ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ୨୦୨୫, ଏପ୍ରିଲ ୮ରେ ପ୍ରଦୀପ ଜେନା ଓଇଆରସି ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଓଇଆରସି ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିବା ବେଳେ ଗତ ବର୍ଷ ଭୁବନେଶ୍ୱର କ୍ଲବର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଓଇଆରସି ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିବାବେଳେ ଭୁବନେଶ୍ୱର କ୍ଲବର ସଭାପତି ହେବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ଦର୍ଶାଇ ଏହି ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ମାମଲାରେ ଶକ୍ତି ବିଭାଗ, ଓଇଆରସି, ପ୍ରଦୀପ ଜେନା ଓ ଭୁବନେଶ୍ୱର କ୍ଲବକୁ ପକ୍ଷଭୁକ୍ତ କରାଯାଇଥିଲା।

# ବୋହୁଚର୍ଚ୍ଚିତ ନାବାଳିକା ପ୍ରସବ ଘଟଣାରେ ସିଲ୍ ହେଲା ଲକ୍ଷ୍ମୀ ହସ୍ପିଟାଲ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ବହୁଚର୍ଚ୍ଚିତ ନାବାଳିକା ପ୍ରସବ ଘଟଣା ଦିନକୁ ଦିନ ମୋଡ଼ ବଦଳାଉଛି । ଘଟଣାକୁ ନେଇ ଆଜି ପ୍ରଶାସନ ତାରଫରୁ ସିଲ୍ ହୋଇଛି ଲକ୍ଷ୍ମୀ ହସ୍ପିଟାଲ । ଗୋଟିଏ ପଟେ ଲକ୍ଷ୍ମୀ ହସ୍ପିଟାଲରେ ବେଆଇନ ନାବାଳିକା ପ୍ରସବ ଘଟଣା ଅଭିଯୋଗ ଜୋର ଧରିଥିବା ନେଇ ଜଣେ ୭୦ ବର୍ଷୀୟାବୃଦ୍ଧ ଓ ହସ୍ପିଟାଲ ମାଲିକଙ୍କୁ ପୋଲିସ ଗିରଫ କରିଥିବା ବେଳେ ପ୍ରସବ କରାଇଥିବା ଡାକ୍ତର ଫେରାର ହୋଇ ଯାଇଛନ୍ତି । ଅନ୍ୟପଟେ ନାବାଳିକାର ପ୍ରସବ ଲକ୍ଷ୍ମୀ ହସ୍ପିଟାଲରେ ହୋଇଥିଲା ନା ପ୍ରକୃତରେ ଅନ୍ୟ କେଁଠାରେ ହୋଇଥିଲା ତାହା ବଡ଼ ପ୍ରଶ୍ନବାଚୀ ପାଲଟିଛି । କିଏ କହୁଛି ହସ୍ପିଟାଲରେ ନାବାଳିକାର ପ୍ରସବ କରାଯାଇଛି ତ କିଏ କହୁଛି ନାବାଳିକାର ଯନ୍ତ୍ରଣା ହେଉଥିରୁ ହସ୍ପିଟାଲରେ କେବଳ ଚେକ ପାଇଁ




ଆସିଥିଲା କିନ୍ତୁ ପ୍ରସବ ହୋଇନାହିଁ ପ୍ରସବ ଅନ୍ୟା କେଉଁଠାରେ ହୋଇଛି ବୋଲି । ତେବେ ଘଟଣାକୁ ନେଇ ପ୍ରଶାସନିକ ଅଧିକାରୀଙ୍କୁ ଏଯାଏଁ କୌଣସି ତଥ୍ୟ ପ୍ରମାଣ ମିଳିନଥିବା ବେଳେ ଉପରସ୍ତ ଅଧିକାରୀଙ୍କ ନିର୍ଦ୍ଦେଶରେ ଆଜି ଆମ୍ଭେ ହସ୍ପିଟାଲକୁ ସିଲ କରିଛୁ ବୋଲି କହନ୍ତି ଡ଼. ମନୋଜ କୁମାର ସେନାପତି । ତେବେ ଏତେବଡ ହସ୍ପିଟାଲରେ କୌଣସି ରୁମରେ ଗୋଟିଏ ସିସି ଟିଭି ଲାଗିଥିବା ଦେଖିବାକୁ ମିଳି ନଥିଲା । ଯାହାକୁ ନେଇ ସନ୍ଦେହ କରାଯାଇଛି । ସେପଟେ ପ୍ରଶାସନ ତରଫରୁ ହସ୍ପିଟାଲର ଗୋଟି ଗୋଟି କରି ରୁମ ଗୁଡ଼ିକ ଚେକ କରିବା ପରେ ହସ୍ପିଟାଲକୁ ସିଲକରି ଦିଆଯାଇଛି । ସୂଚନା ଥାଉକି କୋପଣ୍ଡ ମହନ୍ତ ସାହିର ଏକ ଭଡା ଘରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଞ୍ଚଳର ଜଣେ ବାପା ଓ ତାଙ୍କ ୧୬ ବର୍ଷୀୟା ନାବାଳିକା ଝିଅ ରହି କାମଧନ୍ଦା କରି ଚଳି ଆସୁଥିଲେ ଏବଂ ସେହି ନିକଟରେ ରହୁଥିବା ଜଣେ ୭୦ ବର୍ଷୀୟା ବୃଦ୍ଧଙ୍କ ଘରେ ନାବାଳିକା ଜଣକ କାମଧନ୍ଦା କରୁଥିଲେ । ସମ୍ପୃକ୍ତ ବୃଦ୍ଧଙ୍କ ଘରେ କେହି ରହୁ ନଥିବାରୁ ବୃଦ୍ଧ ଜଣକ ପ୍ରଲୋଭିତ କରି ନାବାଳିକା ସହିତ ବାରମ୍ବାର ଅନୈତିକ ସମ୍ପର୍କ କରିଥିବା ନେଇ ନାବାଳିକା ଜଣକ ପୋଲିସକୁ ବୟନ ଦେଇଥିଲା । ତେବେ ନାବାଳିକା ଜଣକ ୬ ମାସ ଗର୍ଭବତୀ ହେବା ପରେ ପେଟରେ ଅତ୍ୟଧିକ ଯନ୍ତ୍ରଣା ହେବାରୁ ଏହାକୁ ନଷ୍ଟ କରିବାକୁ ବୃଦ୍ଧ ଜଣକ ଔଷଧ ଦେଇଥିଲେ । କିନ୍ତୁ ଗର୍ଭ ନଷ୍ଟ ନେହେବାରୁ ପରେ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ତେବେ ସମ୍ପୃକ୍ତ ବୃଦ୍ଧ ଜଣକ ନାବାଳିକାଙ୍କୁ ଲକ୍ଷ୍ମୀ ହସ୍ପିଟାଲରେ ଭର୍ତ୍ତି କରି ପ୍ରସବ କରାଇଥିଲେ ବୋଲି ସ୍ଥାନୀୟ ଗ୍ରାମର ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ମହିଳା ସମିତି ଯାଜପୁର ରୋଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିବା ସହ ଥାନା ଆଗରେ ମହିଳା ସମିତି ପକ୍ଷରୁ ଜୋରଦାର ପ୍ରତିବାଦ କରାଯାଇଥିଲା । ତେବେ ଏ ଘଟଣା ଆଗକୁ କେଉଁ ମୋଡ଼ ନେଉଛି ଦେଖିବାକୁ ବାକି ରହିଲା ।

## ମେଗା ଜିଏସଟି ଠକେଇ

# ପାନ ଦୋକାନୀ ଓ ମୃତ ବ୍ୟକ୍ତିଙ୍କ ନାମରେ ଖୋଲାଯାଇଛି ଫାର୍ମ

**ଧାମନଗର, ନ୍ୟୁଜ ବ୍ୟୁରୋ**

ଧାମନଗର ଅଞ୍ଚଳରେ କବାଡିଆ ବ୍ୟବସାୟ ଏବେ କୋଟି କୋଟି ଟଙ୍କାର ଟିକସ ଫାଙ୍କିବାର ମାଧ୍ୟମ ପାଲଟିଛି। ଛତୁ ଫୁଟିଲା ଭଳି ଗଳିକନ୍ଦିରେ କବାଡିଆ ଦୋକାନ ଖୋଲିଥିବା ବେଳେ, ଅଧିକାଂଶ କବାଡିଆ ବ୍ୟବସାୟୀ ସରକାରୀ ନିୟମକୁ ବୁଢ଼ା ଆଙ୍ଗୁଠି ଦେଖାଇ ଏଝଞ୍ଜ ଠକେଇ କରୁଥିବା ଅଭିଯୋଗ ହୋଇଛି। ଆଶ୍ଚର୍ଯ୍ୟର କଥା ହେଉଛି, ଅନେକ ସ୍ଥାନରେ ସାଧାରଣ ପାନ ଦୋକାନୀ ଏବଂ ଏପରିକି ମୃତ ବ୍ୟକ୍ତିଙ୍କ ନାମରେ ଜାଲ କାଗଜପତ୍ର ପ୍ରସ୍ତୁତ କରି ଏଝଞ୍ଜ ଲାଇସେନ୍ସ ହାସଲ କରାଯାଇଛି।ସୂଚନା ଅନୁସାରେ, ଏହି ମାଫିଆମାନେ ଅତି ଚତୁରତାର ସହ ଗରିବ ଓ ଅସହାୟ ଲୋକଙ୍କ ଆଧାର କାର୍ଡ ଓ ପାନ କାର୍ଡ ହାତେଇ ନକଲି ଫାର୍ମ ତିଆରି କରୁଛନ୍ତି। ଫଳରେ କୋଟି କୋଟି ଟଙ୍କାର କାରବାର ହେଉଥିଲେ ମଧ୍ୟ ସରକାରଙ୍କ ଖାତାକୁ ଟିକସ ଯାଉନାହିଁ। ଯେଉଁଠି ଜଣେ ସାଧାରଣ ବ୍ୟବସାୟୀ ସଚୋଟତାର ସହ ଏଝଞ୍ଜ ପୈଠ କରୁଛି, ସେଠାରେ ଏହି ମାଫିଆମାନେ 'ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍' (ITC) ର ଦୁରୁପଯୋଗ କରି ସରକାରଙ୍କ ଆଖିରେ ଧୂଳି ଦେଇ ବେସ ହାତ ଚିକଣ କରୁଚନ୍ତି।ଏଝଞ୍ଜ ଆଇନ ଅନୁଯାୟୀ, ଜାଲିଆତି କରି ଟିକସ ଫାଙ୍କିବା ଏକ ସଂଜ୍ଞେୟ ଅପରାଧ, ଯଦି ଠକେଇ ପରିମାଣ ୫ କୋଟି ଟଙ୍କାରୁ ଅଧିକ ହୁଏ, ତେବେ ଅଭିଯୁକ୍ତଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହ ଜରିମାନା ହୋଇପାରେ, ଅନ୍ୟ ଜଣଙ୍କ ନାମରେ ବା ମୃତ ବ୍ୟକ୍ତିଙ୍କ ନାମରେ ଲାଇସେନ୍ସ କରିବା 'ଧାରା ୪୨୦' (ଠକେଇ) ଏବଂ ଜାଲିଆତି ଅନ୍ତର୍ଗତ ଆସେ। ନିୟମ ଅନୁସାରେ, GST ଅଧିକାରୀମାନେ ଯେକୌଣସି ସମୟରେ ବ୍ୟବସାୟ ସ୍ଥଳ ପରିଦର୍ଶନ କରି କାଗଜପତ୍ର ଯାଞ୍ଚ କରିପାରିବେ। ଯଦି ଠିକଣା ଭୁଲ୍ ଥାଏ, ତେବେ ତୁରନ୍ତ




ଏଝଞ୍ଜ ନମ୍ବର ରଦ୍ଦ କରାଯିବାର ନିୟମ ରହିଛି। ମାତ୍ର ମାଲିକ ମାନେ ବିଭାଗୀୟ ଅଧିକାରିଙ୍କୁ ହାତକରି ଏହି ବେଆଇନୀ କାମ କରୁଛନ୍ତି। ସ୍ଥାନୀୟ ସଚେତନ ନାଗରିକ ଓ ସଚୋଟ ବ୍ୟବସାୟୀଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜାଲ ଏଝଞ୍ଜ ଲାଇସେନ୍ସଧାରୀଙ୍କ ଯୋଗୁଁ ପ୍ରକୃତ ବ୍ୟବସାୟୀମାନେ କ୍ଷତି ସହୁଛନ୍ତି। ଏହି ରାକେଟ ପଛରେ କେଉଁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ରହିଛି, ତାହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହେଉଛି।ବର୍ତ୍ତମାନ ଦେଖିବାକୁ ବାକି ରହିଲା, ଜିଲ୍ଲା ପ୍ରଶାସନ ଓ ବାଣିଜ୍ୟିକ କର ବିଭାଗ ଧାମନଗର ଅଞ୍ଚଳର ଏହି କବାଡିଆ ବ୍ୟବସାୟୀଙ୍କ ଉପରେ କେବେ ଚଢ଼ାଉ କରୁଛନ୍ତି।ସୂଚନା ଥାଉକି ଧାମନଗର ଥାନାର ମାତ୍ର ୨ ଶହ ମିଟର ଦୁରରେ ହବିବିନଗର ରେ ପ୍ରାୟ ୨୦ ଟି ବେଆଇନି କବାଡ଼ିଆ ଦୋକାନ ଖୋଲା ଯାଇଥିବା ବେଳେ ମନ୍ଦିର ମସଜିଦି ଓ ରାସ୍ତା କଡରେ କବାଡିଆ ଦୋକାନ ଖୋଲାଯାଇ ଖୋଲମଖୁଲା ଏହି ବେପାର କରାଯାଉଚି । ଧାମନଗର, ଜୟନଗର, ଶ୍ୟାମପୁର, ହବିବିନଗର, ଦୋବଲ, ଖଡ଼ିପଦା, ସେଣ୍ଡପୁର, ଜାହାଙ୍ଗୀର ରୋଡ଼, ଧାମନଗର ଛକ,ଗୁଡପୋଖରୀ, ପନ୍ଦରବାଟିଆ ସମେତ ଗାଁ ଗହଳିରେ ଏହି ବେପାର କରାଯାଉଚି। ଏ ଦିଗରେ ଚୋରା ବେପାରୀ ମାନେ କୁହନ୍ତି ଥାନାକୁ ମାସିକ ବଟି ଦେଇ ଆମେ ବେପାର କରୁଚୁ।ତେବେ ସରକାରଙ୍କ ଆଖିର ଧୂଳି ଦେଇ ବର୍ଷ ବର୍ଷ ଧରି ଏପରି ଟିକସ ଫାଙ୍କି କୋଟିପତି ହେଉଥିବା କଳା ବେପାରୀଙ୍କ ପ୍ରତି କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ନିକଟରେ ଧାମନଗର ଥାନାକୁ ନୂଆ ଥାନା ଅଧିକାରି ଯୋଗ ଦେଇଥିବା ବେଳେ ବେଆଇନି କାବଡିଆ ଦୋକାନୀଙ୍କ ପ୍ରତି କି କାର୍ଯ୍ୟନୁଷ୍ଠାନ ନେଉଛନ୍ତି ଦେଖିବାକୁ ବାକିରହିଲା ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୭୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୮ / ୫ବୃ | ୩ଚ | ୪୨ / ଚନ୍ଦ୍ରଗୁଲଶ୍ରୁ |
| ୬ | ୧ / ୧ | ମ ୧୨ |
| ୭କେ / ୮ | ୯ | ୧୧ / ୧୦ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୩।୦୨।୨୦୨୬, ଫାଲ୍‌ଗୁନ ଦି୧୧ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୬।୧୩।୪୬ ଚନ୍ଦ୍ରୋଦୟ- ଦିଘ ୯।୫୭।୫୩**

**ଷଷ୍ଠୀ-** ଦିଘ ୯।୧୧ ପର୍ଯ୍ୟନ୍ତ । ଦ୍ୱିଜା ନକ୍ଷତ୍ର ଦିଘ ୪।୩୫ ପର୍ଯ୍ୟନ୍ତ। **ମେଷ ଚନ୍ଦ୍ର-** ରାଘ ୧୦।୧୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ରାଘ ୧୦।୧୪ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ମେଷ ରାଶିର । ରାଘ ୧୦।୧୪ ଗତେ ବିଛା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ଦିଘ ୯।୧୧ ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୧୫ ଗତେ ଦିଘ ୭।୪୩ ମଧ୍ୟେ । ଦିଘ ୧୦।୫୩ ଗତେ ଦିଘ ୧୧।୧ ମଧ୍ୟେ ।



**ମେଷ:** ମନରେ ଆନନ୍ଦ ଆସିବ । ବନ୍ଧୁଙ୍କ ସାଙ୍ଗ ଅସହଯୋଗ । ପୁରୁଣା କାର୍ଯ୍ୟରେ ସଫଳତା ଦେଖାଦେବ। ଆୟ ବ୍ୟୟର ପରିମାର ସମାନ ରହିବ । ଘରେ ଅଶାନ୍ତି ଦେଖାଦେଇପାରେ। ଦେହ ଭଲ ରହିବ ।



**ବୃଷ:** ଆଧ୍ୟାତ୍ମିକ ଚର୍ଚ୍ଚାରେ ସମୟ ଅତିବାହିତ କରିବେ । ଦେହ ଓ ମନରେ ଶାନ୍ତି ରହିବ । ଦେବ ଦର୍ଶନ ସହିତ ପୂଜାର ସୁଯୋଗ ସୃଷ୍ଟି ହେବ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ଲାଭ ହେବ ।



**ମିଥୁନ:** ଶରୀର ଅସୁସ୍ଥତା ଦେଖାଦେବ । ମନରେ ଅଶାନ୍ତି ଦେଖାଦେବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକା ହେବ। ପରିବାରରେ କଳହ ଯାତ ହେବ । ପିଲାମାନେ ସୁଖି ହେବେ । ମହିଳାମାନେ ଗର୍ବି ହେବେ



**କର୍କଟ:** ନୂତନ ଦାୟିତ୍ୱ ହାତିକୁ ଆସିପାରେ। ଦୂରକୁ ଯାତ୍ରା କରିପାରନ୍ତି । ଉତ୍ସାହ ବଢ଼ିବ ବନ୍ଧୁ ମିଳନରେ ଆପ୍ୟାୟିତ ହେବେ। ରୋଜଗାର ବଢ଼ିବ । ଘରେ ଶାନ୍ତି ଅକ୍ଷୂର୍ଣ୍ଣ ରହିବ। ଦେହ ମନ ଭଲ ରହିବ ।



**ସିଂହ:** ଆଜି ଆପଣଙ୍କ ଦିନଟି ସେତେ ଭଲ ନୁହେଁ । ତେଣୁ ସାବଧାନ ସହିତ ରହିବେ । କାର୍ଯ୍ୟହାନୀ । ଦୁର୍ଘଟଣାର ଶିକାର ହୋଇପାରନ୍ତି ।ଖର୍ଚ୍ଚର ମାତ୍ରା ଅଧିକା ହୋଇପାରେ। ଗୃହେ ଅଶାନ୍ତି ଦେଖାଦେଇପାରେ।



**କନ୍ୟା:** ଆପଣ ସବୁ ଦେଖିଶୁଣି ନିରବ ରହିବା ଭଲ । ଅନ୍ୟଥା କଳହ ଦେଖାଦେଇପାରେ। ବନ୍ଧୁ ଅକାଟ୍ୟ ଚୁକ୍ତି ଗ୍ରହଣ କରି ଖୁସି ହେବେ ପାରିବାରିକ ଆନନ୍ଦ ଦେଖାଦେବ। ଶରୀର ସୁସ୍ଥ ରହିବ ।



**ତୁଳା:** ସତର୍କ ନହେଲେ ଠକାମିର ଶିକାର ହେବେ । କ୍ରୋଧ ବଢ଼ିବ । ଭୁଲାପଣ ଆପଣଙ୍କୁ ବ୍ୟଥିତ କରିବ । ଦ୍ରବ୍ୟ ନଷ୍ଟର ଆଶଙ୍କା । ଆୟ ବ୍ୟୟର ପରିମାଣ ସମାନ ରହିବ । ଗୃହେ ଆନନ୍ଦ ଦେଖାଦେବ ।



**ବିଛା:** ନିଜର ପ୍ରତିଷ୍ଠାନ ପାଇଁ ଆତ୍ମା ତୃପ୍ତି ଅନୁଭବ କରିବେ। ସାମାଜିକ କାର୍ଯ୍ୟରେ ଯୋଗଦାନ କରି ପ୍ରଶଂସା ଲାଭ କରିବେ। ଆୟରେ ଉନ୍ନତି ହେବ । ପରିବାରରେ ଶ୍ରମ ବଢ଼ିବାର ସୂଚନା । ମନ ଭଲ ରହିବ ।



**ଧନୁ:** ଆୟ ଓ ବ୍ୟୟର ପରିମାଣ ସମାନ ରହିବ । କର୍ମ କ୍ଷେତ୍ରରୋ ସଫଳତା ପ୍ରାପ୍ତ ହେବ । ପୁରୁଣା କାର୍ଯ୍ୟ ହାତକୁ ଆସିବ । ଆଶାବାଦୀ ହୋଇ କାର୍ଯ୍ୟ କରିବେ । ଗୃହରେ ଜଞ୍ଜାଳ ବଢ଼ିବାର ସୂଚନା ।



**ମକର:** ଦୂର ଯାତ୍ରା ସଫଳ ହେବ । ସମସ୍ତ କାର୍ଯ୍ୟରେ ସହଯୋଗ ତଥା ସୌଜନ୍ୟ ଲାଭ ହେବ । ସମସ୍ୟାର ସମାଧାନ ହେବ । ପରେ ବନ୍ଧୁ ମିଳନର ଯୋଗ ରହୁଛି । ଆୟର ପରିମାଣ ବଢ଼ିବ ।ଦେହ ଭଲ ରହିବ ।



**କୁମ୍ଭ:** ନିଜର ଲୋକ ଦ୍ୱାରା ପ୍ରତାରିତ ହେବେ । କ୍ରୋଧ ମନରେ ଆସିବ । ତଥାପି ନିଜକୁ ସଂଯତ ରଖିଲେ ଭଲ । ରୋଜଗାର ପୂର୍ବପରି ରହିବ । ପରିବାର ବିରକ୍ତି ପ୍ରକାଶ ପାଇବ । ସମସ୍ତ ଆଡକୁ ନଜର ରଖି କାର୍ଯ୍ୟ କରିବେ ।



**ମୀନ:** ଦୂର ସ୍ଥାନରୁ ସମ୍ବାଦ ପ୍ରାପ୍ତି । ମନରେ ଆନନ୍ଦ ଆସିବ। ଦ୍ରବ୍ୟ ଲାଭ ଯୋଗ ରହୁଛି । ଆୟଠାରୁ ବ୍ୟୟର ମାତ୍ରା ଅଧିକା ହେବ । ପରିବାରରେ ହସଖୁସି ମିଳିବାର ସୂଚନା । ଉତ୍ତମ ଭୋଜନ ମିଳିବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍ ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା ୨୪।୦୨।୨୦୨୬, ଫାଲ୍‌ଗୁନଦି ୧୨ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୬।୧୩।୦୬ ଚନ୍ଦ୍ରୋଦୟ-ପ୍ରାଘ ୧୦।୪୫।୦୮**

**ସପ୍ତମୀ -** ପ୍ରାଘ ୭।୦୪ ଗତେ । ଅଷ୍ଟମୀ କ୍ଷେୟ କୃତ୍ତିକା ନକ୍ଷତ୍ର ଦିଘ ୩।୦୯ ପର୍ଯ୍ୟନ୍ତ **ବୃଷଚନ୍ଦ୍ର ଅହରାତ୍ର । ଚନ୍ଦ୍ରଶୁଦ୍ଧି-**ମେଷ,ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର **ଘାତ ଚନ୍ଦ୍ର-** ବିଛା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-**ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-**ତାଳ ପ୍ରାଘ୭।୦୪ଗତେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୯।୦୮ ଗତେ ଦିଘ ୧୦।୫୧ ମଧ୍ୟେ ଦିଘ ୧୧।୧ଗତେ ଦିଘ ୧।୨୮ ମଧ୍ୟେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ସୁପ୍ରିମକୋର୍ଟ ଦ୍ୱାରା ଟ୍ରମ୍ପଙ୍କ ଟାରିଫ୍ ରଦ୍ଦ !

ଟ୍ରମ୍ପଙ୍କ ଅତିରିକ୍ତ ଟାରିଫକୁ ସୁପ୍ରିମକୋର୍ଟ ବେଆଇନ ଘୋଷଣା କରିଛନ୍ତି । ସୁପ୍ରିମକୋର୍ଟଙ୍କ ଏଭଳି ଘୋଷଣା ପରେ ଏବେ ସାରା ବିଶ୍ୱର ବ୍ୟବସାୟୀଙ୍କ ନଜର ଟ୍ରମ୍ପ ପ୍ରଶାସନ ଉପରେ ରହିଛି । ଟ୍ରମ୍ପ ସରକାର ଲଗାଇଥିବା ବିବାଦୀୟ ଟାରିଫକୁ କୋର୍ଟ ରଦ୍ଦ କରିଦେଇଛନ୍ତି । କିନ୍ତୁ, ଏହି ନିଷ୍ପତ୍ତି ପରେ ସବୁଠାରୁ ବଡ଼ ପ୍ରଶ୍ନ ଉଠିଛି ଯେ, ଆମେରିକା ସରକାର ଆଦାୟ କରିଥିବା ପ୍ରାୟ ୧୭୦ ଅରବ ଡଲାର ଅର୍ଥାତ୍ ୧୫.୪୨ ଲକ୍ଷ କୋଟି ଟଙ୍କା ରିଫଣ୍ଡ କରିବେ କି ? ଏଥିରୁ ଭାରତୀୟ ରପ୍ତାନିକାରୀଙ୍କୁ କିଛି ଲାଭ ମିଳିବ କି ? ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପ ପ୍ରଶାସନର ଟାରିଫକୁ ବେଆଇନ ଘୋଷଣା କରିଛନ୍ତି । ବିଚାରପତି ଜଷ୍ଟିସ ବ୍ରେଟ୍ କଭାନୋ କହିଛନ୍ତି ଯେ, ଏତେ ବଡ଼ ଅଙ୍କର ଅର୍ଥ ଫେରସ୍ତ କରିବା ଦ୍ୱାରା ଆମେରିକା ରାଜକୋଷ ଉପରେ ବଡ଼ ପ୍ରଭାବ ପଡ଼ିବ । କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଟଙ୍କା ଫେରସ୍ତ କରିବା ପ୍ରକ୍ରିୟା ଅତ୍ୟନ୍ତ ଜଟିଳ ହୋଇପାରେ । ସରକାରଙ୍କ ପାଖରେ ରେକର୍ଡ ଥିଲେ ସୁଦ୍ଧା, ବ୍ୟବସାୟୀମାନଙ୍କୁ ନିଜ ଟଙ୍କା ପାଇବା ପାଇଁ ଅଲଗା ଭାବେ ଆଇନଗତ ଲଢ଼େଇ କରିବାକୁ ପଡ଼ିପାରେ । ଯଦିଓ ଟାରିଫ୍ ହଟିବା ଏକ ଭଲ ଖବର, କିନ୍ତୁ ଭାରତୀୟ ରପ୍ତାନିକାରୀଙ୍କୁ ସିଧାସଳଖ ରିଫଣ୍ଡ ମିଳିବା ସମ୍ଭାବନା କମ୍ । ଏହାର ମୁଖ୍ୟ କାରଣ କ'ଣ ଆସନ୍ତୁ ଜାଣିବା । ଯେତେବେଳେ ଭାରତରୁ କୌଣସି ସାମଗ୍ରୀ ଆମେରିକା ଯାଏ, ସେଠାକାର ଆମଦାନୀକାରୀ ଆମେରିକା କଷ୍ଟମ ବିଭାଗକୁ ଟାରିଫ୍ ଦେଇଥାନ୍ତି । ନିୟମ ଅନୁସାରେ, ଯଦି ଟଙ୍କା ଫେରସ୍ତ ହୁଏ ତେବେ ତାହା ଆମେରିକୀୟ କମ୍ପାନୀଙ୍କୁ ମିଳିବ, ଭାରତୀୟ ରପ୍ତାନିକାରୀଙ୍କୁ ନୁହେଁ । ଟାରିଫ୍ ଯୋଗୁଁ ଭାରତୀୟ ରପ୍ତାନିକାରୀଙ୍କ ବ୍ୟବସାୟ ପ୍ରଭାବିତ ହୋଇଥିଲେ ସୁଦ୍ଧା, ସେମାନଙ୍କ କ୍ଷତି ଭରଣା ପାଇଁ ଆମେରିକା ଆଇନରେ କୌଣସି ସ୍ପଷ୍ଟ ବ୍ୟବସ୍ଥା ନାହିଁ । ଏହା ପୂର୍ବରୁ ୧୯୯୮ ମସିହାରେ ମଧ୍ୟ ଏପରି ଏକ ସ୍ଥିତି ଉପୁଜିଥିଲା । ସେତେବେଳେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଆମେରିକା ସରକାରଙ୍କୁ ୭୩୦ ମିଲିୟନ ଡଲାର ଫେରସ୍ତ କରିବାକୁ ପଡ଼ିଥିଲା । କିନ୍ତୁ, ସେହି ପ୍ରକ୍ରିୟା ଶେଷ ହେବାକୁ ପ୍ରାୟ ୨ ବର୍ଷ ସମୟ ଲାଗିଥିଲା । ଏଥର ଏହି ଅର୍ଥ ୧୭୦ ଅରବ ଡଲାର ହୋଇଥିବାରୁ ଏଥିପାଇଁ ଲମ୍ବା ସମୟ ଲାଗିବ ନିଶ୍ଚିତ । ଯଦିଓ ରିଫଣ୍ଡ ମିଳିବା କଷ୍ଟକର, କିନ୍ତୁ ଟାରିଫ୍ ହଟିବା ଫଳରେ ଆଗାମୀ ଦିନରେ ଭାରତୀୟ ଟେକ୍ସଟାଇଲ୍, ଷ୍ଟିଲ୍ ଏବଂ ଆଇଟି ସେକ୍ଟରର ରପ୍ତାନି ବୃଦ୍ଧି ପାଇବା ଆଶା କରାଯାଉଛି ।

# ଓଡ଼ିଆ କ୍ଷୁଦ୍ରଗଳ୍ପର ବାଦଶାହା ସୁରେନ୍ଦ୍ର –୨

## (ପୂର୍ବ ପ୍ରକାଶନ ଉତ୍ତାରୁ)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ପ୍ରବହମାନ ସମୟ । ମହାପ୍ରତାପୀ ମୋଗଲ ଶାସକ ଆଉରଙ୍ଗଜେବ । ତାଙ୍କର ସେନାପତି ଏକରାମ ଖାଁ । ହିନ୍ଦୁ ଧର୍ମବିଦ୍ୱେଷୀ ମୋଗଲ ସମ୍ରାଟଙ୍କ ଏଇ ସେନାପତି । ଗୋଟିଏ ପରେ ଗୋଟିଏ ଦେବପୀଠ ଆକ୍ରମଣ ଆରମ୍ଭ କଲା । ଏକରାମ ଖାଁର ଶ୍ରୀମନ୍ଦିର ଉପରେ ଭୟଙ୍କର ଆକ୍ରମଣ । ମହାରାଜା ଦିବ୍ୟସିଂହ ଦେବ । ଦେଇ ପାରିଲେନି ସୁରକ୍ଷା ଜଗନ୍ନାଥଙ୍କୁ । ନିଜେ ପୁରୀ ଛାଡ଼ିଲେ । ସ୍ୱୟଂ ଜଗନ୍ନାଥ, ଶ୍ରୀମନ୍ଦିରରେ ତାଙ୍କର ଆଉ ସ୍ଥାନ ରହିଲାନି । ଶେଷରେ ଆତ୍ମଗୋପନ ଚିଲିକା ଗର୍ଭରେ । ବାଣପୁର ଆଡ଼େ, ସେଇ ସ୍ଥାନଟି କୋକଳିଗଡ଼ । ରହିଲେ ଚତୁର୍ଦ୍ଧା ମୂର୍ତ୍ତି । ଶ୍ରୀକ୍ଷେତ୍ର ଶ୍ମଶାନିତ । ଗଜପତି ଦିବ୍ୟସିଂହ ଦେବ କ୍ଷମତାଚ୍ୟୁତ । ଖୋର୍ଦ୍ଧା ବରୁଣେଇ ପାହାଡ଼ ଉପରେ କାଉ ଉଡ଼ିଲା । କାହିଁ ଗଲା ରାଜାଙ୍କ ସେ ଦିନର ଦମ୍ଭ, ଅହଂକାର ? ନିରୀହ କବି ଦୀନକୃଷ୍ଣ । ତାଙ୍କ ପାଇଁ ରାଜାର ନାଲି ଆଖି, ଆଉ ପ୍ରତାପୀ ଆଉରଙ୍ଗଜେବଙ୍କ ନିକଟରେ କେତେ ଦୀନହୀନ ସତେ ! ଏହାରି ଉପରେ ସୁରେନ୍ଦ୍ର ଲେଖିଲେ ଗଳ୍ପ 'କବି ଓ ନର୍ତ୍ତକୀ' ।

ପ୍ରେମ ବିନା କବି ଜୀବନ ଅସମ୍ପୂର୍ଣ୍ଣ । ହେଉପଛେ ବାରନାରୀର ପ୍ରେମ । କେଳି-କଳା ନିପୁଣା କଳାବତୀ । ତା'ରି ପ୍ରେମ ପାଗଳ ଦୀନ କୃଷ୍ଣ । ଏଥିପାଇଁ ସେ ବୈଷ୍ଣବ ସମାଜରୁ ବିତାଡ଼ିତ । ରାଜାନୁକମ୍ପାରୁ ବଞ୍ଚିତ । ଦୁର୍ବିସହ ଜୀବନ । ଆଜି ନାହାନ୍ତି ରାଜା ଦିବ୍ୟସିଂହ ଦେବ; ମାତ୍ର କବି ଦୀନକୃଷ୍ଣଙ୍କ କୀର୍ତ୍ତି ଜାଜ୍ୱଲ୍ୟମାନ କାଳକାଳକୁ ।

ସେଦିନ ଏକ ବିବର୍ଣ୍ଣ ଅପରାହ୍ଣର ଅକଳନ ବିଷଣ୍ଣତା । ପରିତ୍ୟକ୍ତ ଶ୍ରୀକ୍ଷେତ୍ର । କଳାବତୀ ତା' କୁଟୀର ପିଣ୍ଡାରେ । ପାହାଚ ଉପରେ ଦୁଇ ପାଦ । ଶୂନ୍ୟ ଦୃଷ୍ଟିରେ ଦାଣ୍ଡକୁ ଚାହିଁ ବସିଛି । ଦୂରରୁ ଗାଇ ଗାଇ ଆସୁଥିଲେ ଜଣେ ବୈଷ୍ଣବ – "କାଳିନ୍ଦୀ ଶୀତଳ କଲା କେ ଅନଳ / କହିବାକୁ ଆଚମ୍ବିତ ଯେ ।" ଚମକି ପଡ଼ିଲା କଳାବତୀ । ଏ ତ ସେଇ ଦୀନକୃଷ୍ଣର ପଦାବଳୀ । ବୈଷ୍ଣବଙ୍କ ହାତରେ ତାଙ୍କର ଏକତାରା । କଳାବତୀ ପଚାରିଲା – ଏ ପଦ କେଉଁଠୁ ପାଇଲ ବୈଷ୍ଣବ ? ସେ ଜଣେ କୁଷ୍ଠୀ, ଅପାଙ୍‌କ୍ତେୟ । ପଦ ଡାକନ୍ତି । ତାଙ୍କ ହାତ ଅଙ୍ଗୁଳି ଶୂନ୍ୟ । ଡାକନ୍ତି ଆଉ ସେ ଲେଖନ୍ତି । ସେଇ ପଦ ସବୁ ବୋଲି ଭିକ୍ଷା ମାଗନ୍ତି – ଏ ଉତ୍ତର ଥିଲା ବୈଷ୍ଣବଙ୍କର । ଅଧିରା କଳାବତୀ । ଚାଲିଛି ବୈଷ୍ଣବଙ୍କ ପଛେ ପଛେ । ବ୍ୟାଧିର କଷ୍ଟଠୁ ବଳି ପଡ଼ିଛି ମନର ଜ୍ୱାଳା । କିଶୋରୀ ରତନ ରାଧା । ଶ୍ରୀକୃଷ୍ଣଙ୍କ ସହ ମିଳନ । ଦୀନକୃଷ୍ଣ ପଦ ଲେଖିବେ । ଦୀନକୃଷ୍ଣଙ୍କ ମାନସୀ, ପ୍ରେୟସୀ ରାଧା ହିଁ କଳାବତୀ । ମନ କୁଞ୍ଜବନରୁ ଏବେ ହଜି ଯାଇଛି । ତା'ରି ପାଇଁ କୃଷ୍ଣଦାସର ପ୍ରତୀକ୍ଷା, ପ୍ରତୀକ୍ଷାର ଏବେ ଶେଷ ଦୃଶ୍ୟ । ଜୀବନ ପ୍ରଦୀପ ଲିଭିଲିଭି ଯାଉଛି । ଦୀନକୃଷ୍ଣଙ୍କ କୁଡ଼ିଆଟି ଅଦୂରରେ, ଜଙ୍ଗଲ ମଧ୍ୟରେ । ଦୂରରୁ ପ୍ରତୀୟମାନ ଏକ ଗଭୀର କ୍ଷତର କବର ପରି । ଦିନମଣି ଅସ୍ତାଚଳ ଆରପଟେ । ସଞ୍ଜୁଆ ଅନ୍ଧାର । କଳାବତୀ ଆଖିରେ ଲୋତକର ଧାରା ଶ୍ରାବଣ । ପହଞ୍ଚିଲେ, ହେଲେ ତା' ପ୍ରେମିକ ଆଉ ନ ଥିଲେ ଇହଜଗତରେ । କୁଡ଼ିଆ ଭିତରେ ତାଙ୍କ ମୃତ ଶରୀର । ଇତସ୍ତତଃ ବିକ୍ଷିପ୍ତ ସେଇ ଅସମାପ୍ତ ରାଶି ରାଶି ତାଳପତ୍ର ଖେଦା । ଡାହାଣ ହାତର ଆଙ୍ଗୁଳି ସବୁ ଛିଣ୍ଡି ପଡ଼ିଥିଲା, ବାଁ ହାତରେ କେଇଟି ଆଙ୍ଗୁଳି ମାତ୍ର । ସେ ହାତରେ ଲେଖନୀ, ହୁଏତ କେଇଟି ଛାନ୍ଦ ଯୋଡ଼ିବାକୁ ଚେଷ୍ଟା କରିଥିଲେ । ସେତେବେଳକୁ ତାଙ୍କ ଜୀବନର ରସ ଭଣ୍ଡାର ନିଃଶେଷ । ଏକଥା ହୁଏତ ଜାଣିନଥିଲେ ଦୀନକୃଷ୍ଣ । ଅନ୍ତହୀନ ଶୂନ୍ୟତା, ବ୍ୟର୍ଥତାର ଅତୃପ୍ତି । ବ୍ୟାଧିର ପୁଞ୍ଜୀଭୂତ ଜ୍ୱାଳା । ସେଇ ନିସଙ୍ଗ ମୁହୂର୍ତ୍ତ । ସବୁ ହୋଇ ଉଠିଲା ଅସହ୍ୟ । ଦୀନକୃଷ୍ଣଙ୍କ ମିଳନ – ସମ୍ଭାବନା ହୀନ, ଶେଷହୀନ ବିରହ ଜର୍ଜରିତ ଶେଷରାତ୍ରି । ଏଥିରୁ ପରିତ୍ରାଣ ଲୋଡ଼ା । ରାଜାନୁକମ୍ପା ମିଳିଲାନି । ପୁଣି କଳାବତୀର ଅନୁପସ୍ଥିତି । ଦୀନକୃଷ୍ଣଙ୍କ ପାଇଁ ଅସହ୍ୟ । ହାତର ଲେଖନୀଟିକୁ ଗଳାରେ ଭୁଷି ଦେଲେ । କୁଡ଼ିଆ ଦୁଆରେ ବୈଷ୍ଣବ ଡାକୁଥିଲେ – ଦୀନକୃଷ୍ଣ କବି ! ସେତେବେଳକୁ ତାଙ୍କ ପ୍ରାଣ ପକ୍ଷୀ କେଉଁ ଅଜଣା ରାଇଜରେ । କଳାବତୀ କୁଟୀରରୁ ବାହାରୁଥିଲା । ଦୀନକୃଷ୍ଣଙ୍କ କୋଟରଗତ ଆଖି, କେଇ ବୁନ୍ଦା ଅଶ୍ରୁ । ତଥାପି ଶୁଖିନଥାଏ, ଝଟକୁ ଥାଏ ବିରହ ରଜନୀର ଅଶ୍ରୁ ଶିଶିର ପରି ।

ଆହେ ରାଜା ! କି କଲ କି କଲ ? ଜଣେ କବି । ଲେଖନୀ ତା'ର ଅବଲମ୍ବନ । ସାମାନ୍ୟ କୃପା । କରି ଦେଇ ଥାଆନ୍ତ ତା' ଜୀବନକୁ ରସ ସରସ । କଳାବତୀର କଳା-ନେତ୍ରାଞ୍ଜନ ମଖା ଦୀନକୃଷ୍ଣ । ଲେଖି ଥାଆନ୍ତେ ଛାନ୍ଦ ପରେ ଛାନ୍ଦ । ଗୋଟେ କବିର ଅନ୍ତହୀନ ଦୁର୍ଦ୍ଦଶା । ତଥାପି ସେ ହାର ମାନିନି, କ୍ଷମତା ଆଗରେ ହେଇନି ନତମସ୍ତକ । ମୂର୍ଖ ସ୍ତୁତି ଅପେକ୍ଷା ଆତ୍ମହତ୍ୟା ତା' ପାଇଁ ଶ୍ରେଷ୍ଠ । ଧନ୍ୟ କବି ଦୀନକୃଷ୍ଣ ! ରାଧା-କୃଷ୍ଣଙ୍କ ପ୍ରେମଲୀଳା, ରସର କଳ କଲ୍ଲୋଳରେ ତରଙ୍ଗାୟିତ 'ରସକଲ୍ଲୋଳ' । ଓଡ଼ିଆ ବାଣୀ ଭଣ୍ଡାରର ଏଇଟି ଅମୂଲ୍ୟ ସମ୍ପଦ । କବିଟି ଅସାଧାରଣ – ଏ କଥା କାଳେକାଳେ ସତ୍ୟ । ମହାରାଜା ଦିବ୍ୟସିଂହ ଦେବ ଇତିହାସର ଚରିତ୍ର; ମାତ୍ର କବି ଦୀନକୃଷ୍ଣଙ୍କ ପାଇଁ ଇତିହାସ ଗରୀୟାନ । ଏହା କି ମିଥ୍ୟା ?

ଦେଶ ହେଲା ସ୍ୱାଧୀନ; ମାତ୍ର ଦି'ଭାଗ – ହିନ୍ଦୁସ୍ତାନ, ପାକିସ୍ତାନ । ବହିଲା ସାମ୍ପ୍ରଦାୟିକ ଝଡ଼ । ଶହ ଶହ ହଣା ମୁହଁରେ । ବିଚରା ହନିଫ୍ ମିର୍ଜା ଓରଫ୍ ମାଷ୍ଟର କଟିଂ ଆଣ୍ଡ୍ ଟେଲରିଂ । ଭାରତ ତା'ର ମା ଜନ୍ମଭୂମି । ମାଟି ମା ପ୍ରତି ତା'ର ସମର୍ପିତ ଭାବେ ତଥାପି ତା ଜୀବନ ଦୁର୍ବିସହ । ତାକୁ ବେଘର କରି ଦିଆଗଲା । ଏହି କଥାକୁ ନେଇ ସୁରେନ୍ଦ୍ରଙ୍କ ଗପ "ତଥାପି ଆକାଶ ସୁନୀଳ" ।

ହନିମାଷ୍ଟର ସରଳ, ନିଷ୍କପଟ, ଅମାୟିକ । ଭଦ୍ର ବି । ଦେଶାନ୍ତର ବେଳ କଥା । ତା' ଡିହ ଖଣ୍ଡକ । ତା' ଉପରେ ବି କେତେକଙ୍କ ଆଖି । ତା' ଭିତରେ ସାମନା ହୋଟେଲ ମାଲିକ । ଦଖଲ ପାଇଁ ଚଞ୍ଚକ । ଅନେକ ହିନ୍ଦୁ ଏ ଅପକର୍ମର ବିରୋଧ କଲେ । ପୀରସ୍ଥାନ ସେମାନଙ୍କ ପାଇଁ ପବିତ୍ର । କୂଟ ଚକ୍ରାନ୍ତ ବିଫଳ ହେଲା । ଶେଷରେ ଆଶା କରା ଯାଇ ନ ଥିବା ଘଟଣାଟେ ଘଟିଲା । ହନିମାଷ୍ଟର ସହରକୁ ଫେରିଛି । ପୂର୍ବ ପାକିସ୍ଥାନରେ କେତେ କେତେ ଅଜଣା ସହର, ଅନେକ ଜନପଦ । ଭାରତର ଏହି ନିଦୁଆଳୀ ସହରର ଅନ୍ଧାରଗଳି । ତା'ରି ଭିତରେ ଦୀର୍ଘ ଅଠର ବର୍ଷର ଆତ୍ମସମୀକ୍ଷା । ଖୋଜି ପାଇନି ସମାଧାନ । ଢାକ୍କା, ସୁଲତାନ ଗଞ୍ଜ, ଚିଟାଗଞ୍ଜ – ଏମିତି ବହୁ ସହର । ଅନୁସନ୍ଧାନ ଜାରି ରଖିଛି । ଖୋଜୁଛି ଜୀବନର ଉତ୍ସମୂଳ । ହୁଏତ କେଉଁଠି ପାଇଛି ଆଶ୍ରୟ ଅବା ଅବଲମ୍ବନ । କେଉଁଠି ପାଇନି ଜୀବନର ଉତ୍ସମୂଳ । ସବୁଠି ସେ ଏକାକୀ, ନିଃସଙ୍ଗ, ଅବାଞ୍ଛିତ । ଅନ୍ୟତ୍ର ଏକାନ୍ତ ଅପରିଚିତ, ଏକାନ୍ତ ଆଗନ୍ତୁକ । ପରଦେଶ, ହନିମାଷ୍ଟର ସମ୍ପୂର୍ଣ୍ଣ ନୂତନ । ପ୍ରଥମେ ପ୍ରଥମେ ପରିହାସ, ଉପହାସର ପାତ୍ର । ତାକୁ ଅଜଣା ଉର୍ଦ୍ଦୁ ସଠିକ୍ ଉଚ୍ଚାରଣ । ପାକିସ୍ତାନୀ ବଙ୍ଗଳା କହିବାର ଭଙ୍ଗୀ । ତାହା ମଧ୍ୟ ପ୍ରମାଦପୂର୍ଣ୍ଣ । ସେ ହେଇଗଲା ଅପାଙ୍‌କ୍ତେୟ । ଦିନେ ସେ ଥିଲା ଗୋଟେ ଅନୁଷ୍ଠାନ । ଏବେ ଅଣଦେଖା ତୁଠ ପଥରଟେ । ନାହିଁ ସ୍ନେହ, ଶ୍ରଦ୍ଧା, ଆଦର । ତା' ହାତ କଟିଙ୍ଗ୍ ଦିନେ ଥିଲା ସୌଖୀନ ଆଉ କଳାବନ୍ତ । ଏବେ ଅନ୍ୟମାନଙ୍କର ମୁହଁମୋଡ଼ା । କାହା କାହା ଆଖିରେ ତାହା ଗ୍ରାମ୍ୟ ଅଥବା ଅମାର୍ଜିତ । ତା' ଦର୍ଜିକାମ ପୂରା ନାପସନ୍ଦ । ଏବେ ବଞ୍ଚିବାର ନୂଆ ଅବଲମ୍ବନ ଲୋଡ଼ା । କିଛିଦିନ ଲୁଗାବିକା, ପିଠିରେ ଲୁଗା ଗଣ୍ଠିଲି । ବହୁ ଅଞ୍ଚଳ ବୁଲିଲା । ବୁଲୁ ବୁଲୁ ପୂର୍ବ ବଙ୍ଗ ସୀମା ଟପିଗଲା । ଆସାମରେ ପହଞ୍ଚିଲା । ଆସାମରୁ ପଶ୍ଚିମ ବଙ୍ଗଳା । ସେଠୁ ଲୁଚି ଲୁଚି ଆସି ନିଜ ସହରରେ । ନ ଥିଲା ପାସ୍‌ପୋର୍ଟ ଅବା ଭିସା । ଜାଣି ନ ଥିଲା ସେ କେଉଁ ଦେଶର ନାଗରିକ । ଗୋଟେ ବ୍ୟାଧଗ୍ରସ୍ତ ପଶୁସମ ଭୀତତ୍ରସ୍ତ । ଅତି ସନ୍ତର୍ପଣରେ, ଅତି ଗୋପନରେ । ଦିନରେ ଆତ୍ମଗୋପନ । ରାତିର ଘନ ଅନ୍ଧାର । ଶୁଖିଲା ପତ୍ରଟି ପରି ଉଡ଼ି ଉଡ଼ି ଆସିଲା । ପହଞ୍ଚିଲା ତା' ଭିଟାମାଟିରେ । ସେଇଦିନୁ ମନରେ ଛନକା, ପୁଲିସ ବାଲା ଅବା ସରକାରୀ ଲୋକ; ଦେଖିଲେ ଭୟରେ ଥରେ । ଏକ ଅହେତୁକ ଆଶଙ୍କାରେ ତା' ଅବଚେତନ ମନ ଆଚ୍ଛନ୍ନ । ଅକାରଣରେ ଏଣେ ତେଣେ ଚାହେଁ । ଭୟକାତର ଦୃଷ୍ଟି । ଏଇଟା ତା'ର ଅଭ୍ୟାସ ହେଇଗଲା । ନିଜ ମାଟି, ଏଇ ତା' ଘରଡିହ । ତଥାପି ଅଜ୍ଞାତବାସ ପରି ମନେହେଲା ।

ଏଇ ଚିହ୍ନମାଟି । ହନିମାଷ୍ଟର ଘର ଆଗ ଶିମିଳି ଗଛ । ତା'ପରି ସେ ବଢ଼ିଥିଲା । ମୁଣ୍ଡ ଉପରେ ଉଦାର, ସୁବିସ୍ତୃତ ସୁନୀଳ ଆକାଶ । ଶିମିଳିର ଶାଖାରେ ଶାଖାରେ । ଆଜି ରାଶି ରାଶି ଲାଲଫୁଲର ସ୍ତବକ । ଢେର୍ ବର୍ଷର ଗଛ । ଗୋଡ଼ ଦମ୍ଭ କରିବାର ବିଶ୍ୱାସଟି ଶିଖାଏ । ଆଜି ଅଛି ସେଇ ଗଛ; ମାତ୍ର ସେ ବିଦାୟ ନେଇଛି ରାତ୍ରିର ଦସ୍ୟୁପରି । ପଳାୟନ ସନ୍ତର୍ପଣରେ, ଲୁଚି ଲୁଚି । ଅଠର ବର୍ଷର ଅନୁଭୂତି । ଏ ବିଦ୍ୟାରେ ତା'ର ପାରଦର୍ଶିତା । ସାଥିରେ ତା'ର ପୋଷା ପାତିମାଙ୍କଡ଼ଟି । ସହରଠାରୁ ଢେର୍ ଦୂରରେ, ଗ୍ରାମାଞ୍ଚଳ ପଥେପଥେ ଫକିରଟିଏ ବୁଲେ । ମାଙ୍କଡ଼ ନଚାଏ, ହାତରେ ଡମ୍ବରୁ । ଡମ୍ବରୁ ବାଜେ । ପାତି ନାନାରଙ୍ଗରେ ନାଚେ, ଅଳିକରେ, ହାତ ଯୋଡ଼ି ପଇସା ମାଗେ । ଫକିର ହନିମାଷ୍ଟର, ପାରିପାର୍ଶ୍ୱିକ ସ୍ଥିତି ସହ ମିଶି ଯାଉଥିଲା, କେହି ଆଉ ସନ୍ଦେହ କରୁ ନ ଥିଲେ ।

ଉଦୁଉଦିଆ ଦିପହର ଅବା ଶୀତୁଆ ରାତି । ତା'ର ଆଶ୍ରୟ ଏଇ ଚିହ୍ନମାଟି ଆଉ ଅଚିହ୍ନା ଆକାଶ । ସାଥୀ, ସହଚର ପୋଷା ପାତିମାଙ୍କଡ଼ । ହଜିଲା ଅତୀତ । ହନିମାଷ୍ଟର ସ୍ମୃତି ଚହଲି ଯାଏ । ଆଖିରେ ଲୁହ ଜକେଇ ଆସେ । ତା' ମନରେ ଅସମାହିତ ପ୍ରଶ୍ନ । ସବୁ ତ ଠିକ୍‌ଠାକ୍ । ମାଟି ମାଟି, ଆକାଶ ଆକାଶ, ପାଣି ପଣା ହେଇ ଯାଇନି । ପବନ ତଥାପି ସୁଗନ୍ଧିତ, ଆକାଶ ସୁନିର୍ମଳ, ମାଟି ତଥାପି ମମତାଭରା । ବୃକ୍ଷ ଛାୟା ତଥାପି ନିବିଡ଼ । ଏଠୁ ତାକୁ ନିର୍ବାସିତ କଲା କିଏ ? ବଞ୍ଚିବାର ଅଧିକାରରୁ ବଞ୍ଚିତ କଲା କିଏ ? ସତରଞ୍ଜ ଖେଳରେ କିସ୍ତିମାତ୍ । ଏଥିପାଇଁ ବୋଡ଼ିଆଟି ପରି ତାକୁ ବିସର୍ଜନ ଦେଲା କିଏ ? ଏସବୁ ପ୍ରଶ୍ନ ତଥାପି ଅସମାହିତ । ଏଇ ଦେଶ, ଏଇ ମାଟି, ହନିମାଷ୍ଟର ଜୀବନର ଉତ୍ସମୂଳ । ଏବେ ସେ ଘରଛଡ଼ା । ସେ ଅଜ୍ଞାତବାସରେ । ତା' ପାଇଁ ଦୈନ୍ୟର ଅଭିଶାପ । ହେଉପଛେ ଗାଁ ମୁଣ୍ଡ ବରଗଛ ଆଶ୍ରୟ ସ୍ଥଳ । ଏ ପରା ତା' ଜନ୍ମଭୂମି, ଭାରତମାତା ! ଏବେ ସେ ପରଦେଶୀ ନୁହେଁ; ସ୍ୱଦେଶୀ । ତା' ପାଦତଳର ମାଟି, ମୁଣ୍ଡ ଉପରେ ସୀମାହୀନ ଗଗନ – ଏମାନେ ତ ସବୁଦିନେ ଆପଣାର । ପର କରିଦେଲେ ଆପଣାର ମଣିଷମାନେ ।

କୃତବିଦ୍ୟ ଗାଳ୍ପିକ ସୁରେନ୍ଦ୍ର । ଅର୍ଦ୍ଧଶତାବ୍ଦୀର ନିରଳସ ସାରସ୍ୱତ ସାଧନା । ବହୁ କାଳଜୟୀ କୃତିର ସେ ଜନକ । ଏଥିପାଇଁ ସେ ବହୁ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ । ତାଙ୍କର 'ନୀଳଶୈଳ' ଉପନ୍ୟାସ କେନ୍ଦ୍ର ସାହିତ୍ୟ ଅକାଦମୀ ପୁରସ୍କାର ବିଜେତା । ଅନୁରୂପ ଭାବେ 'ସବୁଜପତ୍ର ଓ ଧୂସର ଗୋଲାପ', 'ପଥ ଓ ପୃଥିବୀ' ଓଡ଼ିଶା ସାହିତ୍ୟ ଅକାଦମୀ ପୁରସ୍କାରପ୍ରାପ୍ତ । ଚରିତୋପନ୍ୟାସ 'କୁଳବୃଦ୍ଧ' ପାଇଁ ସ୍ରଷ୍ଟା 'ଶାରଳା ସମ୍ମାନ'ରେ ବିମଣ୍ଡିତ । ଉଲ୍ଲେଖନୀୟ କାଳଜୟୀ ସାରସ୍ୱତ ସୃଷ୍ଟିପାଇଁ ମରଣୋତ୍ତର 'ପଦ୍ମଶ୍ରୀ' ପୁରସ୍କାରରେ ବିଭୂଷିତ । ସୁରେନ୍ଦ୍ର କେବଳ କାଳଜୀୟୀ ସ୍ରଷ୍ଟା ନୁହନ୍ତି, ଗୋଟେ ଅନୁଷ୍ଠାନ । ସତରେ ! ଏପରି କୌଣସି ସମ୍ମାନ ନାହିଁ, ଯାହା ତାଙ୍କ ସାରସ୍ୱତ ସାଧନାର ମହାନତାକୁ ବହୁଗୁଣିତ କରିପାରିବ ! ସ୍ରଷ୍ଟା ସବୁ ସମ୍ମାନର ବହୁ ଉର୍ଦ୍ଧ୍ୱରେ — ଏ କଥାଟି ଅନସ୍ୱୀକାର୍ଯ୍ୟ ।

# ମଧୁସୂଦନ ଦାସ : ଆଧୁନିକ ଓଡ଼ିଶାର ସ୍ଥପତି



ସୌଭାଗ୍ୟ ରଞ୍ଜନ ମହାନ୍ତି (ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ମଧୁସୂଦନ ଦାସ (୧୮୪୮-୧୯୩୪), ଯିଏକି ଉତ୍କଳ ଗୌରବ (ଓଡିଶାର ଗର୍ବ) ଭାବରେ ଜଣାଶୁଣା, ଜଣେ ବହୁମୁଖୀ ବ୍ୟକ୍ତିତ୍ୱ ଥିଲେ-ଜଣେ ଓକିଲ, ସମାଜ ସଂସ୍କାରକ, ରାଜନେତା ଏବଂ ଭାରତର ସ୍ୱାଧୀନତା ଆନ୍ଦୋଳନର ଜଣେ ଅଗ୍ରଣୀ ନେତା । ତାଙ୍କୁ ଆଧୁନିକ ଓଡିଶାର ସ୍ଥପତି ଭାବରେ ବହୁଳ ଭାବରେ ବିବେଚନା କରାଯାଏ, ୧୯୩୬ ମସିହାରେ ଭାଷାଗତ ଆଧାରରେ ରାଜ୍ୟ ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ତାଙ୍କର ଅବଦାନ, ଆଇନଗତ ସମର୍ଥନ, ଶିକ୍ଷା, ଶିଳ୍ପ ବିକାଶ ଏବଂ ସାମାଜିକ ମୁକ୍ତି କ୍ଷେତ୍ରରେ ବ୍ୟାପିଥିଲା । ଯେତେବେଳେ ଓଡିଶା ବିଭିନ୍ନ ପ୍ରଦେଶରେ ଖଣ୍ଡିତ ଥିଲା, ସେହି ସମୟରେ ମଧୁସୂଦନ ଦାସ ଏକ ସଂଯୁକ୍ତ, ପ୍ରଗତିଶୀଳ ଏବଂ ସ୍ୱାବଲମ୍ବୀ ଓଡିଶା କଳ୍ପନା କରିଥିଲେ । ତାଙ୍କ ଜୀବନ ଏବଂ କାର୍ଯ୍ୟ ସମସାମୟିକ ଭାରତ ପାଇଁ ବିଶେଷ କରି ଯୁବପିଢି ଏବଂ ଆଂଚଳିକ ବିକାଶ ଏବଂ ସାମାଜିକ ନ୍ୟାୟ ପାଇଁ ଲକ୍ଷ୍ୟ ରଖିଥିବା ନୀତି ନିର୍ଦ୍ଧାରକମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି । ପ୍ରାରମ୍ଭିକ ଜୀବନ ଏବଂ ଶିକ୍ଷା ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ ଓଡିଶାର ପୁରୀ ନିକଟସ୍ଥ ସତ୍ୟବାଦୀ ଗ୍ରାମରେ ଜନ୍ମଗ୍ରହଣ କରିଥିବା ମଧୁସୂଦନ ଦାସ ଏକ କରଣ ପରିବାରରେ ଥିଲେ, ଯେଉଁମାନେ ପାରମ୍ପରିକ ଭାବରେ ହିସାବ ଏବଂ ପ୍ରଶାସନିକ କାର୍ଯ୍ୟ ସହିତ ଜଡିତ ଥିଲେ । ତାଙ୍କର ପ୍ରାରମ୍ଭିକ ଶିକ୍ଷା ସ୍ଥାନୀୟ ସ୍କୁଲରେ ଆରମ୍ଭ ହୋଇଥିଲା, ଯେଉଁଠାରେ ସେ ଅସାଧାରଣ ଶିକ୍ଷାଗତ ପ୍ରତିଶ୍ରୁତି ଦେଖାଇଥିଲେ । ଆର୍ଥିକ ପ୍ରତିବନ୍ଧକ ସତ୍ତ୍ୱେ, ଜ୍ଞାନ ପ୍ରତି ତାଙ୍କର ତୃଷା ତାଙ୍କୁ କଟକ ଏବଂ ପରେ କଲିକତା (ବର୍ତ୍ତମାନ କୋଲକତା) ନେଇଗଲା, ଯେଉଁଠାରେ ସେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ । ସେ ୧୮୭୦ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକ ହାସଲ କରିଥିଲେ ଏବଂ ଆଇନ ଡିଗ୍ରୀ ହାସଲ କରିଥିବା ପ୍ରଥମ ଓଡିଆ ହୋଇଥିଲେ । ୧୮୮୩ ମସିହାରେ, ସେ ଇଂଲଣ୍ଡ ଯାଇ ଲଣ୍ଡନର ମିଡିଲ୍ ଟେମ୍ପଲ୍‌ରେ ବାରିଷ୍ଟର ହୋଇଥିଲେ, ଯାହା ତାଙ୍କର ଆଇନଗତ ଜ୍ଞାନକୁ ଆହୁରି ବୃଦ୍ଧି କରିଥିଲା । ପାଶ୍ଚାତ୍ୟ ଶିକ୍ଷା ଏବଂ ରାଜନୈତିକ ଚିନ୍ତାଧାରାର ତାଙ୍କ ସମ୍ପର୍କ ଓଡିଶାର ବିକାଶ ପାଇଁ ତାଙ୍କ ଦୃଷ୍ଟିକୋଣକୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ଆଇନଗତ ବୃତ୍ତି ଏବଂ ଓକିଲାତି ମଧୁସୂଦନ ଦାସ କଲିକତା ହାଇକୋର୍ଟ ଏବଂ ପରେ କଟକରେ ତାଙ୍କର ଆଇନଗତ ଅଭ୍ୟାସ ଆରମ୍ଭ କରିଥିଲେ । ସେ ଜଣେ ଚତୁର ଓକିଲ ଥିଲେ, ତାଙ୍କର ଯୁକ୍ତିଯୁକ୍ତ ଯୁକ୍ତି ଏବଂ ନ୍ୟାୟ ପ୍ରତି ସମର୍ପଣ ପାଇଁ ଜଣାଶୁଣା । ତାଙ୍କର ଆଇନଗତ ଦକ୍ଷତା କେବଳ ଏକ ବୃତ୍ତି ନୁହେଁ ବରଂ ସାମାଜିକ ପରିବର୍ତ୍ତନ ପାଇଁ ଏକ ଉପକରଣ ଥିଲା । ସେ ଗରିବ, ନିଷ୍ପେସିତ ଏବଂ ନିଷ୍ପେସିତଙ୍କ ଅଧିକାର ପାଇଁ ଲଢିଥିଲେ, ପ୍ରାୟତଃ ବ୍ରିଟିଶ ପ୍ରଶାସନ ବିରୁଦ୍ଧରେ ମାମଲା ଉଠାଇଥିଲେ । ତାଙ୍କର ଆଇନଗତ ବୁଦ୍ଧିମତା ଓଡିଆ ଲୋକଙ୍କ ଅଧିକାରକୁ ସୁରକ୍ଷା ଦେଉଥିବା ଅନେକ ଐତିହାସିକ ମାମଲାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା, ବିଶେଷକରି ଭୂମି ରାଜସ୍ୱ, ଭଡାଟିଆ ଏବଂ ଜମିଦାରଙ୍କ ଦ୍ୱାରା ଶୋଷଣ କ୍ଷେତ୍ରରେ । ତାଙ୍କ କୋର୍ଟରେ ବିଜୟ ତାଙ୍କୁ ଅପାର ସମ୍ମାନ ଏବଂ ସାଧାରଣ ଲୋକଙ୍କର ଜଣେ ଚାମ୍ପିଆନ ଭାବରେ ଖ୍ୟାତି ଅର୍ଜନ କରିଥିଲା । ସାମାଜିକ ସଂସ୍କାରରେ ଭୂମିକା ମଧୁସୂଦନ ଦାସ ଜଣେ ପ୍ରଗତିଶୀଳ ଚିନ୍ତାନାୟକ ଥିଲେ ଯିଏ ୧୯ ଶତାବ୍ଦୀରେ ଓଡିଶାରେ ପ୍ରଚଳିତ ସାମାଜିକ କୁପ୍ରଥାକୁ ଦୂର କରିବାକୁ ଚେଷ୍ଟା କରିଥିଲେ । ସେ ମହିଳା ଶିକ୍ଷା ଏବଂ ସଶକ୍ତିକରଣର ଜଣେ ଦୃଢ ପ୍ରବକ୍ତା ଥିଲେ, ଏହି ଧାରଣାକୁ ପ୍ରୋତ୍ସାହିତ କରିଥିଲେ ଯେ ଯଦି ମହିଳାମାନେ ପଛରେ ରହିଯାଆନ୍ତି ତେବେ ସମାଜ ପ୍ରଗତି କରିପାରିବ ନାହିଁ । ସେ ବିଧବା ପୁନଃବିବାହ ଆନ୍ଦୋଳନକୁ ସମର୍ଥନ କରିଥିଲେ ଏବଂ ବାଲ୍ୟ ବିବାହ ଏବଂ ପରଦା ପ୍ରଥାକୁ ଉଚ୍ଛେଦ କରିବା ପାଇଁ କାର୍ଯ୍ୟ କରିଥିଲେ । ସେ ଜାତିଗତ ବୈଷମ୍ୟ ଏବଂ ଅସ୍ପୃଶ୍ୟତା ବିରୁଦ୍ଧରେ ମଧ୍ୟ ଅଭିଯାନ ଚଳାଇଥିଲେ, ସାମାଜିକ ସଦ୍ଭାବନା ଏବଂ ସମାନତାକୁ ପ୍ରୋତ୍ସାହିତ କରିଥିଲେ । ବିଶେଷ କରି ଝିଅ ଏବଂ ପଛୁଆ ବର୍ଗଙ୍କ ପାଇଁ ସ୍କୁଲ ଏବଂ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାରେ ତାଙ୍କର ପ୍ରୟାସ ଏକ ଅଧିକ ଅନ୍ତର୍ଭୁକ୍ତ ଓଡିଶା ପାଇଁ ମୂଳଦୁଆ ପକାଇଥିଲା । ସେ ବିଶ୍ୱାସ କରୁଥିଲେ ଯେ ଶିକ୍ଷା ହେଉଛି ସାମାଜିକ ପରିବର୍ତ୍ତନ ଏବଂ ଆର୍ଥିକ ବିକାଶର ଚାବିକାଠି । ଓଡିଆ ଭାଷା ଏବଂ ସାହିତ୍ୟକୁ ଅବଦାନ ମଧୁସୂଦନ ଦାସ ଓଡିଆ ଭାଷାର ଜଣେ ଉତ୍ସାହୀ ପ୍ରବକ୍ତା ଥିଲେ । ଯେତେବେଳେ ବିଭିନ୍ନ ଅଞ୍ଚଳରେ ବଙ୍ଗଳା ଏବଂ ହିନ୍ଦୀ ସପକ୍ଷରେ ଓଡିଆକୁ ଦମନ କରାଯାଉଥିଲା, ସେ ଏହାର ସ୍ୱୀକୃତି ଏବଂ ପ୍ରଚାର ପାଇଁ ଲଢିଥିଲେ । ଓଡିଆ ସାହିତ୍ୟ ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରୁଥିବା ଏକ ସାହିତ୍ୟ ସଂଗଠନ 'ଉତ୍କଳ ସାହିତ୍ୟ ସମାଜ' ପ୍ରତିଷ୍ଠା କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେ ଓଡିଆ ଖବରକାଗଜ, ପୁସ୍ତକ ଏବଂ ପତ୍ରିକା ପ୍ରକାଶନକୁ ଉତ୍ସାହିତ କରିଥିଲେ, ଯାହା ଭାଷାର ଉନ୍ନତି ନିଶ୍ଚିତ କରିଥିଲା । ଓଡିଆରେ ତାଙ୍କର ନିଜସ୍ୱ ଲେଖା, ଭାଷଣ ଏବଂ ପ୍ରବନ୍ଧ ଲେଖକ ଏବଂ ଚିନ୍ତାଧାରାଙ୍କ ଏକ ପିଢିକୁ ଅନୁପ୍ରାଣୀତ କରିଥିଲା । ତାଙ୍କର ପ୍ରୟାସ ଓଡିଆମାନଙ୍କ ମଧ୍ୟରେ ଭାଷାଗତ ପରିଚୟ ସୃଷ୍ଟି କରିବାରେ ସାହାଯ୍ୟ କରିଥିଲା, ଯାହା ପରବର୍ତ୍ତୀ ସମୟରେ ଏକ ସ୍ୱତନ୍ତ୍ର ରାଜ୍ୟ ଦାବି ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ରାଜନୈତିକ କ୍ୟାରିଅର ଏବଂ ସ୍ୱାଧୀନତା ଆନ୍ଦୋଳନ ମଧୁସୂଦନ ଦାସଙ୍କ ରାଜନୈତିକ ଯାତ୍ରା ଭାରତୀୟ ଜାତୀୟ କଂଗ୍ରେସରେ ସାମିଲ ହେବା ସହିତ ଆରମ୍ଭ ହୋଇଥିଲା । ସେ ଜଣେ ନରମପନ୍ଥୀ ନେତା ଥିଲେ, ସାମ୍ବିଧାନିକ ପଦ୍ଧତି ଏବଂ ବ୍ରିଟିଶମାନଙ୍କ ସହିତ ଆଲୋଚନାରେ ବିଶ୍ୱାସ କରୁଥିଲେ । ତଥାପି, ସେ ଜଣେ ଉଗ୍ର ରାଷ୍ଟ୍ରବାଦୀ ମଧ୍ୟ ଥିଲେ, ଭାରତ ପାଇଁ ଅଧିକ ସ୍ୱାୟତତା ଦାବି କରୁଥିଲେ । ସେ ବଙ୍ଗଳା ବିଧାନ ପରିଷଦ ଏବଂ ପରେ କେନ୍ଦ୍ରୀୟ ବିଧାନସଭାର ସଦସ୍ୟ ଥିଲେ । ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ଏକ ସ୍ୱତନ୍ତ୍ର ଓଡିଶା ରାଜ୍ୟ ପାଇଁ ତାଙ୍କର ନିରନ୍ତର ଅଭିଯାନ । ସେ ଯୁକ୍ତି କରିଥିଲେ ଯେ ଓଡିଆ ଭାଷାଭାଷୀ ଅଂଚଳଗୁଡିକ ବଙ୍ଗ, ବିହାର



ଏବଂ କେନ୍ଦ୍ରୀୟ ପ୍ରଦେଶରେ ବିଛାଡି ହୋଇ ରହିଛି, ଯାହା ପ୍ରଶାସନିକ ଅବହେଳା ଏବଂ ଆର୍ଥିକ ପଛୁଆ ଆଡକୁ ନେଇଛି । ସେ ୧୯୦୩ ମସିହାରେ ବ୍ରିଟିଶ ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ, ଯେଉଁଥିରେ ଏକ ଅଖଣ୍ଡ ଓଡିଶା ପାଇଁ ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା । ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡିଶାକୁ ପୃଥକ ପ୍ରଦେଶ ଭାବରେ ସୃଷ୍ଟି କରାଯିବା ପରେ ତାଙ୍କର ପ୍ରୟାସ ଫଳପ୍ରଦ ହୋଇଥିଲା । ସେ ସ୍ୱଦେଶୀ ଆନ୍ଦୋଳନକୁ ମଧ୍ୟ ସମର୍ଥନ କରିଥିଲେ, ସ୍ୱଦେଶୀ ଉତ୍ପାଦର ବ୍ୟବହାର ଏବଂ ସ୍ଥାନୀୟ ଶିଳ୍ପର ବିକାଶକୁ ଉତ୍ସାହିତ କରିଥିଲେ । ସେ ବିଜୁ ପଟ୍ଟନାୟକ ଏବଂ ହରେକୃଷ୍ଣ ମହତାବଙ୍କ ସମେତ ଅନେକ ଯୁବ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଜଣେ ମାର୍ଗଦର୍ଶକ ଥିଲେ, ଯେଉଁମାନେ ପରବର୍ତ୍ତୀ ସମୟରେ ଭାରତର ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଶିଳ୍ପ ଏବଂ ଅର୍ଥନୈତିକ ଦୃଷ୍ଟିକୋଣ ମଧୁସୂଦନ ଦାସ ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଥିଲେ ଯିଏ ବୁଝିଥିଲେ ଯେ ରାଜନୈତିକ ସ୍ୱାଧୀନତା ଅର୍ଥନୈତିକ ସ୍ୱାବଲମ୍ବନ ସହିତ ହେବା ଆବଶ୍ୟକ । ସେ ଓଡିଶାରେ ଶିଳ୍ପାୟନକୁ ପ୍ରୋତ୍ସାହିତ କରିଥିଲେ, ଚିନି କଳ, କାଗଜ କାରଖାନା ଏବଂ ବୟନ ଶିଳ୍ପ ପ୍ରତିଷ୍ଠାକୁ ଉତ୍ସାହିତ କରିଥିଲେ । ସେ ଉତ୍କଳ ଟ୍ୟାନେରୀ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ, ଏକ ସମବାୟ ଉଦ୍ୟୋଗ ଯାହା ଅନେକଙ୍କୁ ନିଯୁକ୍ତି ପ୍ରଦାନ କରିଥିଲା । ସେ ବାଣିଜ୍ୟ ଏବଂ ବାଣିଜ୍ୟକୁ ବୃଦ୍ଧି କରିବା ପାଇଁ ରାସ୍ତା, ରେଳପଥ ଏବଂ ବନ୍ଦର ସମେତ ଭିତ୍ତିଭୂମିର ବିକାଶ ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ । କୃଷି, ଜଳସେଚନ ଏବଂ ସମବାୟ ସମାଜକୁ ପ୍ରୋତ୍ସାହିତ କରିବାରେ ତାଙ୍କର ପ୍ରୟାସ କୃଷକମାନଙ୍କ ଆର୍ଥିକ ଅବସ୍ଥାକୁ ଉନ୍ନତ କରିବାରେ ସାହାଯ୍ୟ କରିଥିଲା । ସେ ବିଶ୍ୱାସ କରୁଥିଲେ ଯେ ଖଣିଜ ପଦାର୍ଥ ସମେତ ଓଡିଶାର ସମୃଦ୍ଧ ପ୍ରାକୃତିକ ସମ୍ପଦକୁ ଏହାର ଲୋକଙ୍କ ଲାଭ ପାଇଁ ବ୍ୟବହାର କରାଯାଇପାରିବ, ଏକ ଦୃଷ୍ଟିକୋଣ ଯାହା ଆଜି ମଧ୍ୟ ପ୍ରାସଙ୍ଗିକ । ଐତିହ୍ୟ ଏବଂ ପ୍ରଭାବ ମଧୁସୂଦନ ଦାସ ଫେବୃଆରୀ ୪, ୧୯୩୪ରେ ଦେହାନ୍ତ କରିଥିଲେ, କିନ୍ତୁ ତାଙ୍କର ଐତିହ୍ୟ ଅତୁଟ ରହିଛି । ୧୯୩୬ରେ ଏକ ସ୍ୱତନ୍ତ୍ର ରାଜ୍ୟ ଭାବରେ ଓଡିଶା ସୃଷ୍ଟି ହେବା ତାଙ୍କ ଅକ୍ଳାନ୍ତ ପ୍ରୟାସର ପ୍ରତ୍ୟକ୍ଷ ପରିଣାମ ଥିଲା । ଶିକ୍ଷା, ସାମାଜିକ ସଂସ୍କାର ଏବଂ ଶିଳ୍ପ ବିକାଶରେ ତାଙ୍କର ଅବଦାନ ଆଧୁନିକ ଓଡିଶାର ମୂଳଦୁଆ ସ୍ଥାପନ କରିଥିଲା । କଟକର ମଧୁସୂଦନ ଆଇନ ମହାବିଦ୍ୟାଳୟ ଏବଂ ରାଜ୍ୟ ସାରା ଅନେକ ସ୍କୁଲ ଏବଂ କଲେଜ ତାଙ୍କ ନାମରେ ପରିଚିତ । ତାଙ୍କର ଜନ୍ମଦିନ, ଏପ୍ରିଲ ୨୮, ଓଡିଶାରେ ଏକ ରାଜ୍ୟ ସମାରୋହ ଭାବରେ ପାଳନ କରାଯାଏ । ତାଙ୍କ ଜୀବନ ଦୃଷ୍ଟିକୋଣ, ଦୃଢତା ଏବଂ ଜନସେବା ପ୍ରତି ସମର୍ପଣର ଶକ୍ତିର ପ୍ରମାଣ । ସେ ଆଂଚଳିକ ବିକାଶ ଏବଂ ସାମାଜିକ ନ୍ୟାୟ ପାଇଁ ପ୍ରୟାସୀ ନେତା, କର୍ମୀ ଏବଂ ନାଗରିକଙ୍କ ପାଇଁ ଏକ ଆଦର୍ଶ ହୋଇ ରହିଛନ୍ତି । ସମସାମୟିକ ଭାରତରେ ପ୍ରାସଙ୍ଗିକତା ଆଜିର ପରିପ୍ରେକ୍ଷୀରେ ମଧୁସୂଦନ ଦାସଙ୍କ ଚିନ୍ତାଧାରା ଅତ୍ୟନ୍ତ ପ୍ରାସଙ୍ଗିକ । ଶିକ୍ଷା ଉପରେ ତାଙ୍କର ଗୁରୁତ୍ୱ, ବିଶେଷ କରି ମହିଳା ଏବଂ ଉପେକ୍ଷିତ ସମ୍ପ୍ରଦାୟ ପାଇଁ ସ୍ଥାୟୀ ବିକାଶ ଲକ୍ଷ୍ୟ (SDG) ଏବଂ ଭାରତର ନୂତନ ଶିକ୍ଷା ନୀତି ୨୦୨୦ ସହିତ ସମାନ । ଶିଳ୍ପାୟନ ଏବଂ ଅର୍ଥନୈତିକ ସ୍ୱାବଲମ୍ବନ ପାଇଁ ତାଙ୍କର ସମର୍ଥନ ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ପଦକ୍ଷେପ ସହିତ ପ୍ରତିଧ୍ୱନିତ ହୁଏ । ଭାଷାଗତ ରାଜ୍ୟ ପାଇଁ ତାଙ୍କର ଲଢେଇ ଭାରତ ଭଳି ଏକ ବିବିଧ ଦେଶରେ ସାଂସ୍କୃତିକ ପରିଚୟର ଗୁରୁତ୍ୱକୁ ସ୍ମରଣ କରାଏ । ସାମାଜିକ ସଂସ୍କାର ପ୍ରତି ତାଙ୍କର ଆଭିମୁଖ୍ୟ, ପାରମ୍ପରିକ ମୂଲ୍ୟବୋଧକୁ ଆଧୁନିକ ଚିନ୍ତାଧାରା ସହିତ ମିଶ୍ରଣ କରି, ଜାତିଗତ ବୈଷମ୍ୟ, ଲିଙ୍ଗଗତ ଅସମାନତା ଏବଂ ସାମ୍ପ୍ରଦାୟିକ ସଦ୍ଭାବ ଭଳି ସମସାମୟିକ ପ୍ରସଙ୍ଗଗୁଡିକର ସମାଧାନ ପାଇଁ ଏକ ସନ୍ତୁଳିତ ପଥ ପ୍ରଦାନ କରେ । ତାଙ୍କ ଜୀବନ ଆମକୁ ଶିକ୍ଷା ଦିଏ ଯେ ଆଂଚଳିକ ଗର୍ବ ଏବଂ ଜାତୀୟ ଏକତା ସହାବସ୍ଥାନ କରିପାରିବ, ଏହା ଭାରତର ସଂଘୀୟ ଗଠନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା । ଆହ୍ୱାନ ଏବଂ ସମାଲୋଚନ ମଧୁସୂଦନ ଦାସଙ୍କୁ ବହୁଳ ଭାବରେ ସମ୍ମାନ କରାଯାଏ, କିନ୍ତୁ କିଛି ସମାଲୋଚକ ଯୁକ୍ତି ଦିଅନ୍ତି ଯେ ବ୍ରିଟିଶଙ୍କ ଜିଦଖୋରତା ସାମ୍ନାରେ ତାଙ୍କର ମଧ୍ୟମ ଆଭିମୁଖ୍ୟ କମ୍ ପ୍ରଭାବଶାଳୀ ଥିଲା । ସାମ୍ବିଧାନିକ ପଦ୍ଧତି ଉପରେ ତାଙ୍କର ନିର୍ଭରଶୀଳତାକୁ କିଛି ଲୋକ ଅତ୍ୟଧିକ ସମାଧାନମୂଳକ ବୋଲି ମନେ କରୁଥିଲେ, ବିଶେଷକରି ସୁଭାଷ ଚନ୍ଦ୍ର ବୋଷଙ୍କ ପରି ଅଧିକ ମୌଳବାଦୀ ଜାତୀୟତାବାଦୀ ନେତାଙ୍କ ଉତଥାନ ସମୟରେ । ତଥାପି, ତାଙ୍କର ବ୍ୟବହାରିକ ଆଭିମୁଖ୍ୟ ନିଶ୍ଚିତ କରିଥିଲା ଯେ ଓଡିଶାର ଦାବିଗୁଡିକୁ ବ୍ରିଟିଶ ପ୍ରଶାସନ ଢାଂଚାରେ ସମାଧାନ କରାଯିବ, ଅଧିକ ସଂଘର୍ଷପୂର୍ଣ୍ଣ ଆଭିମୁଖ୍ୟର ବିପଦକୁ ଏଡାଇ ଦିଆଯିବ । ଆଇନଗତ ଏବଂ ଶିକ୍ଷାଗତ ସଂସ୍କାର ଉପରେ ତାଙ୍କର ଧ୍ୟାନ ଏକ ଦୀର୍ଘକାଳୀନ ରଣନୀତି ଥିଲା ଯାହା ସ୍ୱାଧୀନତା ପରବର୍ତ୍ତୀ ଯୁଗରେ ଲାଭାଂଶ ଦେଇଥିଲା । ନିଷ୍କର୍ଷ ମଧୁସୂଦନ ଦାସ ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା ଥିଲେ ଯାହାଙ୍କର ଓଡିଶା ଏବଂ ଭାରତ ପାଇଁ ଅବଦାନ ଅପାର । ତାଙ୍କ ଜୀବନ ଆଇନଗତ ପ୍ରତିଭା, ସାମାଜିକ ସଂସ୍କାର, ରାଜନୈତିକ ବୁଦ୍ଧି ଏବଂ ଅର୍ଥନୈତିକ ଦୂରଦୃଷ୍ଟିର ମିଶ୍ରଣ । ସେ କେବଳ ଏକ ସ୍ୱତନ୍ତ୍ର ଓଡିଶା ରାଜ୍ୟ ପାଇଁ ଲଢି ନଥିଲେ ବରଂ ଶିକ୍ଷା, ଶିଳ୍ପ ଏବଂ ସାମାଜିକ ନ୍ୟାୟ ମାଧ୍ୟମରେ ଏହାର ବିକାଶ ପାଇଁ ମୂଳଦୁଆ ମଧ୍ୟ ସ୍ଥାପନ କରିଥିଲେ । ତାଙ୍କର ଐତିହ୍ୟ ସମସାମୟିକ ଭାରତ ପାଇଁ ଏକ ମାର୍ଗଦର୍ଶୀ ଆଲୋକ, ବିଶେଷକରି ଆଂଚଳିକ ବୈଷମ୍ୟକୁ ଦୂର କରିବା, ଆନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ସାଂସ୍କୃତିକ ଗର୍ବର ଭାବନାକୁ ପ୍ରୋତ୍ସାହିତ କରିବା । ଭାରତ ଆଗକୁ ବଢିବା ସହିତ, ମଧୁସୂଦନ ଦାସଙ୍କ ନୀତି-ସମସ୍ତଙ୍କ ପାଇଁ ଶିକ୍ଷା, ଆର୍ଥିକ ସ୍ୱାବଲମ୍ବନ, ସାମାଜିକ ସମାନତା ଏବଂ ଭାଷାଗତ ଗର୍ବ-ପ୍ରାସଙ୍ଗିକ ରହିଛି । ତାଙ୍କ ଜୀବନ ଏକ ସ୍ମରଣକାରୀ ଯେ ଜଣେ ବ୍ୟକ୍ତି ଏକ ଅଂଚଳ ଏବଂ ଏକ ଜାତିର ଭାଗ୍ୟରେ ଗଭୀର ପରିବର୍ତ୍ତନ ଆଣିପାରେବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ଫେବୃୟାରୀ ୨୦୨୬ ସୋମବାର





# 'ସାମଗ୍ରିକ ଜୀବନକୁ ପ୍ରଭାବିତ କରୁଛି ଭଗବତ ଗୀତା'




**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଉରକେଲା ଶାଖାର କେଶବ ନଗର ଶାଖା ତରଫରୁ ମାସିକ ସାରସ୍ୱତ ସମାବେଶ ସେକ୍ଟର ୬ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଶାଖାର ସଭାପତି ଶିକ୍ଷାବିତ୍ ବିଜୟିନୀ ଜେନାଙ୍କ ସଭାପତିତ୍ୱ, ସାଧାରଣ ସମ୍ପାଦିକା ସୁସ୍ମିତା ମହାପାତ୍ରଙ୍କ ଆବାହକତ୍ୱ ଓ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଷୟ ବିଶେଷଜ୍ଞ ଭାବେ ସ୍ୱାଧୀ ପ୍ରତିଭା ଚୈତନ୍ୟ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାଶ ଯୋଗଦେଇ ଆଲୋଚ୍ୟ ବିଷୟ ଭଗବତ୍ ଗୀତା: ସାମ୍ପ୍ରତିକ ଛାତ୍ର ଜୀବନରେ ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଭଗବତ୍ ଗୀତା କିପରି ଆମ ସାମଗ୍ରୀକ ଜୀବନକୁ ପ୍ରଭାବିତ କରିବା ସହ ସତ୍ ପଥରେ ଯିବା ପାଇଁ ପ୍ରେରିତ କରିଥାଏ ତଥା ଏହା ମାଧ୍ୟମରେ ଛାତ୍ର ଜୀବନ କିପରି ଶୃଙ୍ଖଳିତ, ସଂସ୍କାରିତ ହୋଇଥାଏ ସେ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ରାଉତ ପ୍ରାକ୍ କଥନ ରଖିଥିବାବେଳେ ବିଦ୍ୟାଳୟ ପ୍ରମୁଖ ଅନୁରାଧା ଦାସ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଲୋଚ୍ୟ ପ୍ରସଙ୍ଗରେ ବକ୍ତବ୍ୟ ରଖି ସୁଶ୍ରୀ ସ୍ମୃତିଶ୍ରିୟା ପଲାଇ, ସୁଶ୍ରୀ ଶୁଭଶ୍ରୀ ରାଉତ, ସୁଶ୍ରୀ ସ୍ୱାତୀ ପରିଡା ପୁରସ୍କୃତ ହୋଇଥିଲେ। ଶେଷରେ ଶାଖା ସହ ସମ୍ପାଦକ ମମତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁମା ପୁଷ୍ପଲତା ବିଶ୍ୱାଳ, ପ୍ରତିଭା ସାହୁ, ଅଞ୍ଜନା ବାରିକ, ପୁଷ୍ପଲତା ଦାସ, ନନ୍ଦିତା ମଲ୍ଲିକ, ସୁଜାତା ମହାନ୍ତି, ଲକ୍ଷ୍ମୀ ପରିଡା, ବିନୋଦିନୀ ପାତ୍ର, ଅଳକା ମହାନ୍ତି, ସବିତା ମହାପାତ୍ର, ଲଳିତା ବେହେରା, ସୁମିତ୍ରା ମିଶ୍ର, ଗୀତାଞ୍ଜଳି ରଣା, ଜନ୍ମେଞ୍ଜୟ ସୁଆର, ଶ୍ୟାମସୁନ୍ଦର ସେଠୀ, ମାନସୀ ଗୁରୁମା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଶିଶୁ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ତିହିଡ଼ି ବଜାରରେ ମନ୍ଥର ଗତିରେ ଚାଲିଛି ଡ୍ରେନ୍ ନିର୍ମାଣ:ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ବଜାରରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଠିକାଦାର ମନଇଚ୍ଛା କାର୍ଯ୍ୟ ଚଳାଇଛନ୍ତି। ଗୋଟିଏ ପାର୍ଶ୍ୱର କାର୍ଯ୍ୟ ଶେଷ ନହେଉଣୁ ଆଉ ଗୋଟିଏ ପାର୍ଶ୍ୱର ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ନାଳ ଖୋଲି ପକେଇ ଦେଇଛନ୍ତି। ଯାହାଫଳରେ ଡ୍ରେନ୍ ନିର୍ମାଣ ସ୍ଥଳ ବିପଦସଙ୍କୁଳ ହୋଇ ରହୁଥିବାରୁ ଲୋକମାନେ ଦୁର୍ଦ୍ଦଶା ଭୋଗି ଚାଲିଛନ୍ତି । ଏପରିକି ସବୁଦିନିଆ ଖାଙ୍କି ହାଟକୁ ଲୋକମାନେ ଯାତାୟାତ କରିପାରୁ ନାହାଁନ୍ତି। ଏନେଇ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ସୁପରଭାଇଜରଙ୍କ ନିକଟରେ ଲୋକମାନେ ଅଭିଯୋଗ କରୁଥିଲେ ମଧ ସେ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତିହିଡ଼ି ବଜାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ପାଇଁ ୬ କୋଟି ଟଙ୍କା ଅନୁଦାନ ମିଳିଥିଲା । ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯିବା ପରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ତିହିଡ଼ି କଲେଜ ଛକ ଠାରୁ ବଜାରର କିଛି ବାଟ ଯାଏଁ ଡ୍ରେନ୍ ନିର୍ମାଣ କରାଯାଇ କାର୍ଯ୍ୟ ବନ୍ଦ କରି ପୁଣି ଥାନା ସାମ୍ନାରେ ନିର୍ମାଣ କରାଯାଇଥିଲା । ସେଠାରେ କାର୍ଯ୍ୟ ଅଧାପନ୍ତରିଆ ରଖି ପୁଣି ଖାଙ୍କି ହାଟ ସାମ୍ନାରେ ଡ୍ରେନ୍ ନିର୍ମାଣ କରାଯାଉଛି । ତେବେ ଡ୍ରେନ୍ ନିର୍ମାଣ ସମୟରେ ଲୋକଙ୍କ ନିରାପତା ପ୍ରତି ଦୃଷ୍ଟି ଦିଆଯାଉନାହିଁ । ତିହିଡ଼ି ହାଟରେ ପରିବା ସହ ବିଭିନ୍ନ ଦୋକାନ ଏବେ ପ୍ରତିଦିନ ଖୋଲୁଥିବାରୁ ସହସ୍ରାଧିକ ବଜାରକୁ ସାମଗ୍ରୀ କିଣିବାକୁ ଯାଉଛନ୍ତି । ରାତି ପର୍ଯ୍ୟନ୍ତ ବଜାର ଖୋଲା ରହୁଥିବାରୁ ବିଭିନ୍ନ ଅଞ୍ଚଳର ଲୋକମାନେ ବଜାରକୁ ଯାଉଛନ୍ତି । ତେବେ ଡ୍ରେନ୍ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଲୋକମାନେ ଦୁର୍ଦ୍ଦଶା ଭୋଗୁଥିବା ଜଣାଯାଇଛି । ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସହ ନିର୍ମାଣ ସମୟରେ ଲୋକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହୋଇଛି । ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ପାଣିଙ୍କୁ ପଚାରିବାରୁ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ଏଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯିବ ବୋଲି କହିଛନ୍ତି ।

# ବଦଳିବ ହଳଦିଆପଦର ବ୍ରିଜ୍ ଡିଜାଇନ୍:ପରିବହନ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ହଳଦିଆପଦର ବ୍ରିଜ୍ ପ୍ରସଙ୍ଗରେ ପରିବହନ ମନ୍ତ୍ରୀ ବିଭୂତି ଜେନା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଯେଉଁଦିନରୁ ବ୍ରିଜ୍ ତିଆରି ହୋଇଛି, ସେବେଠାରୁ ଡିଜାଇନ୍ ଭୁଲ୍ ଅଛି। ଏଥିପାଇଁ ବହୁତ ଜୀବନ ଅକାରଣରେ ଗଲାଣି। ସ୍ୱାର୍ଥ ସାଧନ ପାଇଁ ଯେଉଁ କାମ କରାଯାଇଥିଲା ତାକୁ ସମସ୍ତେ ନିନ୍ଦା କରୁଛନ୍ତି। ଆଜି ଯେଉଁମାନେ କହୁଛନ୍ତି, ସେମାନେ ଆଗରୁ କହୁନଥିଲେ । ବ୍ରିଜ୍ ପ୍ରସଙ୍ଗରେ ଆଗରୁ ବହୁତ ଥର ସ୍ୱର ଉତ୍ତୋଳନ କରିଛି । କିନ୍ତୁ ଏ ପର୍ଯ୍ୟନ୍ତ ଭୁଲ୍ ହୋଇଥିବା ଡିଜାଇନ୍ ପରିବର୍ତ୍ତନ କରାଯାଇନଥିଲା । ହଳଦିଆପଦର ଦୁର୍ଘଟଣା ଯୋଗୁ ଏବେ ସମସ୍ତଙ୍କ ଆଖି ଖୋଲିଯାଇଛି । ତେଣୁ ଆଗକୁ ଡିଜାଇନ୍ ଭଲ ଭାବେ କରାଯିବ । ସୂଚନାଯୋଗ୍ୟ ଯେ ଜାନୁଆରୀ ୩୧ରେ ଦୁର୍ଘଟଣା ପାଇଁ ୫ଟି ଜୀବନ ଯାଇଥିଲା । ଏହାକୁ ନେଇ ସୁପ୍ରିମ୍‌କୋର୍ଟ ରୋଡ଼ ସେଫ୍ଟି କମିଟି ରିପୋର୍ଟ ମାଗିଥିଲେ । ଯାହାକୁ ନେଇ ମୁଖ୍ୟ ଶାସନ ସଚିବ ମଧ ଲେଖିଛନ୍ତି । ଏହା ଉପରେ ବିଭାଗୀୟ ଟିମ୍ ସ୍ପଟ୍ ଉପରକୁ ଯାଇ ତଦନ୍ତ କରିଛି। ଯେଉଁ ଗାଡ଼ି ଦୁର୍ଘଟଣା କରିଥିଲା, ତାର ରେଜିଷ୍ଟ୍ରେସନ୍ ବାତିଲ୍ କରାଯାଇଛି । ଡ୍ରାଇଭରକୁ ମଧ ବିଏନ୍‌ଏସ୍ ୧୦୫ରେ ତୁରନ୍ତ ଗିରଫ କରାଯାଇଛି ।

## ///////// ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ /////////

# ବାଲି ଚୋରା ଚାଲାଣ ରୋକିବାକୁ ପଦକ୍ଷେପ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ୍



ଆର୍ ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ଖଣି ଅଧିକାରୀ ସମ୍ବିତ୍ ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ । ଜିଲ୍ଲାରେ ଥିବା ନଦୀମାନଙ୍କର ବାଲି ସୈରାତରୁ ଚୋରା ବାଲି ଉତ୍ତୋଳନ କରି ଓ ସରକାରୀ ଜାଗାରୁ ମାଟି ଉଠାଇ ମାଫିଆମାନେ ବିକ୍ରି କରି ପ୍ରଚୁର ଲାଭ କରୁଥିବା ବେଳେ ରାଜସ୍ୱ ହାନୀ ଘଟି ଚାଲୁଥିବାକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ଜିଲ୍ଲାର ନିଲାମ କରାଯାଇଥିବା ୫ଟି ବାଲି ସୈରାତ୍ ବ୍ୟତୀତ ଅନ୍ୟ ୨୪ ଗୋଟି ବାଲି ସୈରାତ୍ ନିଲାମ ହୋଇନଥିବାରୁ ଏହାର ସୁଯୋଗ ନେଇ ବାଲି ମାଫିଆମାନେ ପ୍ରଚୁର ପରିମାଣର ବାଲି ଚୋରାରେ ଉଠାଉଥିବା ବାରମ୍ବାର ଅଭିଯୋଗ ହେଉଛି । ଏହାକୁ ରୋକିବା ପାଇଁ ଟାସ୍କ ଫୋର୍ସ କମିଟିରେ ନିଷ୍ପତି ନିଆଯିବା ସହ ବାରମ୍ବାର ଚଢଉ କରିବା ଓ ଚୋରାରେ ଗଚ୍ଛିତ ଥିବା ବାଲି ଜବତ କରିବାକୁ ନେଇ ଆଲୋଚନା କରାଯାଇଥିଲା । ରାଜସ୍ୱ ହାନୀ ରୋକିବା ପାଇଁ ଓ ଚଢଉ କରି ଜରିମାନା ଅଦାୟ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି ।



# ଟାଟା ଷ୍ଟିଲ୍ ପକ୍ଷରୁ ୫୩୦ ୟୁନିଟ୍ ରକ୍ତ ସଂଗ୍ରହ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ)ର ଲଜିଷ୍ଟିକ୍ସ ବିଭାଗ ଅଧୀନସ୍ଥ ଗ୍ରୀନ୍ ଟ୍ରାନ୍ସପୋର୍ଟ ପାର୍କ ପରିସରରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। 'ସମ୍ବାଦ ଆମ ଓଡ଼ିଶା' ରକ୍ତଦାନ ଅଭିଯାନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ କଟକ ରେଡକ୍ରସ୍ ରକ୍ତ ଭଣ୍ଡାର ସହାୟତା ପ୍ରଦାନ କରିଥିଲେ। ଏହି ଶିବିରକୁ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍ ତଥା 'ଆମ ଓଡ଼ିଶା'ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ଉପାଧ୍ୟକ୍ଷ ଉତ୍ତମ ସିଂହ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍, ସମ୍ବାଦ, ରକ୍ତ ଭଣ୍ଡାର ଏବଂ ଅନ୍ୟାନ୍ୟ ସହଯୋଗୀ ସଂଗଠନର ଅଧିକାରୀମାନେ ଉପସ୍ଥିତ ଥିଲେ । ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା, ଯାହାଫଳରେ ମୋଟ୍ ୫୩୩ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି । ପ୍ରମୁଖ ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡ଼ିକର ସହଭାଗିତାରେ ଆୟୋଜିତ ଏହି ଶିବିର ମାଧ୍ୟମରେ ସଂଗୃହିତ ରକ୍ତ ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଜରୁରୀକାଳୀନ ପରିସ୍ଥିତିରେ ରୋଗୀଙ୍କ ଜୀବନ ରକ୍ଷା କରିବାରେ ସହାୟକ ହେବ। ଏହି ଅବସରରେ ୬୭ ଥର ରକ୍ତଦାନ କରିଥିବା ସୁକୁମାର ଜେନା ଏବଂ ୫୩ ଥର ରକ୍ତଦାନ କରିଥିବା ଅଜିତ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଏବଂ ଗୋଟିଏ ଲେଖାଏଁ ଚାରା ପ୍ରଦାନ କରାଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ଟାଟା ଷ୍ଟିଲ୍ ପକ୍ଷରୁ ଏପର୍ଯ୍ୟନ୍ତ ମୋଟ୍ ୫ଟି ରକ୍ତଦାନ ଶିବିର ଆୟୋଜନ କରାଯାଇ ମୋଟ୍ ୧୬୪୪ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି।

# କଣାସ ଅଞ୍ଚଳରେ ହାତୀ ଉପଦ୍ରବ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ପୁରୀ ଜିଲ୍ଲା କଣାସ ଅଞ୍ଚଳରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି । ଚନ୍ଦକା ଅଞ୍ଚଳରୁ ହାତୀପଲରୁ ଏକ ହାତୀ ଖସି ଆସିଥିବା ସୂଚନା ମିଳିଛି । ହାତୀଟି କଣାସ ବ୍ଲକ ଅଞ୍ଚଳର ଆଖପାଖ ୪ଟି ଗ୍ରାମରେ କ୍ଷେତରୁ ଧାନ ଫସଲ ଖାଇବା ସହ ବ୍ୟାପକ ଫସଲ ଦଳିଚକଟି ନଷ୍ଟ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଅଞ୍ଚଳରେ ହାତୀ ବୁଲୁଥିବା ଖବର ପ୍ରଚାରିତ ହେବାପରେ ଗ୍ରାମବାସୀ ଭୟଭିତ ହୋଇପଡିଛନ୍ତି । ହାତୀ ଘଉଡାଇବା ଦିଗରେ ବନ ବିଭାଗ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



# ଜନସମ୍ପର୍କ ଶିବିରକୁ ସାଇକେଲରେ ଗଲେ ଏସ୍‌ପି

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧିନରେ ଥିବା ତୋହରାର ତାଲପାଣି ଠାରେ ନବରଙ୍ଗପୁର ପୋଲିସ ଦ୍ୱାରା ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲପାଣିକୁ ଯିବା ପାଇଁ ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ସନ୍ଦୀପ ସମ୍ପତ ମାଡ଼କର ଆସିଥିଲେ ନିଜ ଗାଡ଼ିରେ। କିନ୍ତୁ ଗାଁକୁ ରାସ୍ତା ନଥିବା ଦେଖି ଗାଡ଼ିରୁ ଓହ୍ଲାଇ ସାଇକେଲରେ ଗାଁକୁ ଯାଇଥିଲେ। ଏହି ଶିବିରରେ ଏସ୍‌ପିଙ୍କ ସହ ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ଶବର, ଉମରକୋଟ ଥାନା ଅଧିକାରୀ ବିପିନ କୁମାର ବାଗ, ଝରୀଗାଁ ଥାନା ଅଧିକାରୀ ରଚିତା ମାଡକାମୀ, ଏସ୍‌ଆଇ ଅକ୍ଷୟ ମିଶ୍ରଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ।

# ପୂଜ୍ୟପୂଜାଙ୍କ ସମ୍ପର୍କରେ ଉତ୍ତରପିଢିଙ୍କୁ ଜଣାଇବା ଉପରେ ଗୁରୁତ୍ୱ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**



ପୂଜ୍ୟପୂଜା ପରମ୍ପରା ରକ୍ଷା ସହ ବିଶିଷ୍ଟ ବ୍ୟକ୍ତିଙ୍କ ବାବଦରେ ଉତ୍ତରପିଢିଙ୍କୁ ଅବଗତ କରାଇବା ପାଇଁ ସକଳ ସ୍ତରରୁ ଉଦ୍ୟମ ଜାରି ରହିବା ଉଚିତ୍ । ଶନିବାର ପୂର୍ବାହ୍ନରେ ଜଣାଶୁଣା ସ୍ୱାଧୀନତା ସଂଗ୍ରାମୀ, ପ୍ରାକ୍ତନ ସାଂସଦ, ବିଧାୟକ ତଥା ସୁନ୍ଦରଗଡ଼ ଜିଲ୍ଲାର ସୁପରିଚିତ ଜନନେତା ସ୍ୱର୍ଗତ ଧନଞ୍ଜୟ ମହାନ୍ତିଙ୍କର ପୂଣ୍ୟତିଥି ଅବସରରେ ଏପରି ମତପ୍ରକାଶ ପାଇଛି । ଧନୁବାବୁଙ୍କ ପୂଣ୍ୟ ତିଥି ଅବସରରେ ଏହି ସମାବେଶ ସିଭିଲ୍ ଟାଉନ୍ ସ୍ଥିତ ସ୍ମୃତି ଉଦ୍ୟାନରେ ଆୟୋଜିତ ହୋଇଥିଲା । ଧନଞ୍ଜୟ ମହାନ୍ତି ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ସମସ୍ତ ନିମନ୍ତ୍ରିତ ଅତିଥି, ଟ୍ରଷ୍ଟ ସଦସ୍ୟ ବୃନ୍ଦ ଓ ଶୁଭେଚ୍ଛୁମାନେ ସ୍ୱର୍ଗତ ଧନଞ୍ଜୟ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ପରେ ଅନୁଷ୍ଠିତ ସ୍ମୃତି ସଭାରେ ଧନଞ୍ଜୟ ମହାନ୍ତି ସ୍ମାରକୀ ଟ୍ରଷ୍ଟର ସଭାପତି ବୈଦ୍ୟନାଥ ଦାସ ଅଧ୍ୟକ୍ଷତା କରିଥିବା ବେଳେ ଏହି କାର୍ଯ୍ୟକ୍ରମର ଉପକ୍ରମ ସହ ସ୍ୱାଗତ ଭାଷଣ ଦେଇଥିଲେ ଟ୍ରଷ୍ଟର ସାଧାରଣ ସମ୍ପାଦିକା ପୁଷ୍ପା ଲେଙ୍କା । ଧନୁ ବାବୁଙ୍କ ଉପରେ ପ୍ରମୁଖ ଭାବେ ବକ୍ତବ୍ୟ ରଖିଥିଲେ ସନତ ପ୍ରଧାନ, ସବୀର ହୁସେନ ଓ ଅକ୍ଷୟ ସାହୁ । ଏଥିରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ମହାନ୍ତି (ଧନୁ ବାବୁ)ଙ୍କ ସ୍ମୃତିଚାରଣ ଅବସରରେ ସେତେବେଳର ଜନନେତାଙ୍କର ଦୂରଦୃଷ୍ଟି, ଲୋକାଭିମୁଖୀ ଚିନ୍ତନ ବାବଦରେ ବର୍ଣ୍ଣନା କରିଥିଲେ । ସକଳ ଗୁଣ ଓ ଦକ୍ଷତାର ଅଧିକାରୀ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିରେ ରାଉରକେଲାର ଜଣାଶୁଣା ଓକିଲ ତଥା ବାର୍ ଆସୋସିଏସନ୍ ସଭାପତି ସଦାନନ୍ଦ ସାହୁ, ସାହିତ୍ୟିକ ଓ ସଂଗଠକ ରାଜୀବ ପାଣି, କ୍ରୀଡ଼ାବିତ୍ ତଥା କଳିଙ୍ଗ ସ୍ପୋର୍ଟସ୍ ଫେଡେରେସନ୍‌ର ଆବାହକ ସଞ୍ଜୟ ବବୁଟାଙ୍କୁ ବିଧାୟକ ଶ୍ରୀ ନାୟକ ସମ୍ମାନିତ କରିଥିଲେ । ଏଥିସହ ଧନୁବାବୁଙ୍କ ଜୀବନବ୍ୟାପୀ ସାଧନାର ସମସ୍ତ ତଥ୍ୟ ଓ ସୂଚନା ତଥା ସମସ୍ତ କୀର୍ତ୍ତି ଆଧାରିତ ଏକ ସ୍ମରଣିକା ତିନିମାସ ମଧ୍ୟରେ ପ୍ରକାଶ କରିବାକୁ ବିଧାୟକ ଶ୍ରୀ ନାୟକ ଘୋଷଣା କରି ଏହାର ସଂଯୋଜନା ଏବଂ ପ୍ରସ୍ତୁତି ଦାୟିତ୍ୱ ସାହିତ୍ୟିକ ରାଜୀବ ପାଣିଙ୍କୁ ଦେଇଥିଲେ । ପ୍ରାରମ୍ଭରେ ଦିବଙ୍ଗତ ନେତା କାହ୍ନୁ ଚରଣ ଲେଙ୍କା, ପ୍ରଶାସକ ସୁକୁମାର ମହାପାତ୍ର, ଆଦିତ୍ୟ ତ୍ରିପାଠୀ ଓ କମଳାକାନ୍ତ ଖୁଣ୍ଟିଆଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା । ସମାବେଶରେ ପୀତବାସ ମିଶ୍ର, ମନୋରଞ୍ଜନ ଦାଶ, ସୁନୀଲ କୟାଲ, ଦିଗାମ୍ବର ମହାନ୍ତି, ଗଗନ ପଣ୍ଡା, ଟିନା ପଣ୍ଡା, ସ୍ନେହା ଯୋଶୀ, ସାବିତ୍ରୀ ଜୟପୁରିଆ ଉପସ୍ଥିତ ଥିବାବେଳେ ଟ୍ରଷ୍ଟ ପକ୍ଷରୁ ଏବଂ ଶୁଭେଚ୍ଛୁଙ୍କ ମଧ୍ୟରେ ନରେନ୍ଦ୍ର ବଳ, କୀର୍ତ୍ତନ ଦାସ, ବାସୁଦେବ ବାନାର୍ଜୀ, ପ୍ରଫୁଲ୍ଲ ନାୟକ, ଚନ୍ଦ୍ରଶେଖର ପାଢ଼ୀ, ଭକ୍ତି ସ୍ୱାଇଁ, ବିଶ୍ୱଜିତ ଜେନା, ପ୍ରଭାତୀ ପରିଡ଼ା, ପ୍ରଭୁ ସାହୁ, ଛବି ମହାନ୍ତି, ଏଟମ ରଥ, ସଞ୍ଜୁଲତା ଦାସ, ସୁଜାତା ପ୍ରଧାନ, ଡିମ୍ପଲ ସାହୁ, ବ୍ରଜେନ୍ଦ୍ର ମହାନ୍ତି, ବିନୋଦ ରାଉତ, ଅମଲେଶ ତ୍ରିପାଠୀ ଓ ଅନ୍ୟମାନେ ବ୍ୟବସ୍ଥାପନା ଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଶୈଳେନ୍ଦ୍ର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



# ପ୍ରଶାସନିକ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ

**କେନ୍ଦୁଝର, ନ୍ୟୁଜ୍**

ସରକାରୀ କାର୍ଯ୍ୟଧାରାକୁ ଅଧିକ ସ୍ୱଚ୍ଛ, ଦ୍ରୁତ ଏବଂ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍‌ଠାରେ ଗତ ୧୮.୦୨.୨୦୨୬ ତାରିଖ ଦିନ ଏକ ଦିନିକିଆ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। 'ପରିଚାଳନାଗତ ଉତ୍କର୍ଷତା ପାଇଁ ଇଓ ଉପକରଣ' ଶୀର୍ଷକ ଏହି କର୍ମଶାଳା ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟରର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତା ବା ଇଓ ଟୁଲ୍‌ସର ବ୍ୟବହାର କରି କିଭଳି କାର୍ଯ୍ୟଦକ୍ଷତା ବଢ଼ାଯାଇପାରିବ, ସେନେଇ ବିଶେଷଜ୍ଞମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଶେଷ କରି ତଥ୍ୟ ବିଶ୍ଳେଷଣ, ଚିଠିପତ୍ର ପ୍ରସ୍ତୁତି ଏବଂ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ଡିଜିଟାଲ୍ ମାଧ୍ୟମର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ସୋସିଆଲ୍ ମିଡିଆ ଓ ଜନସମ୍ପର୍କ ପାଇଁ 'PostMind AI' ଏହି ଅବସରରେ ପ୍ରଶାସନିକ ଅଧିକାରୀମାନଙ୍କୁ ସୋସିଆଲ ମିଡିଆ ପରିଚାଳନା ପାଇଁ 'PostMind AI' ଭଳି ଆଧୁନିକ ଉପକରଣ ବିଷୟରେ ଅବଗତ କରାଯାଇଥିଲା। ଏହି ଟୁଲ୍ ମାଧ୍ୟମରେ କିଭଳି ସହଜରେ ଆକର୍ଷଣୀୟ କ୍ୟାପ୍ସନ୍ ଲେଖାଯାଇପାରିବ, ଗ୍ରାଫିକ୍ସ ଡିଜାଇନ୍ କରାଯାଇପାରିବ ଏବଂ ଏକାସାଙ୍ଗରେ ବିଭିନ୍ନ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ସରକାରୀ ସୂଚନା ପ୍ରସାରିତ ହୋଇପାରିବ, ସେଥିପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

# ୭୫ ଥର ରକ୍ତଦାନ କରି ସମ୍ବର୍ଦ୍ଧିତ ହେଲେ ସାମ୍ବାଦିକ




**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ତୁଳସୀ ମହିଳା ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ତପନ କୁମାର ଦାସ, ଯୁବ ରେଡକ୍ରସ୍‌ର ସଂଯୋଜିକା ଡା. ସୁଜାତା ଭଞ୍ଜ, +୩ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ବନ୍ୟା ବେହେରା, +୨ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ପ୍ରଭାସିନୀ ଜେନା, ଅଧ୍ୟାପିକା ଦୀପ୍ତିପ୍ରଭା ସେଠୀ, ଅଧ୍ୟାପକ ରଞ୍ଜିତ ଦାସଙ୍କ ତତ୍ତ୍ୱାବଧାନରେ ଏହି ଶିବିରରେ ୪୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । କେନ୍ଦ୍ରାପଡ଼ା ଜିଲ୍ଲାର ଜିଲ୍ଲାପାଳ ରଘୁରାମ ଆର ଆୟର ଶିବିର ଉଦ୍‌ଘାଟନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନା ରକ୍ତଦାନ ଶିବିରରେ ଯୋଗଦେଇଥିଲେ । ୭୫ ଥର ରକ୍ତଦାନ କରିଥିବା ସାମ୍ବାଦିକ ସୁକାନ୍ତ ଦାଶ ଏବଂ ମହାବିଦ୍ୟାଳୟର ଅଧ୍ୟାପିକା ସୌମ୍ୟକାନ୍ତି ମିତଶ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟରେ ସମ୍ମାନିତ କରାଯାଇଥିଲା । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସବିତା ଦାସଙ୍କ ସମେତ ଅନ୍ୟ ଅଧ୍ୟାପକ-ଅଧ୍ୟାପିକାଙ୍କ ସମେତ ସ୍ୱେଚ୍ଛାସେବୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଓ କଲ୍ୟାଣ ଆମ ସମସ୍ତଙ୍କ କର୍ତ୍ତବ୍ୟ




**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ କହିଲେ ଯେ, ବରିଷ୍ଠ ନାଗରିକମାନେ ଆମ ପାଇଁ ଚିର ନମସ୍ୟ। ସେମାନଙ୍କର ସୁରକ୍ଷା ଓ କଲ୍ୟାଣ ଆମ ସମସ୍ତଙ୍କର କର୍ତ୍ତବ୍ୟ। ବର୍ତ୍ତମାନ ସମୟରେ ସମାଜରେ ପୁଅ ଝିଅମାନେ ବୃଦ୍ଧ ପିତାମାତାଙ୍କ ଯତ୍ନ ନନେଇ ବୃଦ୍ଧାଶ୍ରମରେ ଛାଡିଦେଉଛନ୍ତି। ତେଣୁ ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣା ବେକ୍ଷଣ ଓ କଲ୍ୟାଣ ଆଇନ୍, ୨୦୦୭ ଉପରେ ଆଲୋକପାତ କରିବା ସହ ଆଇନ୍ କାର୍ଯ୍ୟକାରୀ କରୁଥିବା ଅଧିକାରୀମାନଙ୍କୁ ସମ୍ବେଦନଶୀଳ ହେବାପାଇଁ ଉପଦେଶ ଦେଇଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ଆଇନଜୀବୀ ସଲିଲ ଘୋଷ, ଭଜହରି କର ମଧ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଆଇନ୍ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଇ-ଶାସନ ପରିଚାଳକ ଅରବିନ୍ଦ ଆଚାର୍ଯ୍ୟ, ସାଇବର ଥାନା ଡିଏସ୍‌ପି ସବିତା ପରିଡ଼ା ସାଇବର ଠକେଇ ଓ ସଚେତନତା ବିଷୟରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ୟୁକୋ ବ୍ୟାଙ୍କ ମ୍ୟାନେଜର ରାଜଲକ୍ଷ୍ମୀ ମହାନ୍ତି ବ୍ୟାଙ୍କରେ ବରିଷ୍ଠ ନାଗରିକଙ୍କ ସୁବିଧା ସମ୍ପର୍କିତ ସଚେତନତାର ବାର୍ତ୍ତା ଦେବାବେଳେ ସିଏଚ୍‌ସିର ଜିଲ୍ଲା ସଂଯୋଜକ ଦୀପକ ଦାସ ଆୟୁଷ୍ମାନ ଭାରତ ଓ ବୟୋବନ୍ଦନା ସ୍ୱାସ୍ଥ୍ୟ କାର୍ଡ ସମ୍ବନ୍ଧରେ ସୂଚନା ଦେଇଥିଲେ। ବରିଷ୍ଠ ନାଗରିକ ମହାମଞ୍ଚର ସଭାପତି ନିକୁଞ୍ଜ କିଶୋର ବେହେରା ବରିଷ୍ଠ ନାଗରିକ ମାନଙ୍କର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଅବଗତ କରାଇବା ସହ ଏହାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନର ସହଯୋଗ କାମନା କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ନାୟକ ଅତିଥି ପରିଚୟ ପ୍ରଦାନ ସହ ଦିବସର ତାତ୍ପର୍ଯ୍ୟ ପ୍ରତିପାଦନ କରିଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟଅତିଥି ତଥା ଅନ୍ୟ ସମ୍ମାନିତ ଅତିଥିମାନେ ପୁରସ୍କୃତ କରିଥିଲେ। ବିଶ୍ୱ ସାମାଜିକ ନ୍ୟାୟ ଦିବସ ୨୦୨୬ ଅବସରରେ ସକାଳ ୭ଟାରେ ଯୋଗ ଶିବିର, ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ଏଥିସହ ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ///// କଟକ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ /////

# ଅସମ୍ପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ସାରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**କଟକ, ନ୍ୟୁଜ୍ ବ୍ୟୁରୋ**



କଟକ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅପରାହ୍ନରେ ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗତ ବୈଠକରେ ସଡ଼କ ସୁରକ୍ଷା ନିମନ୍ତେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟାନୁଷ୍ଠାନର ନିଷ୍ପତ୍ତି ଅନୁଯାୟୀ ଅଗ୍ରଗତି ଏବଂ ନୂତନ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଧାର୍ଯ୍ୟ କାର୍ଯ୍ୟାନୁଷ୍ଠାନ ଅନୁପାଳନ ଉପରେ ବିବୃତି ରଖିବାକୁ କହିବା ସହ ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟ ଗୁଡିକ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଦିଗରେ ନିର୍ଦ୍ଦେଶ ଦେଇଥିଲେ । ଇତି ମଧ୍ୟରେ ମଙ୍ଗୁଳି ଠାରେ ଦୁର୍ଘଟଣା ଏଡାଇବାକୁ ରାସ୍ତାରେ କ୍ରାସ୍ ବ୍ୟାରିଅରର ଉଚ୍ଚତା ବୃଦ୍ଧି କରିବା ସହ କ୍ରାସ୍ ବ୍ୟାରିଅର ପରିବର୍ତ୍ତେ କଣ୍ଟା ଜାତୀୟ ଫୁଲ ଗଛ ଲଗାଇବାକୁ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କଟକ ନେତାଜୀ ବସ୍‌ଷ୍ଟାଣ୍ଡ ନିକଟରେ "ବସ୍ ରଖିବା ନିଷେଧ" ବୋର୍ଡ ଲଗାଇବା ଏବଂ ନୂତନ ପାର୍କିଂ ସ୍ଥାନ ଚିହ୍ନଟ କରିବା ନେଇ ଆରକ୍ଷୀ ଅଧୀକ୍ଷକ ଟ୍ରାଫିକ୍ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆବଶ୍ୟକ ସ୍ଥାନରେ ଜେବ୍ରା କ୍ରସିଂ ରଙ୍ଗ କରିବା ଓ ଅନଧିକୃତ ହମ୍ପସ୍, ରମ୍ବଲର୍ସ ଅପସାରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଖରାପ ଅବସ୍ଥାରେ ଥିବା ଟ୍ରାଫିକ୍ ପୋଷ୍ଟ ଗୁଡିକର ନବୀକରଣ ଓ ଟ୍ରାଫିକ୍ ନିକଟରେ ସ୍ଥାୟୀ ଶୌଚାଳୟ ନିର୍ମାଣ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା । ବାଲିଘାଟ ନିକଟରେ ବାଲି ଅପସାରଣ ସମୟରେ ଅତ୍ୟଧିକ ବାଲି ବୋଝେଇ ଗାଡି ଗୁଡିକ ୪୦ ହଜାର ଟଙ୍କାର ଜରିମାନା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ହୋଇଥିବା ଉଚ୍ଛେଦ ସ୍ଥାନରେ ପୁନର୍ବାର ଜବରଦଖଲ ନେଇ ନିୟମିତଭାବେ ସମୀକ୍ଷା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାସ୍ତା ଅବରୋଧ କରୁଥିବା ବ୍ୟବସାୟୀଙ୍କୁ ଅପସାରଣ କରି ଦୁର୍ଘଟଣାକୁ ଆହୁରି ହ୍ରାସ କରାଯାଇପାରିବ ବୋଲି ମତାପ୍ରକାଶ ପାଇଥିଲା । ଅମାନିଆ ଗାଡି ଚାଳକ, ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରପ୍ରାପ୍ତ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରକାଶଥାଉକି ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ସଡ଼କ ଦୁର୍ଘଟଣା ଅପେକ୍ଷାକୃତ ଭାବେ ହ୍ରାସ ପାଇଛି । ସେହିପରି ନିୟମ ଭଙ୍ଗକାରୀ ଚାଳକଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପୂର୍ବବର୍ଷ ଜାନୁୟାରୀରେ ୨୭୯ ଥିବାବେଳେ ଚଳିତବର୍ଷ ୪୦୦କୁ ବୃଦ୍ଧି ପାଇଛି । ଏଥିସହ ଚଳିତବର୍ଷ ଜାନୁୟାରୀ ମାସରେ ୫ ଲକ୍ଷ ୯୦ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି । ବୈଠକରେ କଟକ ଜିଲ୍ଲା ବସ୍ ମାଲିକ ସଂଘ ଏବଂ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାମାନେ ଭାଗ ନେଇ ଆଲୋଚନାରେ ଅଂଶଗ୍ରହଣ ପୂର୍ବକ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ । ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ବୈଠକରେ ନିଆଯାଉଥିବା ନିଷ୍ପତ୍ତି ଗୁଡ଼ିକୁ ତ୍ୱରିତ କାର୍ଯ୍ୟକାରୀ କରିବା ଦିଗରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଉପଆୟୁକ୍ତ ପୋଲିସ କମିଶନରେଟ୍ ଅମରେନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ସହକାରୀ ଆୟୁକ୍ତ ଟ୍ରାଫିକ୍ ଜୟନ୍ତ କୁମାର ଡ଼ୋରା ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଓଡ଼ିଶା ବଜାରରେ ନିମ୍ନମାନର ଦୁଗ୍ଧଜାତ ସାମଗ୍ରୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ବଜାରରୁ ସଂଗ୍ରହ ହୋଇଥିବା ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ନମୁନାରୁ ୮ଟି ନିମ୍ନମାନର ଥିବା ଜଣାପଡିଛି । ମୋଟ୍ ୮୮ଟି ନମୁନା ପରୀକ୍ଷାରୁ ଏହା ଜଣାପଡିଥିବା ସୂଚନା ଦେଇଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଓଡ଼ିଶାରେ ଓମ୍‌ଫେଡ ବ୍ୟତିତ ମୁଖ୍ୟତଃ ୨୨ଟି କମ୍ପାନୀ ଦୁଗ୍ଧଜାତି ଦ୍ରବ୍ୟର ବ୍ୟବସାୟ କରୁଛନ୍ତି। ଏଥିରୁ ୧୦ଟି କମ୍ପାନୀ ରାଜ୍ୟ ଭିତରର ହୋଇଥିବାବେଳେ ବାହାର ରାଜ୍ୟର ୧୨ଟି କମ୍ପାନୀ ରହିଛନ୍ତି । ଏହିସବୁ କମ୍ପାନୀମାନଙ୍କର ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ମାନ ଯାଞ୍ଚ କରିବା ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନରେ ଥିବା ଖାଦ୍ୟ ସୁରକ୍ଷା କମିଶନରେଟ୍ ଦ୍ୱାରା ପରୀକ୍ଷା କରାଯାଇଥାଏ । ଉତ୍ତରରେ ଦିଆଯାଇଥିବା ସୂଚନା ଅନୁଯାୟୀ ୨୦୨୫ ବର୍ଷରେ ମୋଟ୍ ୮୮ଟି ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀର ନମୂନା ସଂଗ୍ରହ ହୋଇ ପରୀକ୍ଷା କରାଯାଇଥିବା ବେଳେ ଏଥିରୁ ୮ଟି ନମୂନା ନିମ୍ନମାନର ବୋଲି ଜଣାପଡିଛି ।

# ୯୫ ରନରେ ଅଲଆଉଟ୍ : ପରାଜୟରୁ ଅଭିଯାନ ଆରମ୍ଭ କଲା ଶ୍ରୀଲଙ୍କା



**ନୂଆଦିଲ୍ଲୀ**

ସୁପର-୮ର ପ୍ରଥମ ମୁକାବିଲା। ପରାଜୟରୁ ଅଭିଯାନ ଆରମ୍ଭ କରିଛି ଶ୍ରୀଲଙ୍କା। ଇଂଲଣ୍ଡ ବିପକ୍ଷ ପ୍ରଥମ ସୁପର-୮ ମୁକାବିଲାରେ ୯୫ ରନରେ ଅଲଆଉଟ୍ ହୋଇଛି ଶ୍ରୀଲଙ୍କା। ଦଳର ୪ ଜଣ ଖେଳାଳିଙ୍କୁ ଛାଡ଼ିଦେଲେ ବାକି ଖେଳାଳି ଦୁଇଅଙ୍କ ମଧ୍ୟ ଛୁଇଁପାରିନଥିଲେ। ଦଳ ପକ୍ଷରୁ ସକାନା ସର୍ବାଧିକ ୩୦ ରନ୍ କରିଥିଲେ। ବାକି ଖେଳାଳି ସେମିତି ଆଖି ଦୃଶିଆ ପ୍ରଦର୍ଶନ କରିପାରିନଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ନିର୍ଦ୍ଧାରିତ ଓଭର ମଧ୍ୟରେ ୯ ୱିକେଟ୍ ବିନିମୟରେ ୧୪୬ ରନ୍ କରିଥିଲା। ଲାଗୁଥିଲା ଶ୍ରୀଲଙ୍କା ସହଜରେ ଘରୋଇ ମାଟିରେ ବିଜୟ ହାସଲ କରିଦେବ। ମାତ୍ର ଦଳରେ କୌଣସି ବ୍ୟାଟ୍ସମ୍ୟାନ ଇଂରେଜ ବୋଲରଙ୍କ ଆଗରେ ତିଷ୍ଠି ପାରିନଥିଲେ। ମାତ୍ର ୯୫ ରନରେ ଅଲଆଉଟ୍ ହୋଇଥିଲେ। ଇଂଲଣ୍ଡର ଓପନର ବ୍ୟାଟ୍ସମ୍ୟାନ ଫିଲ ସଲ୍ଟ ୬୨ ରନର ପାଳି ଖେଳିଥିଲେ। ୱିଲ୍ ଜ୍ୟାକ୍ସ ଏହି ମ୍ୟାଚରେ ୩ ୱିକେଟ ଅକ୍ତିଆର କରିଥିବାବେଳେ ୨୧ ରନ୍ ସଂଗ୍ରହ କରିଥିଲେ। ସେ ଏହି ମ୍ୟାଚରେ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ।

# ସୁପର-୮ ମୁକାବିଲା : ୭୬ ରନରେ ହାରିଲା ଭାରତ

**ଅହମ୍ମଦାବାଦ**

ଉଭୟ ବ୍ୟାଟିଂ ଏବଂ ବୋଲିଂରେ ପ୍ରଭାବୀ ପ୍ରଦର୍ଶନ କରି ଚଳିତ ଟି୨୦ ବିଶ୍ୱକପ୍‌ର ସୁପର-୮ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୭୬ ରନରେ ଭାରତକୁ ପରାସ୍ତ କରିଛି। ଏହି ପରାଜୟ ଯୋଗୁ ଗତ ସଂସ୍କରଣରୁ ଅପରାଜେୟ ଥିବା ଭାରତୀୟ ଦଳର ବିଜୟ ଧାରାରେ ବ୍ରେକ ଲାଗିଛି।



ଦକ୍ଷିଣ ଆଫ୍ରିକା ଦ୍ୱାରା ପ୍ରଦତ୍ତ ୧୮୮ ରନର ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଭାରତ ୧୮.୫ ଓଭରରେ ୧୧୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତୀୟ ଦଳ ଆସନ୍ତା ୨୬ ତାରିଖରେ ତା'ର ପରବର୍ତ୍ତୀ ସୁପର-୮ ମ୍ୟାଚ୍‌ରେ ଜିମ୍ବାୱେକୁ ଭେଟିବ।

ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକାରେ ଅଧିନାୟକ ଏଡେନ ମାରକ୍ରମ (୪), କ୍ୱିଣ୍ଟନ ଡି କକ୍ (୭) ଓ ରିଆନ ରିକଲଟନ (୭)ଙ୍କ ଉଇକେଟ ହରାଇଥିଲା। ଏହାପରେ ଡୱାଲ୍ଡ ବ୍ରେଭିସ ଓ ଡେଭିଡ୍ ମିଲର ଚତୁର୍ଥ ଉଇକେଟରେ ୫୦ ବଲରେ ୯୭ ରନ କରିଥିଲେ। ଅର୍ଦ୍ଧଶତକ ଅଭିମୁଖେ ଅଗ୍ରସର ହେଉଥିବା ବ୍ରେଭିସ ୨୯ ବଲରେ ୩ ଲେଖାଏ ଚୌକା ଓ ଛକା ସହ ୪୫ ରନ କରି ଆଉଟ୍ ହୋଇଥିଲେ। ଏହିଠାରୁ ଟ୍ରିଷ୍ଟାନ ଷ୍ଟବ୍ସଙ୍କ ସହ ମିଶି ମିଲର ଦଳୀୟ ସ୍କୋରକୁ ୧୫୦ ପାର ପଞ୍ଚାଇଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ମିଲର ୩୫ ବଲରେ ୭ ଚୌକା ଓ ୩ ଛକା ସହିତ ୬୩ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଷ୍ଟବ୍ସ ୨୪ ବଲରେ ଅପରାଜିତ ୪୪ ( ୧ ଚୌକା ଓ ୩ ଛକା) ରନ କରିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୭ ଉଇକେଟ ହରାଇ ୧୮୭ ରନ କରିଥିଲା।

ଜବାବରେ ଭାରତ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୮.୫ ଓଭରରେ ୧୧୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଶିବମ ଦୁବେ (୪୨ ରନ, ୧ ଚୌକା ଓ ୩ ଛକା)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର ଭଲ ସ୍କୋର କରି ପାରି ନ ଥିଲେ।

# ଅବସର ନେଇ ସଙ୍କେତ ଦେଲେ ନେମାର

**ରିଓଡି ଜାନିରୋ**

ବ୍ରାଜିଲର ଚର୍ଚ୍ଚିତ ଫୁଟ୍‌ବଲ୍ ତାରକା ନେମାର ଅବସର ସଙ୍କେତ ଦେଇଛନ୍ତି। ଏହି ୩୪ ବର୍ଷୀୟ ଅଗ୍ରଭାଗ ଖେଳାଳି ଚଳିତବର୍ଷ ଶେଷ ଆଡ଼କୁ ଅନ୍ତର୍ଜାତୀୟ ଫୁଟ୍‌ବଲ୍ ଛାଡ଼ିପାରନ୍ତି। ଏଥିନେଇ ବ୍ୟକ୍ତିଗତ ଭାବେ ସେ କିନ୍ତୁ କୌଣସି ଆନୁଷ୍ଠାନିକ ସୂଚନା ଦେଇନାହାନ୍ତି। ବାରମ୍ବାର ଆହତ ହେବା ପରେ ନେମାର ଗତବର୍ଷ ଜାନୁଆରୀ ମାସରେ ନିଜ ପିଲାଦିନର କ୍ଲବ୍ 'ସାଣ୍ଟୋସ'କୁ ଫେରିଥିଲେ। ଏହି ଦଳର ଗତ ୫ଟି ମ୍ୟାଚ୍‌ରେ ୫ଟି ଗୋଲ୍ ବି ଦେଇଥିଲେ। ତେବେ ପୁଣି ଥରେ ଆହତ ହୋଇ ଥିବାରୁ ଚଳିତବର୍ଷ ଆୟୋଜିତ ହେବାକୁ ଥିବା ବିଶ୍ୱକପ୍‌ରେ ସେ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।



# ନୂଆଦିଲ୍ଲୀ ମାରାଥନ୍ ଜିତି ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କଲେ କାର୍ତ୍ତିକ କର୍କେରା



**ନୂଆଦିଲ୍ଲୀ**

ମୁମ୍ବାଇର କାର୍ତ୍ତିକ କର୍କେରା ମର୍ଯ୍ୟାଦାଜନକ ୧୧ତମ ନୂଆଦିଲ୍ଲୀ ମାରାଥନ୍ ବିଜୟୀ ହୋଇଛନ୍ତି। ସେ ମାତ୍ର ୨ ଘଣ୍ଟା ୧୩ ମିନିଟ୍ ? ୧୦ ସେକେଣ୍ଡ୍‌ରେ ୪୨.୨ କିଲୋମିଟର ଅତିକ୍ରମ କରି ବିଜୟୀ ହେବା ସହ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅଲମ୍ପିଆନ୍ ଥୋନାକଲ୍ ଗୋପୀ ୨ ଘଣ୍ଟା ୧୩ ମିନିଟ୍ ୧୨ ସେକେଣ୍ଡ୍‌ରେ ଏହି ଦୂରତ୍ୱ ଅତିକ୍ରମ କରିବା ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଆଉ ୩ ସେକେଣ୍ଡ୍ ବିଳମ୍ବରେ ପହଞ୍ଚିଥିବା ୨୦୨୪ର ଏସୀୟ ମାରାଥନ୍ ସ୍ୱର୍ଣ୍ଣ ପଦକ ବିଜେତା ମାନ୍ ସିଂ ତୃତୀୟ ସ୍ଥାନରେ ରହିଛନ୍ତି।

ଗୋପୀ ଓ ସିଂ ମଧ୍ୟ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଚଳିତ ବର୍ଷ ଜାପାନରେ ହେବାକୁ ଥିବା ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ ସମୟ ସୀମା ୨ ଘଣ୍ଟା ୧୫ ମିନିଟ୍ ୪ ସେକେଣ୍ଡ୍ ରଖାଯାଇଛି। ଅନ୍ୟପକ୍ଷରେ ନିର୍ମାବେନ୍ ଠାକୋର ମହିଳା ବର୍ଗରେ ବିଜୟୀ ହୋଇଛନ୍ତି। ସେ ୨ ଘଣ୍ଟା ୪୧ ମିନିଟ୍ ୧୫ ସେକେଣ୍ଡ୍‌ରେ ଏହି ଦୂରତ୍ୱ ଅତିକ୍ରମ କରିଥିଲେ। ଏହା ସତ୍ତ୍ୱେ ସେ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିପାରିନାହାନ୍ତି। ମହିଳା ବର୍ଗରେ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ ସମୟସୀମା ୨ ଘଣ୍ଟା ୩୧ ମିନିଟ୍ ୫୨ ସେକେଣ୍ଡ୍ ରଖାଯାଇଛି।

## ଟି-୧୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ରୁଙ୍ଗଟା ଏକାଦଶ ଟିମ୍‌କୁ ହରାଇ ବଡ଼ବିଲ ପୋଲିସ ଟିମ୍ ଚାମ୍ପିଅନ

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

ଗତ ଫେବୃୟାରୀ ୧୭ ତାରିଖରେ ଆରମ୍ଭ ହୋଇଥିବା ପ୍ରଥମ ସଂସ୍କରଣ ଟି-୧୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇ ଯାଇଛି। ୫ ଦିନିଆ ଅନୁଷ୍ଠିତ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବଡ଼ବିଲ ଆଖ ପାଖ ଅଞ୍ଚଳର ୧୬ ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ବଡ଼ବିଲ୍ ପୋଲିସ ଟିମ୍ ଓ ରୁଙ୍ଗଟା ଏକାଦଶ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଏହି ଦୁଇ ଶକ୍ତିଶାଳୀ ଦଳ ମୁହାଁମୁହିଁ ହୋଇଥିଲେ। ବଡ଼ବିଲ ପୋଲିସ ଟିମ୍ ଟସ୍ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇ ୯୨ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ରଖିପାରିଥିଲେ। ଏହି ଲକ୍ଷ୍ୟକୁ ରୁଙ୍ଗଟା ଏକାଦଶ ପିଛା କରି ନିର୍ଦ୍ଧାରିତ ୧୦ ଓଭରରେ ୮୨ ରନ କରି ପରାଜୟ ହୋଇଥିଲେ। ବଡ଼ବିଲ୍ ପୋଲିସ ଟିମ୍ ଓ ରୁଙ୍ଗଟା ଏକାଦଶ ଟିମ୍ ଦ୍ୱୟ ଲିଗ ମ୍ୟାଚ୍ ପର୍ଯ୍ୟାୟରୁ ହିଁ ନିଜର ଉତ୍ତମ ତାଳମେଳ, ସୁଦୃଢ଼ ରଣ କୌଶଳ ଏବଂ ଉତ୍କୃଷ୍ଟ ଖେଳର ପ୍ରଦର୍ଶନ କରି ଦର୍ଶକମାନଙ୍କ ମନ ଜିଣିପାରିଥିଲେ। ବଡ଼ବିଲ୍ ପୋଲିସ ଟିମ୍ ୧୦ ରନ ବ୍ୟବଧାନରେ ବିଜୟ ହାସଲ କରିଥିବା ବେଳେ ବଡ଼ବିଲ୍ ପୋଲିସ ଦଳର ଅଧିନାୟକ ପ୍ରଶାନ୍ତ ସାମଲ ନିଜର ବ୍ୟକ୍ତିଗତ ୭ ରନ ସହିତ ୨ଟି ୱିକେଟ୍ ହାସଲ କରିବା ସହ ପ୍ଲେୟାର ଅଫ ଦ ମ୍ୟାଚ୍‌ରେ ପୁରସ୍କୃତ ହୋଇଥିଲେ। ତେବେ ନିଜ ଚମତ୍କାର ବ୍ୟାଟିଂ ଏବଂ ବୋଲିଂ ବଳରେ ରୁଙ୍ଗଟା ଏକାଦଶର ସତ୍ୟବାନ ଆପଙ୍ଗ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୫୭ ରନ୍ ସହିତ ୫ ୱିକେଟ୍ ସଂଗ୍ରହ କରି ସର୍ବଶ୍ରେଷ୍ଠ ଖେଳାଳିର ଟାଇଟେଲ୍ ହାସଲ କରିଥିଲେ। ସେହିଭଳି ବଡ଼ବିଲ୍ ପୋଲିସ ଟିମ୍‌ର ରାଜନ୍ ଟୁର୍ଣ୍ଣାମେଣ୍ଟର ବେଷ୍ଟ-ବ୍ୟାଟରଏବଂ ପ୍ରଶାନ୍ତ ସାମଲ ବେଷ୍ଟ-ବୋଲରର ଟାଇଟେଲ୍ ଜିତିଥିଲେ। ରାଜନ୍ ପୂରା ଟୁର୍ଣ୍ଣାମେଣ୍ଟରେ ୧୨୦ ରନ୍ ସ୍କୋର୍ କରିଥିବା ବେଳେ ପ୍ରଶାନ୍ତ ସାମଲ ସମୁଦାୟ ୪ଟି ଇନିଂସରେ ୮ଟି ୱିକେଟ୍ ହାସଲ କରିଥିଲେ। ଏଥିସହିତ ରୁଙ୍ଗଟା ଏକାଦଶ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ସହ ନିଜର ଟିମ୍‌ର ସର୍ବୋତ୍ତମ ଅନୁଶାସନ ଟିମ୍ ଭାବରେ ପୁରସ୍କୃତ ହୋଇଥିଲା। ରୁଙ୍ଗଟା ମାଇନ୍ସ ଲିମିଟେଡ ପକ୍ଷରୁ ନିଗମ ସାମାଜିକ ଦାୟିତ୍ୱ (ସଏଆର) ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଆସିଥିବା ଦଳ ଏବଂ ଖେଳାଳିମାନଙ୍କ ପ୍ରଦର୍ଶନ ଏବଂ ଉତ୍ସାହ ଚର୍ଚ୍ଚାର ବିଷୟ ଥିଲା। ଏହି ଟିମ୍‌ମାନେ ପ୍ରତିଦ୍ୱନ୍ଦ୍ୱୀ ଟିମ୍‌ମାନଙ୍କୁ ପ୍ରତି ରନ୍ ପାଇଁ ସଂଘର୍ଷ କରିବାକୁ ବାଧ୍ୟ କରିଥିଲେ।




ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ୩୦ ହଜାର ଟଙ୍କା ଓ ରନର୍ସଅପ୍ ଟିମ୍‌କୁ ୨୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ଗଣେଶ୍ୱର ମହାନ୍ତ, ସିଏମ୍ ପ୍ରତିନିଧି ରାଜୁ ମହାନ୍ତ, ପୌରସଭ୍ୟା ବବିରାଣୀ ମହାନ୍ତ, ସମାଜସେବୀ ଲକ୍ଷ୍ମଣ ମହାନ୍ତ, ବଡବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ବଡ଼ବିଲ ଆଇଆଇସି ଅଶୋକ ନାୟକ, ଯୋଡ଼ା ଆଇଆଇସି ପ୍ରଶାନ୍ତ ସାମଲ, ସିଜିଏମ ବିଶ୍ୱରଞ୍ଜନ ପାଢ଼ୀ, ସିଜିଏମ୍, ମାନବ ସମ୍ବଳ ଆନନ୍ଦ ଚରଣ ସାହୁ, ପ୍ଲାଣ୍ଟ ମୁଖ୍ୟ ସୁରେଶ ମହାପାତ୍ର, କାରଖାନା ପରିଚାଳକ ଭି.ଏନ.ଝା, କଲ୍ୟାଣ କମଳ ଭୂୟାଁ, କେ.ସି. ପାତ୍ରଙ୍କ ସହ ଅନ୍ୟମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ସୁନିଲ ଗୁପ୍ତା, ପୁରେନ୍ଦ୍ର ମହାନ୍ତ, ଜେଠୁରାମ ପାତ୍ର ପରିଚାଳନା କରିଥିବା ବେଳେ ବିଘ୍ନେଶ ପରିଡ଼ା, ସୁବଳ ଜେନା ସ୍କୋର ବୋର୍ଡ କାର୍ଯ୍ୟ ତୁଲାଇଥିଲେ। ସୁରେଶ ସାଣ୍ଡିଲ, ବିନ୍ନୀ କର ଧାରା ବିବରଣୀ ପ୍ରବେଶ କରେଇଥିଲେ। କମ୍ପାନୀ ନିର୍ଦ୍ଦେଶକ ପ୍ରଣୟ କୁମାର ଦେଓ ଓ ସମାଜସେବୀ ଲକ୍ଷ୍ମଣ ମହାନ୍ତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ସୁଚାରୁରୂପେ ପରିଚାଳିତ ହୋଇଥିଲା।

# ଓଡ଼ିଶା କ୍ରିକେଟ ଆସୋସିଏସନ ନିର୍ବାଚନ କଳି

**ନୂଆଦିଲ୍ଲୀ**

ତେଜିଲା ଓଡ଼ିଶା କ୍ରିକେଟ ଆସୋସିଏସନ ନିର୍ବାଚନ କଳି। ଜେନେରାଲ ବଡି ବୈଠକକୁ ବୟକଟ କରିଛନ୍ତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର। ବୈଠକକୁ ବୟକଟ କରି ଗଣମାଧ୍ୟମ ଆଗରେ ବର୍ଷିଲେ ଲଳିତେନ୍ଦୁ। ନିୟମକୁ ଉଲଘଂନ କରି ନିର୍ବାଚନ ଘୁଞ୍ଚାଇବାକୁ ଚେଷ୍ଟା କରାଯାଉଛି। ଲୋଧା କମିଟି ରିପୋର୍ଟ ଅନୁସାରେ ୧୬ଟି ସଂଘର ନିର୍ବାଚନ କରିସାରିଲେଣି। ଓସିଏ ନିର୍ବାଚନ ନ କରି ଘୁଞ୍ଚାଉଥିବା ନେଇ ଅଭିଯୋଗ କରିଛନ୍ତି ଲଳିତେନ୍ଦୁ। ମୁଁ ଏହାକୁ ବିରୋଧ କରି ବୟକଟ କରୁଛି। ବିସିସିଆଇକୁ ମଧ୍ୟ ଏ ପ୍ରସଙ୍ଗରେ ଅବଗତ କରାଇବି। ଦରକାର ପଡ଼ିଲେ ଆଇନର ଆଶ୍ରୟ ନେବି। କିଛି ଲୋକ ଦୀର୍ଘ ବର୍ଷ ହେଲା ଓସିଏକୁ କବଜା କରି ରଖିଛନ୍ତି। ଓସିଏରେ ଅନେକ ଆର୍ଥିକ ଅନିୟମିତତା ହୋଇଛି। ସ୍ପେଶାଲ ଅଡିଟ ହେଉ। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତଦନ୍ତ ପାଇଁ ଦାବି କରିବି।

# ମହାନଦୀର ଗଭୀର ଜଳରେ ଦୁଃସାହସିକ ଜଳକ୍ରୀଡ଼ା ଶିବିରର ଶୁଭାରମ୍ଭ

**କଟକ, ନ୍ୟୁଜ୍‌ବ୍ୟୁରୋ**

ମହାନଦୀର ଗଭୀର ଜଳରାଶିରେ ରାଜ୍ୟର ୫ ଜିଲ୍ଲାର ୧୫୦ ଏନଏସଏସ ଛାତ୍ରଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଛି ଦୁଃସାହସିକ ଜଳକ୍ରୀଡ଼ା ପ୍ରଶିକ୍ଷଣ ଶିବିର। ଉଚ୍ଚଶିକ୍ଷା ତଥା କ୍ରୀଡ଼ା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଜେ ଅତ୍ୟାଧୁନିକ ୱାଟର୍ ସ୍କୁଟରରେ ମହାନଦୀ ଜଳ ଭିତରକୁ ଯାଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କୁ ୬ ଦିନ ଧରି ୧୨ଟି ଇଭେଣ୍ଟରେ ଦୁଃସାହସିକ ଜଳକ୍ରୀଡ଼ାର ବିଭିନ୍ନ କୌଶଳ ସଂପର୍କରେ ପ୍ରଶିକ୍ଷଣ ଦିଆଯିବ। ପିଲାମାନେ ଦିନରାତି ମହାନଦୀ ଭିତରେ ଥିବା ପଠାରେ ରହି ଏହି ଜଳକ୍ରୀଡ଼ାର ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କରିବେ। କଟକ ତୁଳସୀପୁର ଡିୟର ପାର୍କ ନିକଟରେ ମହାନଦୀର ଗଭୀର ଜଳରାଶିରେ ଆରମ୍ଭ ହୋଇଥିବା ଜଳକ୍ରୀଡ଼ାରେ ଜଣାଶୁଣା ସ୍କୁବା ଡାଇଭର ସବୀର ବକ୍ସ




ଓ ତାଙ୍କ ଟିମ ୬ ଦିନ ଧରି ଏହି ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବେ। ଫଳରେ ସେମାନେ ସାହସୀ ହେବା ସହ ଆଗକୁ ଜଳକ୍ରୀଡ଼ାରେ ସୁନାମ ଆଣିବେ। ଏନେଇ କ୍ରୀଡ଼ା ମନ୍ତ୍ରୀ କହିଛନ୍ତି ଜଳକ୍ରୀଡ଼ା କରିବା ଓଡ଼ିଶାର ପ୍ରତ୍ୟକଟି ଓଡ଼ିଆଙ୍କ ଜିନରେ ରହିଛି। ଆମ ଓଡ଼ିଶାର କ୍ରୀଡାବିତ ମାନେ ଅଲମ୍ପିକରେ ମଧ୍ୟ ଭଲ ପ୍ରଦର୍ଶନ କରିବେ ବୋଲି ମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ଆଗରୁ ଏନଏସଏସର ସ୍ଥଳଭାଗରେ ବର୍ଷ ତମାମ ଛାତ୍ରଛାତ୍ରୀଙ୍କୁ ନେଇ ଶିବିର ଆୟୋଜିତ ହେଉଥିଲା। ତେବେ ନଦୀନାଳ, ସମୁଦ୍ର ଭରା ଆମ ରାଜ୍ୟର ଉପକୂଳ ଅଞ୍ଚଳର ପିଲାମାନେ ଜଳକ୍ରୀଡ଼ାର ବିଶେଷ ଅଭିଜ୍ଞତା ପାଇ ପାରୁ ନ ଥିଲେ। 'ତେଣୁ ଏଭଳି ଶିବିର ଦ୍ୱାରା ପ୍ରଥମ ପର୍ଯ୍ୟାୟରେ ଦେଢ଼ଶହ ଛାତ୍ରଛାତ୍ରୀ ଜଳକ୍ରୀଡାର କୌଶଳ ଶିଖି ସାହାସୀ ହେବା ସହ ଜଳକ୍ରୀଡାରେ ମନ ବଳାଇବେ। ଯାହାକି ଅନେକ ଯୁବପିଢ଼ୀଙ୍କୁ ବେଶ ଉତ୍ସାହିତ କରିବ', ବୋଲି ସବୀର ବକ୍ସ କହିଛନ୍ତି। ସୋସିଆଲ ମିଡିଆ ଏକ୍ସରେ କ୍ରୀଡ଼ାମନ୍ତ୍ରୀ ଲେଖିଛନ୍ତି, 'ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜିତ ହେଉଥିବା ଦୁଃସାହସିକ ଜଳକ୍ରୀଡ଼ା ଶିବିରର ଶୁଭାରମ୍ଭ ହୋଇଛି। ମହାନଦୀ ତଟର ସୂର୍ଯ୍ୟ ଦ୍ୱୀପରେ ଏହି ରୋମାଞ୍ଚକ କ୍ରୀଡ଼ାରେ ୧୦ଟି ଭିନ୍ନ ବର୍ଗରେ ୧୫୦ କ୍ରୀଡ଼ାବିତ୍ ଅଂଶଗ୍ରହଣ କରୁଛନ୍ତି। ଅନୁଭବୀ ପ୍ରଶିକ୍ଷକ ତଥା ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆମ ଯୁବ ପ୍ରତିଭାମାନେ ଅନୁଶାସନ, ଆତ୍ମବିଶ୍ୱାସ ଓ ସାହସ ସହିତ ଏହି ଜଳକ୍ରୀଡ଼ାର ଅଭ୍ୟାସ ଓ ପ୍ରଶିକ୍ଷଣ ଲାଭ କରିବେ। ଏଥିରେ ଭାଗ ନେଉଥିବା ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଆନ୍ତରିକ ଶୁଭେଚ୍ଛା।'

# ବୈଭବ ସୂର୍ଯ୍ୟବଂଶୀଙ୍କୁ ୫୦ ଲକ୍ଷ ଟଙ୍କା ଦେଲେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର

**ପାଟନା**

ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ - ୨୦୨୬ ଜିତିଥିବା ଭାରତୀୟ ଦଳରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ବିହାରକୁ ଗର୍ବିତ କରିଥିବା ବୈଭବ ସୂର୍ଯ୍ୟବଂଶୀଙ୍କୁ ୫୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ସେ ତାଙ୍କୁ ଶାଲ ଦେଇ ସମ୍ମାନିତ କରିଛନ୍ତି।



ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବୈଭବ ସୂର୍ଯ୍ୟବଂଶୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେ ତାଙ୍କ କଠିନ ପରିଶ୍ରମ ଏବଂ ପ୍ରତିଭା ମାଧ୍ୟମରେ ଭାରତୀୟ କ୍ରିକେଟ ପାଇଁ ଏକ ନୂତନ ଆଶା ପାଲଟିଛନ୍ତି। ସେ କହିଛନ୍ତି, 'ମୁଁ କାମନା କରୁଛି ଯେ, ବୈଭବ ସୂର୍ଯ୍ୟବଂଶୀ ଭବିଷ୍ୟତରେ ଭାରତୀୟ ଦଳ ପାଇଁ ନୂତନ ରେକର୍ଡ ସୃଷ୍ଟି କରନ୍ତୁ ଏବଂ ଦେଶକୁ ଗୌରବ ଆଣନ୍ତୁ।'

ମୁଖ୍ୟମନ୍ତ୍ରୀ କହିଛନ୍ତି, ଭଲ କ୍ରିକେଟ ଖେଳିବା ଜାରି ରଖନ୍ତୁ ଏବଂ ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣନ୍ତୁ। ରାଜ୍ୟରେ ଆଧୁନିକ ଏବଂ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କରାଯାଉଛି। ସରକାର ଖେଳାଳିମାନଙ୍କୁ ଉତ୍ସାହିତ କରୁଛନ୍ତି ଏବଂ ସେମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦେଉଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ବିହାରର ଜଣେ ପୁଅ ତାଙ୍କ କଠିନ ପରିଶ୍ରମ ଏବଂ ପ୍ରତିଭା ମାଧ୍ୟମରେ ଅନ୍ତର୍ଜାତୀୟ ସ୍ତରରେ ପରିଚିତି ହାସଲ କରିଛନ୍ତି ଏହା ଆମ ସମସ୍ତଙ୍କ ପାଇଁ ବହୁତ ଖୁସିର ବିଷୟ। ବୈଭବ ସୂର୍ଯ୍ୟବଂଶୀ ବିହାରର ପିଲାମାନଙ୍କ ପାଇଁ ପ୍ରେରଣା। ସେ ବୈଭବଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଅନ୍ୟପକ୍ଷରେ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ଏକ ମହଙ୍ଗା କାର୍ ପାଇଥିଲେ। ଟାଟା ଦ୍ୱାରା ତାଙ୍କୁ ଏକ କର୍ଭ କାର୍ ଉପହାର ଦିଆଯାଇଥିଲା। ବୈଭବଙ୍କୁ ଟାଟା ଆଇପିଏଲ୍‌ରେ ସିରିଜର ଶ୍ରେଷ୍ଠ ଷ୍ଟ୍ରାଇକର ଭାବରେ ସମ୍ମାନିତ କରାଯାଇଥିଲା। ପାଟନାର ଏକ ଟାଟା ଶୋ'ରୁମ୍‌ର ମାଲିକ କହିଛନ୍ତି, ଆଜି କର୍ଭ୍‌ଟି ଡେଲିଭରି କରାଯାଇଛି। ବୈଭବ ଏବଂ ତାଙ୍କ ବାପା ନିଜେ କାର୍ ଗ୍ରହଣ କରିବାକୁ ଆସିଥିଲେ।

ଏହି ଅବସରରେ ଏକ ଆନେ ମାର୍ଗରେ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ଜଳସମ୍ପଦ ମନ୍ତ୍ରୀ ବିଜୟ କୁମାର ଚୌଧୁରୀ, କ୍ରୀଡ଼ା ମନ୍ତ୍ରୀ ଶ୍ରେୟସୀ ସିଂହ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଦୀପକ କୁମାର, ମୁଖ୍ୟମନ୍ତ୍ରୀଙ୍କ ସଚିବ ଅନୁପମ କୁମାର, କ୍ରୀଡ଼ା ବିଭାଗର ସଚିବ ମହେନ୍ଦ୍ର କୁମାର, ବିହାର ରାଜ୍ୟ କ୍ରୀଡ଼ା ପ୍ରାଧିକରଣର ମହାନିର୍ଦ୍ଦେଶକ ରବିନ୍ଦ୍ରନ ଶଙ୍କର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION No-II, KEONJHAR
E-mail: eerw_kjr2@yahoo.com
********
25001/219/2526

"e" Procurement Notice for Road Works
Identification No Online NCB - 19/2025-26.

1. Name of the Work : Road Works
2. Total Number of Work : 02 Nos.
3. Estimated Cost : Rs. 18.00 Lakhs to Rs. 31.69 Lakhs
4. Class of Contractor : 'D', 'C' & 'B' Class
5. Period of Completion : As per annexure of e-Procurement Notice No.19/2025-26 .
6. Other Details

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender inO/o S.E., R.W. Division-II, Keonjhar. |
|---|---|---|---|---|---|
| | | From | To | | Single Cover |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road Online NCB No.19 | Dt.26.02.26 at 11.00 A.M. | Dt.06.03.26 up to 5.00 P.M. | Dt.05.03.26 up to 5.00 P.M. | Dt.07.03.26 at 11.00 A.M. |

Further details can be seen from the Website www.tenderorissa.gov.in

Sd/-
Executive Engineer
R.W.Divn.No-II, Keonjhar

OIPR-25001/25093/1/25-26/0018

OFFICE OF THE NOTIFIED AREA COUNCIL, BANKI
No: 627/ Date :20.02.2026
QUOTATION CALL NOTICE
13001/356/2526

Sealed quotation are invited from registered/experienced reputed firms who are proficient in execution of 3D painting for the work "Beutify or Wall Painting in Banki NAC area & FSTP ",The firms must have experience in similar nature of work with registration Certificate, GST, PAN card along with original valid EMD of Rs.5000/- in shape of TDR & Paper cost Rs.2000/-in shape of Bankers Cheque ,DD ,Cash & offered their Rates for the following items in prescribed schedule format.

| Sl no | Items | Quoted rate Per Sqft including GST.(in figure) | In words |
|---|---|---|---|
| 01 | Supplying all all materials ,labour and ladder/Scaffolding T& P for art painting /3D painting over walls /streets/(RCC or plastered or Bituminous base black top surface) including cost of paint addmixtures such as fabric stainer,acrylic emulsion etc with labour charges of artists and helpers etc complete, as per direction of Engineer - in charge. | | |

The Quotation shall be submitted through Postal /Courier/By hand in the office tender box from 11.00 am on dt :- 23.02.2026 up to 5.00 pm dt:-10.03.2026 excluding Govt holiday. and shall be opened on date: -11.03.2026 at 11.00AM in presence of Tender committee. The undersigned reserves all rights to reject any or all quotations without assigning any reason thereof.

Sd/- Executive Officer
NAC, Banki

OIPR-13001/13153/1/25-26/0001

# ପୁଅଙ୍କୁ ଉପହାରରେ ପାଣ୍ଡ୍ୟା ଦେଲେ ୪ କୋଟିର ଦାମୀ କାର୍

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ପୁଣି ଥରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ୨୦୨୪ ମସିହାରେ ପତ୍ନୀ ନତାଶା ଷ୍ଟାନକୋଭିକଙ୍କ ସହ ତାଙ୍କର ବିବାହ ବିଚ୍ଛେଦ ହୋଇଥିଲା। ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲେ ମଧ୍ୟ ନିଜ ପୁଅ ଅଗସ୍ତ୍ୟଙ୍କ ପାଇଁ ହାର୍ଦ୍ଦିକ ସବୁକିଛି କରିବାକୁ ପ୍ରସ୍ତୁତ ବୋଲି ପ୍ରମାଣ କରିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଖବର ଅନୁଯାୟୀ, ହାର୍ଦ୍ଦିକ ତାଙ୍କ ପୁଅ ଅଗସ୍ତ୍ୟଙ୍କ ପାଇଁ ଏକ ଦାମୀ ଲ୍ୟାଣ୍ଡ ରୋଭର ଡିଫେଣ୍ଡର ଏସ୍‌ୟୁଭି କାର ଉପହାର ଦେଇଛନ୍ତି। ଏହି ଦାମୀ କାରର ମୂଲ୍ୟ ପ୍ରାୟ ୩ ରୁ ୪ କୋଟି ଟଙ୍କା ବୋଲି କୁହାଯାଉଛି। ହାର୍ଦ୍ଦିକ ଏହି ଗିଫ୍ଟ ବିଶେଷ କରି ପୁଅ ପାଇଁ ଦେଇଛନ୍ତି। କିନ୍ତୁ ଅଗସ୍ତ୍ୟ ଏବେ ଛୋଟ ହୋଇଥିବାରୁ ଏବଂ ନତାଶା ତାଙ୍କର ଦେଖାଶୁଣା କରୁଥିବାରୁ, ନତାଶା ନିଜେ ଯାଇ ଏହି କାର୍‌କୁ ରିସିଭ କରିଛନ୍ତି। ସୋସିଆଲ ମିଡିଆରେ କିଛି ଫଟୋ ଭାଇରାଲ ହେଉଛି, ଯେଉଁଥିରେ ନତାଶା ଏବଂ ଅଗସ୍ତ୍ୟ ଏହି ନୂଆ କାର୍ ସହ ପୋଜ୍ ଦେଉଥିବା ଦେଖିବାକୁ ମିଳିଛି।

## ବ୍ରହ୍ମପୁର ସହରରେ ନିର୍ମାଣାଧିନ

# ଉଦ୍ୟାନଗୁଡିକର ଅବସ୍ଥା ଶୋଚନୀୟ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ମହାନଗର ନିଗମ ତରଫରୁ ସହରର ବିଭିନ୍ନ ସ୍ଥାନରେ ନିର୍ମାଣ କରାଯାଇଥିବା ଉଦ୍ୟାନଗୁଡ଼ିକର ଅବସ୍ଥା ଶୋଚନୀୟ ହେବାରେ ଲାଗିଛି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ରକ୍ଷଣାବେକ୍ଷଣ ଏବଂ ମରାମତି ଦିଗରେ ଗୁରୁତ୍ୱ ଦିଆଯାଉନାହିଁ। ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଉଦ୍ୟାନଗୁଡ଼ିକ ଉଦ୍ଦେଶ୍ୟ ପୂରଣରେ ବିଫଳ ହେଉଛି। ସହରର ୱାର୍ଡ ନଂ ୧୪ ସ୍ଥିତ ଧର୍ମନଗରରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏକ ଉଦ୍ୟାନ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏପରିକି ଉଦ୍ୟାନରେ ଲାଗିଥିବା ବିଭିନ୍ନ ଖେଳ ଓ ବ୍ୟାୟାମ ଉପକରଣ ଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହେବାରେ ଲାଗିଛି। ସରଞ୍ଜାମଗୁଡ଼ିକ ନଷ୍ଟ ହୋଇଯାଇ ଥିବାରୁ ଶିଶୁମାନେ ଉଦ୍ୟାନକୁ ଯାଉନାହାନ୍ତି। ଫଳରେ ଉଦ୍ୟାନ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳି



ପାଲଟିଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ପ୍ରକାରେ, ସନ୍ଧ୍ୟା ହେଲେ ଏହି ପାର୍କରେ କିଛି ବ୍ୟକ୍ତି ଏକାଠି ହୋଇ ନିଶାସେବନ କରିବା ସହ ଅଶାନ୍ତ ପରିବେଶ ସୃଷ୍ଟି କରୁଛନ୍ତି। ସାହି ମଝିରେ ଏହି ପାର୍କ ରହିଥିବାରୁ ନିଶାଡ଼ିଙ୍କ ଉତ୍ପାତ ଦେଖି ସ୍ଥାନୀୟ ବାସିନ୍ଦା ଭୟଭୀତ ଅବସ୍ଥାରେ ରହୁଛନ୍ତି। ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଉଦ୍ୟାନ ନିର୍ମାଣ ପରେ ସ୍ଥାନୀୟ ବାସିନ୍ଦା ସକାଳ ଓ ସନ୍ଧ୍ୟା ସମୟରେ ଭ୍ରମଣ ଏବଂ ବ୍ୟାୟାମ ପାଇଁ ଏହା ଉପରେ ନିର୍ଭର କରୁଥିଲେ। ଏତଦ୍ ବ୍ୟତୀତ ଛୋଟ ଛୋଟ ଶିଶୁ ମଧ୍ୟ ଏହି ପାର୍କରେ ଥିବା ଖେଳ ଉପକରଣ ଗୁଡ଼ିକରେ ଖୁବ୍ ମଜ୍ଜା ନେଉଥିଲେ। କିନ୍ତୁ ନିର୍ମାଣର କିଛି ମାସ ପରେ ଉଦ୍ୟାନଟି ଏବେ ଅସୁରକ୍ଷିତ ଓ ଅପରିଷ୍କାର ଅବସ୍ଥାରେ ରହିଛି। ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳି ପାଲଟି ଥିବାରୁ ଭୟରେ ସ୍ଥାନୀୟ ଲୋକେ ଉଦ୍ୟାନକୁ ଯାଉନଥିବା ଜଣାପଡ଼ିଛି। ଅଭିଯୋଗ ହେଉଛି ଯଦିଓ ମହାନଗର ନିଗମ ପକ୍ଷରୁ ଲୋକଙ୍କ ସୁବିଧା ପାଇଁ ଏହି ଉଦ୍ୟାନ ନିର୍ମାଣ କରାଯାଇଛି। ଲକ୍ଷ ଲକ୍ଷ ଟଙ୍କାର ବ୍ୟାୟାମ ଓ ଖେଳ ଉପକରଣ ଲଗା ଯାଇଛି। କିନ୍ତୁ ରକ୍ଷଣାବେକ୍ଷଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଯେଉଁଥିପାଇଁ ଉଦ୍ୟାନଟି ସାଧାରଣ ଲୋକଙ୍କ ବ୍ୟବହାର ଉପଯୋଗୀ ହେଉନାହିଁ। ଉଦ୍ୟାନଗରେ ବସିବାକୁ ଥିବା ଚେୟାର ଗୁଡ଼ିକରେ ବ୍ୟବହୃତ ନିଶାଦ୍ରବ୍ୟ ସାମଗ୍ରୀ ପଡ଼ି ରହୁଛି। ଉଦ୍ୟାନ ପରିସରରେ ଘାସ ଉଠିଥିବା ବେଳେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଛି। ଏଥିପାଇଁ ଏହି ମିନି ପାର୍କ ପରିସରକୁ ଯିବାକୁ କେହି ଇଚ୍ଛା ପ୍ରକାଶ କରୁନାହାନ୍ତି। ଫଳରେ ଏହା ଧୀରେଧୀରେ ନିଶାଡ଼ିଙ୍କ ଆଡ୍ଡା ସ୍ଥାନ ପାଲଟିଛି। ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଏହାର ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି। କେବଳ ଏହି ଗୋଟିଏ ଉଦ୍ୟାନ ନୁହଁ ମୁକ୍ତା ଯୋଜନା ଅଧୀନରେ ଏଭଳି ଅନେକ ଉଦ୍ୟାନ ନିର୍ମାଣ ହୋଇଛି। ଅଧିକାଂଶ ବର୍ତ୍ତମାନ ନଷ୍ଟ ହେଲାଣି।





# ଜାତୀୟ ଚେତନାର ସମ୍ପାଦକଙ୍କୁ ବର୍ଷର ଶ୍ରେଷ୍ଠ ଓଡ଼ିଶାର ସାମ୍ବାଦିକ ଭାବେ ଦିଲ୍ଲୀରେ ସମ୍ମାନିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମିଡ଼ିଆ ଫେଡେରେସନ ଅଫ୍ ଇଣ୍ଡିଆ ତରଫରୁ ନୂଆଦିଲ୍ଲୀର ବି ଏସ୍ ଜେଡ ରୋଡସ୍ଥିତ ପିରେଲାଲ - ଗାନ୍ଧୀ ମେମୋରିଆଲ ହଲ୍ (ଆଇଟିଓ) ଠାରେ ଫେଡେରେସନର ରାଷ୍ଟ୍ରୀୟ ସଭାପତି ଅରୁଣ ଶର୍ମାଙ୍କ ସଭାପତିତ୍ୱରେ ବିଭିନ୍ନ ପର୍ଯ୍ୟାୟରେ ଆୟୋଜିତ ୨୦ ତମ 'ମିଡିଆ ଏକ୍ସଲେନ୍ସି ଆୱାର୍ଡ' ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଜାତୀୟ ବିଦ୍ୟୁତ୍ ଗଣମାଧ୍ୟମର ଶ୍ରୀବର୍ଦ୍ଧନ ତ୍ରିବେଦୀ, ସଞ୍ଜୟ ଦ୍ୱିବେଦୀ, ପ୍ରତୀକ ତ୍ରିବେଦୀ ପ୍ରଦ୍ୱୀପ ପ୍ରଜ୍ୱଳନ କରି ସଭାକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ଅଭିଭାଷଣରେ ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଏବଂ ଏହା ଗଣତନ୍ତ୍ରର ସୁରକ୍ଷା କବଚ ଭାବେ କାର୍ଯ୍ୟ କରେ। ସାମ୍ବାଦିକମାନଙ୍କ ସ୍ୱାଧୀନତାକୁ କ୍ଷୁଣ୍ଣ କରାଗଲେ ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି ହେବା ସହ ଦେଶରେ ଅରାଜକତାର ପରିସ୍ଥିତି ଦେଖାଦେଇପାରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଓଡ଼ିଶାର ଅନ୍ୟତମ ଅଗ୍ରଗଣ୍ୟ ସମ୍ବାଦପତ୍ର 'ଜାତୀୟ



ଚେତନା'ର ସମ୍ପାଦକ ତପନ ବିହାରୀ ଭଞ୍ଜଙ୍କୁ "ବର୍ଷର ଶ୍ରେଷ୍ଠ ଓଡ଼ିଶା ସାମ୍ବାଦିକ" ସମ୍ମାନରେ ଭୂଷିତ କରାଯାଇଥିଲା। ତାଙ୍କୁ ଉତ୍ତରୀୟ, ମାନପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ କରି ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍, ପ୍ରବୀଣ ସାମ୍ବାଦିକ, କର୍ପୋରେଟ ହାଉସର ପ୍ରତିଷ୍ଠାତା, ଶିକ୍ଷାବିତ୍ ମାନେ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ଛଅ ଶହରୁ ଅଧିକ ପତ୍ରକାର ତଥା ବରିଷ୍ଠ ସାମ୍ବାଦିକ ଯୋଗଦାନ କରିଥିଲେ, ସମ୍ବର୍ଦ୍ଧନାର ପ୍ରତିଉତ୍ତରରେ ଶ୍ରୀ ଭଞ୍ଜ କହିଥିଲେ ଯେ, ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକମାନେ କୌଣସି ପରିସ୍ଥିତିରେ କାହା ସହିତ ସାଲିସ୍ ନ କରି ସତ୍ୟ ଓ ନୀତିର ପକ୍ଷରେ ଦୃଢ଼ତାର ସହିତ ସାମନା କରିବାପାଇଁ ଆହ୍ୱାନ ଦେଇଥିଲେ। ସତ୍ୟନିଷ୍ଠ ଓ ନିର୍ଭୀକ ସାମ୍ବାଦିକତା ହିଁ ସମାଜକୁ ସଠିକ ଭାବେ ଦିଗ୍ ଦର୍ଶନ ଦେଇପାରିବ ବୋଲି ଶ୍ରୀ ଭଞ୍ଜ ମତ ପ୍ରଦାନ ଦେଇଥିଲେ। ଉଲ୍ଲେଖନୀୟ ଯେ ଶ୍ରୀ ଭଞ୍ଜଙ୍କୁ ମିଡିଆ ଫେଡରେସନ ଅଫ୍ ଇଣ୍ଡିଆର ଓଡିଶା ଶାଖାର ସଭାପତି ଭାବେ ଦକ୍ଷତାର ସହ କାର୍ଯ୍ୟ ନିର୍ବାହ କରିଥିବାରୁ ତାଙ୍କୁ ଅତିଥି ମାନଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ଓଡିଶା ମିଡିଆ ଫେଡରେସନ ଅଫ୍ ଓଡିଶା ତରଫରୁ ତପନ ବିହାରୀ ଭଞ୍ଜ ଓ ଗୌର ଚନ୍ଦ୍ର ମହାପାତ୍ର ଫେଡେରେସନର ସର୍ବ ଭାରତୀୟ ସଭାପତି ଅରୁଣ ଶର୍ମାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଜଗନ୍ନାଥ ଓ କୋଣାର୍କର ତୈଳଚିତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ । ଶେଷରେ ବିଭିନ୍ନ ରାଜ୍ୟର ଲୋକ ନୃତ୍ୟ ସହ ଆକର୍ଷଣୀୟ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମନ୍ କି ବାତ୍‌ରେ ୩...

ମହୋତ୍ସବ ସମୟରେ, ମୁଁ ଲାଲକିଲ୍ଲାରୁ 'ପଞ୍ଚ-ପ୍ରାଣ' ବିଷୟରେ କହିଥିଲି। ସେଥିମଧ୍ୟରୁ ଗୋଟିଏ ହେଉଛି ଦାସତ୍ୱର ମାନସିକତାରୁ ମୁକ୍ତି। ଆଜି, ଦେଶ ଦାସତ୍ୱର ପ୍ରତୀକଗୁଡ଼ିକୁ ପଛରେ ପକାଇ ଭାରତୀୟ ସଂସ୍କୃତି ସହିତ ଜଡିତ ପ୍ରତୀକଗୁଡ଼ିକୁ ମୂଲ୍ୟ ଦେବା ଆରମ୍ଭ କରିଛି। ଆସନ୍ତାକାଲି, ୨୩ ଫେବୃୟାରୀରେ, ରାଷ୍ଟ୍ରପତି ଭବନରେ ରାଜାଜୀ ମହୋତ୍ସବ ପାଳନ କରାଯିବ। ପ୍ରଦର୍ଶନୀ ୨୪ ଫେବୃୟାରୀରୁ ୧ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ।' 'ମନ କି ବାତ୍'ରେ ଡିଜିଟାଲ ଆରେଷ୍ଟ ବିଷୟରେ ବିସ୍ତାର ଭାବରେ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ। ସେ କହିଛନ୍ତି, ଡିଜିଟାଲ ଆରେଷ୍ଟ ଏବଂ ଡିଜିଟାଲ ଠକେଇ ସମ୍ପର୍କରେ ବହୁତ ସଚେତନତା ସୃଷ୍ଟି କରାଯାଉଛି କିନ୍ତୁ ତଥାପି ଏପରି ଘଟଣା ଘଟୁଛି। ଆପଣମାନେ ସମସ୍ତେ କେୱାଇସି - ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ ପ୍ରକ୍ରିୟା ସହିତ ପରିଚିତ ହେବା ଉଚିତ। କେୱାଇସି ନାଁରେ ଆସୁଥିବା କଲ୍ ପ୍ରତି ସର୍ବଦା ସତର୍କ ରୁହନ୍ତୁ। କେବେ ହେଲେ କାହାରିକୁ ଓଟିପି ଦିଅନ୍ତୁ ନାହିଁ ଏପରିକି ଅପଡେଟ୍ ପାଇଁ ଆସୁଥିବା ଲିଙ୍କ୍‌ରେ କ୍ଲିକ୍ କରନ୍ତୁ ନାହିଁ। କିଛି ଦିନ ଅନ୍ତରରେ ନିଜର ପାସୱାର୍ଡକୁ ପରିବର୍ତ୍ତନ କରନ୍ତୁ।' ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, 'ଆମ ଦେଶରେ, ଯେଉଁମାନେ ସମାଜର କଲ୍ୟାଣ ପାଇଁ କାମ କରିଛନ୍ତି, ସେମାନେ ସର୍ବଦା ଲୋକଙ୍କ ହୃଦୟରେ ରହିଥାନ୍ତି। ଆମ୍ମା ଜୟଲଳିତା ଜୀ ଜଣେ ସେମିତି ଲୋକପ୍ରିୟ ନେତା ଥିଲେ। ଫେବୃୟାରୀ ୨୪ ତାରିଖ ହେଉଛି ତାଙ୍କ ଜନ୍ମବାର୍ଷିକୀ। ଆଜି ମଧ୍ୟ, ତାମିଲନାଡୁର ଲୋକେ ତାଙ୍କ ପ୍ରତି ଗଭୀର ସ୍ନେହ ଥିବା ମୁଁ ଅନୁଭବ କରୁଛି। ଆମ୍ମା ଜୟଲଳିତାଙ୍କ ନାମ ତାମିଲନାଡୁର ଲୋକଙ୍କ ମୁହଁରେ ଚମକ ଆଣିଥାଏ। ସେ ଗୁଜରାଟରେ ମୋର ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲେ। ତାଙ୍କର ଚିନ୍ତାଧାରା ବହୁତ ସ୍ପଷ୍ଟ ଥିଲା।' ପ୍ରଧାନମନ୍ତ୍ରୀ ମୋଦୀ ମନ୍ କି ବାତରେ କହିଛନ୍ତି, ଓଡ଼ିଶାର ଯୁବ ଚାଷୀ ହିରୋଦ ପଟେଲଙ୍କୁ ପ୍ରଶଂସା କରିଛନ୍ତି। ମନ୍ କି ବାତ୍‌ରେ ହିରୋଦଙ୍କ ଚାଷ ଶୈଳୀର ଦେଲେ ଉଦାହରଣ। ହିରୋଦ ତାଙ୍କ ବାପା ଶିବ ଶଙ୍କର ପଟେଲଙ୍କ ଠାରୁ ପ୍ରେରଣା ପାଇ ଚାଷ କାର୍ଯ୍ୟ କରୁଛନ୍ତି। ଧାନ, କଦଳୀ, ମାଛ ଚାଷ କରି ବେଶ୍ ଲାଭବାନ୍ ହୋଇଛନ୍ତି। ହିରୋଦଙ୍କ ଚାଷ ପ୍ରଣାଳୀ ଦେଖିବାକୁ ଅନେକ ଲୋକ ଆସୁଛନ୍ତି। ତାଙ୍କ ଚାଷ ଶୈଳୀ ଶିଖିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକର ରତନପୁର ଗ୍ରାମର ଜଣେ ଯୁବ କୃଷି-ଉଦ୍ୟୋଗୀ ହେଉଛନ୍ତି ହିରୋଦ ପଟେଲ। ଆଇଟିଆଇ ପାଠପଢା ପରେ ଚାଷ କରି ଜଣେ ସଫଳ ଚାଷୀ ହୋଇଛନ୍ତି। ହିରୋଦ ତାଙ୍କର ଅଭିନବ ସମନ୍ୱିତ କୃଷି ମଡେଲ ପାଇଁ ଉଲ୍ଲେଖନୀୟ ସ୍ୱୀକୃତି ପାଇଛନ୍ତି। ୮ ଏକର ଜମିରେ ବିଭିନ୍ନ ପ୍ରକାର ଚାଷ କରୁଛନ୍ତି। ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ସେ ମାଛ, ଫଳ, ପନିପରିବା ସହ ଫୁଲ ଚାଷ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ୧୩୧ ମନ କି ବାତରେ ତାଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି। ମୋଦୀ କହିଛନ୍ତି ଯେ, ଓଡ଼ିଶାର ତୃଣମୂଳ ସ୍ତରର ଉଦ୍ଭାବକ ହିରୋଦ ପଟେଲ ଏକ ଅନନ୍ୟ ପ୍ରତିଭା। ପାରମ୍ପରିକ କୃଷିକୁ ଏକ ଅତ୍ୟନ୍ତ ଲାଭଦାୟକ ଏବଂ ସ୍ଥାୟୀ ଉଦ୍ୟମରେ ପରିଣତ କରିବା କ୍ଷେତ୍ରରେ ସେ ଜଣେ ଅଗ୍ରଣୀ ଚାଷୀ। ହିରୋଦ ପୋଖରୀ ଉପରେ ସିଧାସଳଖ ନିର୍ମିତ ଏକ ଟ୍ରେଲିସ୍ ସିଷ୍ଟମ୍‌ରେ ସମନ୍ୱିତ କୃଷି ତଥା ପୋଖରୀ ଉପରେ ନିର୍ମିତ ବାଉଁଶ ଗଠନ (ଟ୍ରେଲିସ୍) ଉପରେ ଲଟା ଜାତୀୟ ପନିପରିବା ଚାଷ କରିବା ସହ ପୋଖରୀରେ ମାଛ ଚାଷ କରି ଲାଭବାନ ହୋଇଛନ୍ତି। କେବଳ ସେତିକି ନୁହଁ ସେ ପୋଖରୀରେ ନୌଚାଳନା କରି ଟ୍ରେଲିସ୍‌ରେ ଝୁଲୁଥିବା ପନିପରିବା ଅମଳ କରୁଛନ୍ତି। ଏଥିପାଇଁ ସେ ନିଜର ଛୋଟ ଡଙ୍ଗା ମଧ୍ୟ ତିଆରି କରିଛନ୍ତି। ପୋଖରୀ ବାହାରେ ସେ କଦଳୀ ଚାଷ, ଅମୃତଭଣ୍ଡା, ଗୁଆ ଏବଂ ବିଭିନ୍ନ ଋତୁକାଳୀନ ପନିପରିବା ଚାଷ କରୁଛନ୍ତି। ଅନ୍ୟମାନଙ୍କ ପାଇଁ ତାଙ୍କ ଫାର୍ମ ଏକ 'ଜୀବନ୍ତ ପ୍ରୟୋଗଶାଳା' ପାଲଟିଛି। ଯାହା ରାଜ୍ୟ ସାରା କୃଷି ବୈଜ୍ଞାନିକ ଏବଂ ତାଙ୍କ ମଡେଲକୁ ଅନୁକରଣ କରିବାକୁ ଚାହୁଁଥିବା ସହକର୍ମୀମାନଙ୍କୁ ଆକର୍ଷିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଟ୍ରେଲର-ବୋଲେରୋ ଧକ୍କା...

ଜଣେ ପୁଲିସ କନଷ୍ଟେବଲଙ୍କ ବାହାଘର ଭୋଜିରେ ଯୋଗ ଦେବାକୁ ଯାଇ ଫେରୁଥିବା ବେଳେ ରବିବାର ଭୋର ସକାଳ ପ୍ରାୟ ସାଢେ ତିନିଟାରେ ଦୁର୍ଘଟଣା ଘଟିଛି। ଝାରସୁଗୁଡ଼ା ସଦର ଥାନା ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ଚିପ୍ସ ବୋଝେଇ ଟ୍ରେଲର ସହ ବୋଲେରୋ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୫ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଥିଲେ। ବୋଲେରୋ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଚୂରମାର ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଟିମ୍ ଗାଡ଼ି ଭିତରୁ ମୃତଦେହଗୁଡ଼ିକୁ ବାହାର କରିଥିଲେ। ଗୁରୁତରମାନଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପରେ ଗୁରୁତରଙ୍କ ମଧ୍ୟରୁ ୨ ଜଣଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଜଣେ ଝାରସୁଗୁଡ଼ା ଜିଲ୍ଲା ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖବର ପ୍ରସାରିତ ହେବା ପରେ ଜିଲ୍ଲାପାଳ ଏବଂ ଏସ୍‌ପି ଜିଲ୍ଲା ସଦର ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଟ୍ରେଲର ଚାଳକଙ୍କୁ ଅଟକ ରଖାଯାଇଥିବା ବେଳେ ଗାଡ଼ିଟିକୁ ଜବତ କରି ପୁଲିସ ତଦନ୍ତ ଆରମ୍ଭ କରିଛି।

## ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିରୋଧୀ...

ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ଝାରସୁଗୁଡ଼ା ଜିଲ୍ଲାରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଖବର ଶୁଣି ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ରାଜ୍ୟପାଳ।

୫ ପୋଲିସଙ୍କ ମୃତ୍ୟୁ ଘଟଣାରେ ଶୋକ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଶ୍ରୀ ପଟ୍ଟନାୟକ ତାଙ୍କର ଶୋକ ବାର୍ତ୍ତାରେ ଝାରସୁଗୁଡ଼ାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣ ପୋଲିସ କର୍ମଚାରୀଙ୍କ ପ୍ରାଣହାନୀ ହେବା ସହ ଅନେକ ଆହତ ହୋଇଥିବା ବିଷୟରେ ଜାଣି ମୁଁ ଦୁଃଖିତ। ମୃତକଙ୍କ ଅମର ଆତ୍ମାର ସଦଗତି ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରୁଛି। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି।

## ସ୍ୱୟଂ ସହାୟକ ଗୋଷ୍ଠୀ...

ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା, ଯାହା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆର୍ଥିକ ଭାବେ ଆହୁରି ସଶକ୍ତ କରିବା ସହିତ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିବ। ଏହି ସମୀକ୍ଷା ବୈଠକରେ ମିଶନ ଶକ୍ତି ବିଭାଗର କମିଶନର-ତଥା-ସଚିବ ସୁଶ୍ରୀ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀଙ୍କ ସମେତ ମିଶନ ଶକ୍ତି ବିଭାଗ ଏବଂ ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀ ଏବଂ ସମସ୍ତ ଜିଲ୍ଲାର ଅଧିକାରୀମାନେ ଉପସ୍ଥିତ ଥିଲେ। ମହିଳା ସଶକ୍ତିକରଣ, ମହିଳା ନେତୃତ୍ୱାଧୀନ ବିକାଶ ଏବଂ ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ଦିଗରେ ମିଶନ ଶକ୍ତି ବିଭାଗର ଏହି ସମୀକ୍ଷା ବୈଠକ ଏକ ଦୃଢ଼ ପଦକ୍ଷେପ ବୋଲି ଆଶା କରାଯାଉଛି।

## ୨୬ରେ ଆସିବେ ମହାନଦୀ ...

ବିବାଦ ଶୁଣାଣି। ଫେବୃୟାରୀ ଶେଷ ସପ୍ତାହରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ସ୍ପଟ୍ ଭିଜିଟ୍ ହେବ। ଟ୍ରିବ୍ୟୁନାଲ ସ୍ପଟ୍ ଭିଜିଟ୍ କରି ସାରିବା ପରେ ମାର୍ଚ୍ଚ ୧୪ ତାରିଖରେ ଶୁଣାଣି ହେବ। ଏପ୍ରିଲ ୧୩ ତାରିଖରେ ଟ୍ରିବ୍ୟୁନାଲ ଅବଧି ଶେଷ ହେବାକୁ ଯାଉଛି।

## ଚିଲିକା ଉପରେ ଖୁବ୍‌ଶୀଘ୍ର ...

ଗ୍ରାମ ଏବଂ କୃଷ୍ଣପ୍ରସାଦ ତହସିଲର ପାଞ୍ଚଟି ଗ୍ରାମକୁ ନେଇ ଚିଲିକା ହ୍ରଦ ଉପରେ ମିସିଙ୍ଗ୍ ଲିଙ୍କ୍ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ଖୁବ୍ ଶୀଘ୍ର ଆରମ୍ଭ ହେବା ନେଇ ଏନଏଚଏଆଇକୁ ଚିଠି ଲେଖିଛନ୍ତି ପୁରୀ ଜିଲ୍ଲାପାଳ। ବ୍ରହ୍ମଗିରି ତହସିଲର ସାତପଡ଼ା, ଆଲୁପାଟଣା, ଗୋପୀନାଥପୁରପାଟଣା ଏବଂ କୃଷ୍ଣପ୍ରସାଦ ତହସିଲର ବ୍ରହ୍ମପୁର, ଭବାନୀପୁର, ମାଁସା, ପାରଲା, ଜାନହିକୁଡା ଗ୍ରାମରୁ ଜମି ଅଧିଗ୍ରହଣ କରାଯିବ। ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଆବଶ୍ୟକୀୟ ବିଜ୍ଞପ୍ତି ଯଥାଶୀଘ୍ର ପ୍ରକାଶ କରାଯାଇପାରେ।

## ମାତ୍ର ୫୫ ମିନିଟରେ...

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସ୍ୱାଗତ କରିଥିଲେ। ଏଠାରୁ ଉଭୟ ମେରଟ୍ ଅଭିମୁଖେ ଯାତ୍ରା କରିଥିଲେ। ମେରଟେର ପହଞ୍ଚିବା ପରେ ମୋଦୀ ରାପିଡ୍ ରେଳର ବାକିଥିବା ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଏହାସହ ଜନସଭାକୁ ମଧ୍ୟ ସମ୍ବୋଧନ କରିଥିଲେ। କେବଳ ଏତିକି ନୁହେଁ ପ୍ରଧାନମନ୍ତ୍ରୀ ୟୁପି ମୁଖ୍ୟମନ୍ତ୍ରୀ ଏବଂ ନ୍ୟାସନାଲ କ୍ୟାପିଟାଲ ରିଜନ୍ ଟ୍ରାନ୍ସପୋର୍ଟ ଅଧିକାରୀଙ୍କ ସହ ଶତାବ୍ଦୀ ନଗରରୁ ମେରଟ୍ ସାଉଥ୍ ଯାଏଁ ନମୋ ଭାରତ ଟ୍ରେନରେ ଯାତ୍ରା କରିଥିଲେ। ଯାତ୍ରାରେ ସେମାନେ ସାଧାରଣ ଯାତ୍ରୀଙ୍କ ସହ କଥା ହୋଇଥିଲେ। ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କୁ ନମୋ ଭାରତର ସଂଚାଳନ ଏବଂ ପରିଯୋଜନା ବାବଦରେ ସବିସ୍ତୃତ ତଥ୍ୟ ପ୍ରଦାନ କରିଥିବା ଦେଖିବାକୁ ମିଳିଥିଲା। ସବୁଠାରୁ ବଡ଼ କଥା ହେଉଛି ଯେ, ନମୋ ଭାରତ ରାପିଡ୍ ରେଳର ସଞ୍ଚାଳନରେ ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦିଆଯାଇଛି। ଏହି ସେବାରେ ୮୦ ପ୍ରତିଶତ ପାଇଲଟ୍ ଏବଂ କୋ ପାଇଲଟ୍ ମହିଳା ଅଟନ୍ତି। ଖାଲି ଏତିକି ନୁହେଁ ଏବେ ଦିଲ୍ଲୀରୁ ମେରଟ ମଧ୍ୟରେ ୫୫ ମିନିଟରେ ଯାତ୍ରା ସମ୍ପନ୍ନ ହେବ। ଦିଲ୍ଲୀର ସରାୟ କାଲେ ଖାନ୍ ଷ୍ଟେସନରେ ମଲଟି ଇଣ୍ଟିଗ୍ରିଟି ଟ୍ରାନଜିଟ୍ ସିଷ୍ଟମ୍ ବିକଶିତ କରାଯାଇଛି। ଏଠାରେ ସ୍ମାର୍ଟ ଟିକେଟିଂ ବୋର୍ଡିଂ ମେସିନ୍ ଏବଂ କ୍ୟୁଆର୍ କୋଡ୍ ଆଧାରିତ ଟିକେଟ୍ ସୁବିଧା ଯାତ୍ରୀମାନେ ପାଇପାରିବେ।

## ପାକିସ୍ତାନର ଏୟାରଷ୍ଟ୍ରାଇକ୍ ...

ଶିବିର ଏବଂ ଆଶ୍ରୟସ୍ଥଳକୁ ଟାର୍ଗେଟ କରାଯାଇଥିଲା। ମନ୍ତ୍ରଣାଳୟ ଦାବି କରିଛି ଯେ ସାମ୍ପ୍ରତିକ ଆତ୍ମଘାତୀ ଆକ୍ରମଣର ଜବାବରେ "ସର୍ବାଧିକ ସଠିକତା ଏବଂ ସତର୍କତା" ସହିତ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଇସଲାମବାଦ, ବାଜୌର ଏବଂ ବାନୁରେ ରମଜାନ ସମୟରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ଆଫଗାନ ନେତୃତ୍ୱ ଏବଂ ସେମାନଙ୍କର ସହଯୋଗୀମାନେ ସମ୍ପୃକ୍ତ ଥିଲେ। ମନ୍ତ୍ରଣାଳୟ କହିଛି ଯେ ତେହରିକ-ଏ-ତାଲିବାନ ପାକିସ୍ତାନ ଏବଂ ଦାଏଶ ସହିତ ଜଡିତ ବ୍ୟକ୍ତିମାନେ ଏହି ଆକ୍ରମଣ ପାଇଁ ଦାୟୀ।

## କରଡ଼ା ଜଙ୍ଗଲରେ ଏନକାଉଣ୍ଟର...

ଜଙ୍ଗଲରେ ମାଓ ଗତିବିଧି ସୂଚନା ପାଇ ଏସଓଜି ଟିମ୍ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା। ଏହି ସମୟରେ ଜଙ୍ଗଲରେ ଲୁଚିଥିବା ମାଓବାଦୀମାନେ ଗୁଳି ଚଳାଇଥିଲେ। ସୁରକ୍ଷା ବାହିନୀ ଏହାର ପାଲଟା ଜବାବ ଦେଇଥିଲା। ଏହି ଏନକାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ମହିଳା କ୍ୟାଡ଼ର ଥିବା ଜଣାପଡିଛି। ମୃତ ମାଓବାଦୀଙ୍କ ପରିଚୟ ଜଣାପଡିନାହିଁ। ଜଙ୍ଗଲରେ ଏବେବି କମ୍ବିଂ ଅପରେସନ ଜାରି ରହିଛି।

## ପୂର୍ବତଟ ରେଳପଥର ଐତିହାସିକ ସଫଳତା

# ରେକର୍ଡ ସମୟରେ ୨୫୦ ନିୟୁତ ଟନ୍ ପଣ୍ୟ ପରିବହନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚଳିତ ଆର୍ଥିକ ବର୍ଷର ମାତ୍ର ୩୨୪ ଦିନରେ ୨୫୦ ନିୟୁତ ଟନ୍ ମୂଳ ପଣ୍ୟ ପରିବହନ କରି ପୂର୍ବତଟ ରେଳପଥ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା ସହିତ, ପୂର୍ବତଟ ରେଳପଥ ୨୫୦ ନିୟୁତ ଟନ୍ ଅଙ୍କରେ ପହଞ୍ଚିବାରେ ଦେଶର ପ୍ରଥମ ରେଳ ଜୋନ୍ ପାଲଟିଛି।

ପୂର୍ବ ଆର୍ଥିକ ବର୍ଷ ଅର୍ଥାତ ୨୦୨୪-୨୫ ତୁଳନାରେ ୩୧ ଦିନ ପୂର୍ବରୁ ଏହି ସଫଳତା ହାସଲ କରାଯାଇଛି, ଯାହା ଗତ ବର୍ଷର ପଣ୍ୟ ପରିବହନ ପ୍ରଦର୍ଶନ ତୁଳନାରେ ୧୦.୬% ଅଭିବୃଦ୍ଧି ପଞ୍ଜିକୃତ କରିଛି।

ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରେଳ ଅଧିକାରୀ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ, ଉନ୍ନତ ପରିଚାଳନାଗତ ଦକ୍ଷତା, ଶିଳ୍ପ ସଂସ୍ଥାମାନଙ୍କ ସହିତ ବର୍ଦ୍ଧିତ ସମନ୍ୱୟ ଏବଂ ଅନୁକୂଳ ପଣ୍ୟ ପରିବହନ ପରିଚାଳନା ରଣନୀତି ଗୁଡ଼ିକୁ ପ୍ରତିଫଳିତ କରୁଛି। କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହିତ ବଲ୍କ ସାମଗ୍ରୀ ଗୁଡିକ ଏହି ରେକର୍ଡ ଲୋଡିଂରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ଏହି ମାଇଲଖୁଣ୍ଟ ଭାରତୀୟ ରେଳବାଇ ଅଧୀନରେ ଏକ ପ୍ରମୁଖ ପଣ୍ୟ ପରିବହନ କ୍ଷେତ୍ର ଭାବରେ ପୂର୍ବତଟ ରେଳପଥର



ସ୍ଥିତିକୁ ଆହୁରି ସୁଦୃଢ଼ କରିବ ଏବଂ ଏହି ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧି ଏବଂ ଅର୍ଥନୈତିକ ବିକାଶରେ ସମର୍ଥନ ଦେବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରତିଫଳିତ କରୁଛି । ପୂର୍ବତଟ ରେଳପଥ ଭିତ୍ତିଭୂମିର ଉନ୍ନତି, ଗ୍ରାହକ ସେବା ବୃଦ୍ଧି ଏବଂ ପଣ୍ୟ ପରିବହନ କାର୍ଯ୍ୟକଳାପରେ ଏହାର ଅବିରତ ବୃଦ୍ଧି ଅଭିବୃଦ୍ଧି ଗତିକୁ ବଜାୟ ରଖିବା ପାଇଁ ସଦାସର୍ବଦା ପ୍ରତିବଦ୍ଧ।

# ମିଡ଼ିଆ ମ୍ୟାନେଜମେଣ୍ଟ ପାଇଁ ଗୌର ମହାପାତ୍ର ସମ୍ବର୍ଦ୍ଧିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ତଥା ଅବସରପ୍ରାପ୍ତ ଅଧିକାରୀ ଗୌର ଚନ୍ଦ୍ର ମହାପାତ୍ର ତାଙ୍କ କାର୍ଯ୍ୟ ଦକ୍ଷତା ପାଇଁ ନୂଆଦିଲ୍ଲୀରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଗତ ୨୧ତାରିଖ ଶନିବାର ମିଡ଼ିଆ ଫେଡେରେସନ ଅଫ ଇଣ୍ଡିଆ, ନୂଆଦିଲ୍ଲୀ ପକ୍ଷରୁ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମରେ ଶ୍ରୀ ମହାପାତ୍ରଙ୍କୁ ଶ୍ରେଷ୍ଠ ମିଡ଼ିଆ ମ୍ୟାନେଜମେଣ୍ଟ ଅର୍ଗନାଇଜର ଷ୍ଟେଟ ଆୱାର୍ଡ ପ୍ରଦାନ କରାଯାଇଛି। ଏଥିପାଇଁ ଶ୍ରୀ ମହାପାତ୍ର ଫେରେଡେସନର କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ନିଜ କାର୍ଯ୍ୟକାଳ ମଧ୍ୟରେ ମିଡ଼ିଆ ମ୍ୟାନେଜମେଣ୍ଟ କରି ସମସ୍ତ ସାମ୍ବାଦିକ ଓ ଅଧିକାରୀ ମାନଙ୍କ ପ୍ରିୟପାତ୍ର ହୋଇଥିଲେ। ଏଥିସହ ବହୁ ଅନୁଷ୍ଠାନରୁ ମଧ୍ୟ ସମ୍ବର୍ଦ୍ଧିତ ହୋଇଛନ୍ତି।

## ରାଜନଗରରେ ନାବାଳିକାକୁ ଗଣବଳାତ୍କାର ଘଟଣାରେ କାହାକୁ ବି ଛଡ଼ାଯିବନି : ବିଜେପି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜନଗରରେ ନାବାଳିକାକୁ ଗଣବଳାତ୍କର ଘଟଣାରେ କାହାକୁ ବି ଛଡ଼ାଯିବନି । ଏହା ଏକ ସ୍ପର୍ଶକାତର ଘଟଣା । ଆମ ସରକାରରେ ମହିଳା ବିରୋଧୀ ଅପରାଧ ଉପରେ ଜିରୋ ଟଲେରେନ୍ସକୁ ଗୁରୁତ୍ୱ ଦେଇଛନ୍ତି ବୋଲି ବିଜେପି ନେତା ସୁରଥ ବିଶ୍ୱାଳ କହିଛନ୍ତି । ଯେତେ ବଡ଼ ଲୋକ ହୁଅନ୍ତୁ ନା କାହିଁକି ଦୋଷ କରିଥିଲେ, କାହାକୁ ବି ଛଡ଼ା ଯାଇନି କି ଆମ ସରକାରରେ ଛଡ଼ା ଯିବ ନାହିଁ। ବିଜେପି ସରକାରରେ କମ ସେ କମ ପୀଡ଼ିତାର ପରିବାର ଅଭିଯୋଗ କରିବାକୁ ସାହସ କରୁଛନ୍ତି, ଏବେ ନ୍ୟାୟ ପାଇବାର ଆଶା ଅଛି ବୋଲି । ହେଲେ ପୂର୍ବ ସରକାରରେ ସେତିକି ସୁଯୋଗ ପାଉନଥିଲେ । କାରଣ ତାଙ୍କ ସରକାରରେ କିଛି ଅନେକ ନେତା ବିଭିନ୍ନ ଘଟଣାରେ ସଂପୃକ୍ତ ଥିଲେ । ଏପରିକି ଆଜି ଯାଏଁ ବି ପୀଡ଼ିତା ନ୍ୟାୟ ପାଇପରିନାହାନ୍ତି ।

# ରାଷ୍ଟ୍ର ପରିଚାଳନାରେ ନ୍ୟାୟ ଇଞ୍ଜିନ୍ ସଦୃଶ : ହାଇକୋର୍ଟ ବିଚାରପତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତର ସମ୍ବିଧାନ ରାଷ୍ଟ୍ରର ନାଗରିକଙ୍କୁ ବ୍ୟକ୍ତିଗତ ସ୍ତରରେ ଏବଂ ସାମୂହିକ ଭାବେ ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷତା ବୃଦ୍ଧି କରିବା ସୁନିଶ୍ଚିତ କରିଛି । ଯାହାଦ୍ୱାରା କି ରାଷ୍ଟ୍ର ନିରନ୍ତର ଭାବେ ଉଚ୍ଚତର ସ୍ତରକୁ ଯାଇ ସଫଳତା ହାସଲ କରିପାରିବ ବୋଲି ଶନିବାର ଓଡ଼ିଶା ହାଇକୋର୍ଟର ବିଚାରପତି ଶଶିକାନ୍ତ ମିଶ୍ର କହିଥିଲେ। ଭାରତ ସମ୍ବିଧାନକୁ ସମ୍ମାନ ଦେବା ଆମର ମୌଳିକ ଦାୟିତ୍ୱ ଏବଂ ନ୍ୟାୟ ଏକ ଇଞ୍ଜିନ୍ ସଦୃଶ ଯାହାକି ରାଷ୍ଟ୍ରକୁ ପରିଚାଳନା କରିଥାଏ ବୋଲି କହିଥିଲେ ବିଚାରପତି ମିଶ୍ର । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଉଦ୍ଦେଶ୍ୟରେ ସୋଆ ବକ୍ତୃତାମାଳାର ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ମିଶ୍ର ଏହା କହିଥିଲେ । ବିଚାରପତି ମିଶ୍ର କହିଥିଲେ ଯେ, ଜ୍ଞାନ ବୃଦ୍ଧି ଓ ମାନବ ସଭ୍ୟତାର ମିଶ୍ରଣକୁ ନେଇ ବିଶେଷଜ୍ଞମାନେ ଏକାଠି ବସି ସମ୍ବିଧାନ



ଗଠନ କରିଥିଲେ । ତେଣୁ ବ୍ରିଟିଶରମାନେ ଯେ ଆମକୁ ଆଇନ ଶିଖାଇଛନ୍ତି ଏହା କହିବା ଭୁଲ୍ ହେବ ବୋଲି ବିଚାରପତି ଶ୍ରୀ ମିଶ୍ର କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଜଣେ ହୁଏତ ସମ୍ବିଧାନ ବିଧି ବ୍ୟବସ୍ଥାକୁ ପ୍ରତ୍ୟେକ ଦିନ ପାଳନ କରୁ ନ ଥାଇପାରେ । କିନ୍ତୁ ନ୍ୟାୟ, ସମାନତା ଭଳି ନୀତି ଆଦର୍ଶକୁ ଯଦି ତାର ଦୈନନ୍ଦିନ କାର୍ଯ୍ୟରେ ପ୍ରତିଫଳିତ ହୁଏ। ତେବେ ସେ ସମ୍ବିଧାନକୁ ପାଳନ କରୁଛି ବୋଲି କୁହାଯାଇପାରିବ । ସେ କହିଥିଲେ ଯେ, ଇଂଲଣ୍ଡ ସମେତ ଦୁବାଇ ଏବଂ ଆବୁଧାବିର ଟ୍ରାଫିକ୍ ପୋଷ୍ଟରେ କୌଣସି ପୁଲିସ୍ ଦେଖିବାକୁ ମିଳନ୍ତି ନାହିଁ । ତେବେ ସେଠି ସମସ୍ତେ ନିୟମ ପାଳନ କରିଥାଆନ୍ତି । ତମେ ଯଦି ନିୟମ ପାଳନ କରୁଛ ତେବେ ସମ୍ବିଧାନକୁ ମଧ୍ୟ ମାନୁଛ ବୋଲି ସେ କହିଥିଲେ । ଭାରତୀୟ ସମ୍ବିଧାନ ଧାରା ୨୧ର ଗୁରୁତ୍ୱ ସଂପର୍କରେ ଦର୍ଶାଇ ସେ କହିଥିଲେ ଯେ ଏଥିରେ ବ୍ୟକ୍ତିଗତ ସ୍ୱତନ୍ତ୍ରତାକୁ ଦର୍ଶାଉଥିବାବେଳେ ଆଇନ୍ରେ ଏହାକୁ ବାହାର କରି ନେବାର ବ୍ୟବସ୍ଥା ରହିଛି। ସେହିପରି ଧାରା୧୪ ଏବଂ ଧାରା ୨୧ ମଧ୍ୟ ଜେଲରେ ଥିବା ବିଚାରଧୀନ କଏଦୀ ଏବଂ ଦୋଷୀମାନଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇଥାଏ ବୋଲି ସେ କହିଥିଲେ । ଯଦିଓ ଭାରତୀୟ ଆଇନ ବ୍ୟବସ୍ଥା ଅନ୍ୟ ଦେଶ ଗୁଡିକରୁ ଉଦ୍ଧୃତ କରାଯାଇଛି । ତେବେ ଏହାର ମହତ୍ୱ ଏବଂ ଗୁରୁତ୍ୱ ଭାରତୀୟ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଅଧ୍ୟକ୍ଷତା କରିଥିବାବେଳେ ସୋଆ ନ୍ୟାସ୍ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସ୍ଏନ୍ଆଇଏଲ୍)ର ଡିନ୍ ପ୍ରଫେସର ଏସ୍.କେ.ଆଜାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜକନିକା ନାବାଳିକା ଗଣଦୁଷ୍କର୍ମ ଘଟଣା

# ସାରା ରାଜ୍ୟରେ ବିକ୍ଷୋଭ ପ୍ରଦର୍ଶନ କରିବ ବିଜେଡି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା ରାଜକନିକା ନାବାଳିକା ଗଣଦୁଷ୍କର୍ମ ଘଟଣାକୁ ତୀବ୍ର ନିନ୍ଦା କରିଛି ବିଜେଡି। ଏହା ସହ ଏଭଳି ଘଟଣାର ବିରୋଧ କରି ଆସନ୍ତା ୨୪ ତାରିଖରେ ବିଜୁ ମହିଳା ଜନତା ଦଳ ରାଜରାସ୍ତା ଓହ୍ଲାଇବା ନେଇ ସୂଚନା ଦେଇଛି। କେବଳ ଭୁବନେଶ୍ୱରରେ ନୁହେଁ ବରଂ ସାରା ରାଜ୍ୟରେ ଏହି ସଂଘର୍ଷ ଚାଲିବ ବୋଲି ଚେତାବନୀ ଦେଇଛି ଦଳ। ଦଳ ଏପ୍ରସଙ୍ଗରେ ସରକାରଙ୍କୁ ଘେରିଛି, ଦଳ ପକ୍ଷରୁ କୁହାଯାଇଛି ରାଜ୍ୟରେ ସରକାର ୧୮ ମାସ ମଧ୍ୟରେ ନିଜର ବିଫଳତା ଦେଖାଇଛି । ରାଜ୍ୟରେ ମହିଳା ଅସୁରକ୍ଷିତ । ରାଜକନିକା ଏକ ଘରୋଇ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ସ୍କୁଲର ୪ ଶିକ୍ଷକ ଏହି ଗଣଦୁଷ୍କର୍ମରେ ସାମିଲ ଅଛନ୍ତି । ଏହି ୪ ଅଭିଯୁକ୍ତଙ୍କୁ ଗିରଫ କରିବା କେବଳ ସମାଧାନ ନୁହେଁ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ତଦନ୍ତର ପରିସରଭୁକ୍ତ କରାଯାଉ ଏବଂ ଏହାସହ ସମସ୍ତ ଅଭିଯୁକ୍ତଙ୍କୁ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଜେଡି ଦାବି କରିଛି। ରାଜ୍ୟରେ ୪ ହଜାରରୁ ଊର୍ଦ୍ଧ୍ୱ ମହିଳା ବିରୋଧୀ କେସ ରେଜିଷ୍ଟର ହୋଇଛି । ଏହା ରାଜ୍ୟରେ ମହିଳା ଅସୁରକ୍ଷିତ ଥିବା ଦର୍ଶାଉଛି । ସପ୍ତମ ଶ୍ରେଣୀରେ ଛାତ୍ରୀ ଦୁଇ ବର୍ଷ ଧରି ଗଣଦୁଷ୍କର୍ମର ଶିକାର ହୋଇଛି। ଏଥିରେ ଜଣେ ମହିଳା ସାମିଲ ଥିବା ମଧ୍ୟ ଜଣାପଡିଛି । ଏହା କେବେ ବି ଏତିକି ରେ ସୀମିତ ନଥିବ । ଏହି ହିନ କାର୍ଯ୍ୟକୁ ଗଭୀର ଭାବେ ତଦନ୍ତ କରିବା ଦରକାର ବୋଲି ଦାବି କରିଛି ବିଜୁ ମହିଳା ଜନତା ଦଳ । କେନ୍ଦ୍ରାପଡ଼ା ଗଣଦୁଷ୍କର୍ମ ଘଟଣା ସ୍ଥଳକୁ ବିଜୁ ଜନତା ଦଳର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଯାଇଥିଲା । ରାଜକନିକା ୧୨ ବର୍ଷୀୟା ନାବାଳିକା ଗଣଦୁଷ୍କର୍ମ ଶିକାର ହୋଇଥିବା ଘଟଣାରେ କେନ୍ଦ୍ରାପଡ଼ା ଯାଇଥିଲା ଏହି ଟିମ୍ । ଏନେଇ ଲୋକଙ୍କ ସହ ଆଲୋଚନା କରିଥିଲୁ। ଅଭିଭାବକ ଙ୍କ ସହ ଏନେଇ ଆଲୋଚନା କରିଥିଲୁ। ଏହି ଘଟଣାରେ ବିଜେଡି ପକ୍ଷରୁ ଏକ ମେମୋରାଣ୍ଡମ୍ କେନ୍ଦ୍ରାପଡ଼ା ଏସପି ଙ୍କୁ ଦେଇଥିଲୁ ବୋଲି କହିଛି ଏହି ଟିମ୍ ।

ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କହିବା ଅନୁଯାୟୀ ପୂର୍ବରୁ ଏହି କଥାକୁ ସ୍କୁଲ ଅଧକ୍ଷାଙ୍କୁ ଜଣାଇଥିଲେ ଦୁଷ୍କର୍ମର ଶିକାର ହୋଇଥିବା ନାବାଳିକା ଙ୍କ ମା, ହେଲେ ଏହାକୁ ଗୁରୁତ୍ୱ ଦେଇନଥିଲେ ସ୍କୁଲ ର ଅଧକ୍ଷ । ଏଥିରେ ଯେପରି ପିଲାଟିର ମାନସିକ ସ୍ଥିତି ଠିକ୍ ରହିବ ତାହାକୁ ଅନୁଧ୍ୟାନ କରିବା ସହ ନାବାଳିକା ଓ ତାଙ୍କ ପରିବାର ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଏସପି ଙ୍କୁ ଦାବି କରିଛି ବିଜେଡି ।

ସେହିଭଳି ଦଳ ପକ୍ଷରୁ ଆହୁରି କୁହାଯାଇଛି, ରାଜ୍ୟରେ ଏହି ୧୮ ମାସ ମଧ୍ୟରେ ୨୦୨ ଟି ଦୁଷ୍କର୍ମ କେସ ରେଜିଷ୍ଟର ହୋଇଛି ସେହିଭଳି ୪୦ ହଜାର ମହିଳା ନିର୍ଯ୍ୟାତନାର ଶିକାର ହୋଇଛନ୍ତି । ଏହା ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇବ ବିଜେଡି ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି ।

ଭୁବନେଶ୍ୱର, ୨୩ ଫେବୃୟାରୀ, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# କାମରେ ଲାଗୁନି ଭିନ୍ନକ୍ଷମ ରାମ୍ପ : ସ୍ୱତନ୍ତ୍ର ଧାଡ଼ି ଦର୍ଶନ ହେଲେ ଜଗା ଦର୍ଶନ ପାଇବା ଆଶା

ପୁରୀ,୨୨/୦୨
ନ୍ୟୁଜ ବ୍ୟୁରୋ



ବୟସ୍କ ଓ ଭିନ୍ନକ୍ଷମଙ୍କୁ ମନା ଶ୍ରୀମନ୍ଦିର । ଜଗତର ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ବାହୁମେଲାଇ ଭକ୍ତଙ୍କୁ କୋଳେଇ ନେବାକୁ ରତ୍ନ ସିଂହାସନରେ ବିରାଜିତ । ହେଲେ ପ୍ରଭୁଙ୍କ ପର୍ଯ୍ୟନ୍ତ ସଭିଏଁ ପହଞ୍ଚିବାକୁ ବାଟ ହୋଇଯାଇଛି ବନ୍ଦ । ଏତେ କଷ୍ଟରେ ପୁରୀ ଯାଏଁ ଦଉଡ଼ି ଆସିଲି । ହେଲେ ସିଂହଦ୍ୱାରରୁ ଫେରିଯାଉଛି। ଯାହା ପ୍ରଭୁଙ୍କ ଇଚ୍ଛା। ଲୁହ ଭିଜା ଆଖିରେ କୋହ ଭରା କଣ୍ଠରେ ଏଭଳି କହିଛନ୍ତି କଟକ ଭକତପଡ଼ାରୁ ଆସିଥିବା ଭକ୍ତ କାର୍ତ୍ତିକ ସ୍ୱାଇଁ। କାର୍ତ୍ତିକଙ୍କୁ ଏବେ ୮୬ ବର୍ଷ ବୟସ। ସେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ବୋଲି ଅନେକ ଆଶା ନେଇ ପୁରୀକୁ ଆସିଥିଲେ। ହେଲେ ଶ୍ରୀମନ୍ଦିର ଯିବାକୁ ଅସମ୍ଭାଳ ଭିଡ଼ ଓ ବୟସ୍କଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନଥିବା ଦେଖି କାନ୍ଦି କାନ୍ଦି ଫେରିଗଲେ । କେବଳ କାର୍ତ୍ତିକ ନୁହେଁ ଦୈନିକ ଜଗା ଦୁଆରୁ ଏଭଳି ଶହଶହ ବୟସ୍କ ଓ ଭିନ୍ନକ୍ଷମ ଭକ୍ତ ହତାଶରେ ଫେରିଯାଉଛନ୍ତି । ଶ୍ରୀମନ୍ଦିରକୁ ଦୈନିକ ଲକ୍ଷାଧିକ ଭକ୍ତ ଆସୁଛନ୍ତି। ପର୍ବପର୍ବାଣୀ ଓ ବିଶେଷ ଦିନରେ ଭକ୍ତଙ୍କ ସଂଖ୍ୟା ଅଧିକ ବଢିଯାଉଛି। ଏମାନଙ୍କ ମଧ୍ୟରେ ଅନେକ ଭିନ୍ନକ୍ଷମ ଓ ବୟସ୍କ ମଧ୍ୟ ଅଛନ୍ତି। ହେଲେ ଶ୍ରୀମନ୍ଦିରରେ ଏହି ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନଥିବାରୁ ସେମାନେ ହତାଶ ହୋଇ ଫେରୁଛନ୍ତି । ବାହାରୁ ପତିତପାବନଙ୍କୁ ମୁଣ୍ଡିଆ ମାରି ଯିବାକୁ ବାଧ ହେଉଛନ୍ତି । ଏଭଳି ଭକ୍ତଙ୍କ ପାଇଁ ସୁଗମ ବ୍ୟବସ୍ଥା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ମଧ୍ୟ ଏହା କାର୍ଯ୍ୟକାରୀ କରାଯାଉନାହିଁ । ଉତ୍ତର ଦ୍ୱାର ଦେଇ ଭିନ୍ନକ୍ଷମଙ୍କ ପ୍ରବେଶ କରାଇବାକୁ ସ୍ୱତନ୍ତ୍ର ସ୍ଥାୟୀ ରାମ୍ପ ପ୍ରସ୍ତୁତ କରାଯାଇଛି। ହେଲେ ଏହି ରାମ୍ପ କୌଣସି କାମରେ ଆସୁନି । ଉତ୍ତର ଦ୍ୱାରରେ ପ୍ରସ୍ତୁତ ହୋଇଥିବା ରାମ୍ପ ଐଶାନେଶ୍ୱର ମନ୍ଦିର ପାର୍ଶ୍ୱ ଦେଇ ଆନନ୍ଦ ବଜାରରେ ବାହାରିବାର ଥିଲା । ସେଠାରୁ କୀର୍ତ୍ତନ ଚକଡା ଓ ଘଣ୍ଟି ଦ୍ୱାର ଦେଇ ଭିନ୍ନକ୍ଷମ ଓ ବୟସ୍କ ଭକ୍ତ ବାହାରକାଠ ନିକଟକୁ ଯାଇଥାନ୍ତେ। ସେଠାରେ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତେ। ଏନେଇ ରୂପରେଖ ଶେଷ ହେବା ପରେ ଉତ୍ତରଦ୍ୱାରର ବାମପାର୍ଶ୍ୱରେ ପଥରର ସ୍ଥାୟୀ ରାମ୍ପ ପ୍ରସ୍ତୁତ ହୋଇଥିଲା। ହ୍ୱିଲ ଚେୟାରରେ ଚମଡ଼ା ଥିବାରୁ ଏହି ରାମ୍ପରେ ଚାଲିବାକୁ ସ୍ୱତନ୍ତ୍ର କାଠର ହ୍ୱିଲ ଚେୟାର ମଧ୍ୟ ପ୍ରସ୍ତୁତ ହୋଇଥିଲା। ଭିନ୍ନକ୍ଷମ ଭକ୍ତଟିଏ ହ୍ୱିଲ ଚେୟାରରେ ଶ୍ରୀମନ୍ଦିର ପର୍ଯ୍ୟନ୍ତ ପହଞ୍ଚିବା ପରେ ସେ ଏହି କାଠର ହ୍ୱିଲ ଚେୟାରରେ ବସି ମନ୍ଦିରକୁ ପ୍ରବେଶ କରୁଥିଲା। ଏଥିପାଇଁ ମନ୍ଦିର ନିକଟରେ ନିୟମିତ ସ୍ୱେଚ୍ଛାସେବୀ ରହୁଥିଲେ । ଅନେକ ସମୟରେ ପୁଲିସ ମଧ୍ୟ ଏଥିପାଇଁ ସହଯୋଗ କରୁଥିଲେ । ହେଲେ ମାତ୍ର କିଛି ମାସ ମଧ୍ୟରେ ଏହା ଆଉ କାର୍ଯ୍ୟକାରୀ କରାଗଲାନାହିଁ। ଏହି କାଠର ହ୍ୱିଲ ଚେୟାର ଏବେ ଖତ ଖାଉଛି । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ସାହୁ କହିଛନ୍ତି, ବୟସ୍କ ଓ ଭିନ୍ନକ୍ଷମଙ୍କୁ ସ୍ୱତନ୍ତ୍ର ଭାବେ ନିର୍ମିତ କାଠ ଚଉକିରେ ବୋହି ନେବାକୁ ମଧ୍ୟ ବର୍ଷକ ତଳେ ସ୍ୱତନ୍ତ୍ର ଢଙ୍ଗରେ ଚଉକି ପ୍ରସ୍ତୁତ ହୋଇଥିଲା। ହେଲେ ଏହି ଚଉକି ମଧ୍ୟ କାର୍ଯ୍ୟରେ ଲାଗିଲା ନାହିଁ । ଫଳରେ ଏହି ଚଉକିଗୁଡ଼ିକ ମଧ୍ୟ ପଡ଼ିପଡ଼ି ଖତ ହୋଇଗଲା । ଶ୍ରୀମନ୍ଦିର ନାଟମଣ୍ଡପରେ ସ୍ୱତନ୍ତ୍ର ଧାଡ଼ି ଦର୍ଶନ ବ୍ୟବସ୍ଥା କରାଗଲେ ଭିନ୍ନକ୍ଷମ ବୟସ୍କ ଅନ୍ତତଃ ଉପକୃତ ହେବେ ବୋଲି ଆଶାବାନ୍ଧି ବସିଥିଲେ। ହେଲେ ଧାଡ଼ିଦର୍ଶନ ବ୍ୟବସ୍ଥା ଘୁଞ୍ଚିଘୁଞ୍ଚି ଯିବା ସହ ବୟସ୍କମାନେ ମହାପ୍ରଭୁଙ୍କୁ ମନଭରି ଦର୍ଶନ କରିବାକୁ ବାନ୍ଧିଥିବା ଆଶା ମଉଳି ଯାଉଛି ବୋଲି ଶ୍ରୀ ସାହୁ କହିଛନ୍ତି।



ଭୁବନେଶ୍ୱର : ସହିଦ ନଗର, ପ୍ଲଟ ନଂ ୪୬୪ରେ ଥିବା 'ସମ୍ବାଦ କଳିକା' ଅଫିସ ଛାତ ଉପରୁ ସନ୍ଧ୍ୟାକାଳୀନ ପଶ୍ଚିମ ଆକାଶର ଦୃଶ୍ୟ । (ଫଟୋ ସୌଜନ୍ୟ: ଦେବାଶିଷ ରାୟ)

# ମାଟ୍ରିକ ପରୀକ୍ଷାରେ ୧୩ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅନୁପସ୍ଥିତ



କଟକ, ୨୨।୨ ନ୍ୟୁଜ ବ୍ୟୁରୋ

ମାଟ୍ରିକ୍ ପ୍ରଥମ ଦିନ ଓଡ଼ିଆ ପରୀକ୍ଷାରେ ୧୨ ହଜାରରୁ ଅଧିକ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ । ଶନିବାର ଦ୍ୱିତୀୟ ଦିନ ଇଂରାଜୀ ବିଷୟରେ ଅନୁପସ୍ଥିତ ପରୀକ୍ଷାର୍ଥୀଙ୍କ ସଂଖ୍ୟା ୧୩ ହଜାର ଟପିଛି । ଅନ୍ୟପକ୍ଷରେ ସନ୍ଧ୍ୟା ସୁଦ୍ଧା ମିଳିଥିବା ତଥ୍ୟ ଅନୁସାରେ, ଇଂରାଜୀ ପରୀକ୍ଷାରେ ନବରଙ୍ଗପୁର ଜିଲ୍ଲାରୁ ୩ ଜଣ ଓ ନୂଆପଡ଼ାରୁ ଜଣେ ଏପରି ରାଜ୍ୟରେ ମୋଟ ୬ ଜଣ ପରୀକ୍ଷାର୍ଥୀ କପି କରି ଧରା ପଡ଼ି ମାଲ୍ ପ୍ରାକ୍ଟିସ୍ ଅଭିଯୋଗରେ ବୁକ୍ ବା ଏକ୍ସି ହୋଇଥିବା ସୂଚନା ମିଳିଛି । ତେବେ କପି ଅଭିଯୁକ୍ତଙ୍କ ସଂଖ୍ୟା ଏତେ କମ୍ ରହିବା ସମ୍ପର୍କରେ ବୋର୍ଡର ସୂଚନା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । କୋଭିଡ୍ ସମୟକୁ ଛାଡ଼ି ଦେଲେ ମାଟ୍ରିକ ପରୀକ୍ଷା ଇତିହାସରେ ଏତେ କମ୍ କପି ଅଭିଯୁକ୍ତ ବୁକ୍ ହେବା କେବେ ଘଟିନଥିଲା । ଓଡ଼ିଆରେ ଜଣେ ହେଲେ ବି ପରୀକ୍ଷାର୍ଥୀ କୌଣସି ପରୀକ୍ଷା କେନ୍ଦ୍ରରେ ଏକ୍ସି ନହେବା ସମ୍ଭବ ନୁହେଁ ବୋଲି ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ବୋର୍ଡର ଜଣେ ପୂର୍ବତନ କର୍ମଚାରୀ କହିଛନ୍ତି। ଗତବର୍ଷ ଆର୍ଟିଫିସିଆଲ୍ ଇଣ୍ଟେଲିଜେନସ୍ (ଏଆଇ) କ୍ୟାମେରା ବ୍ୟବହାର ସତ୍ତ୍ୱେ ଇଂରାଜୀରେ ଅଧିକ ସଂଖ୍ୟାରେ ପରୀକ୍ଷାର୍ଥୀ ଏମ୍‌ପି ହୋଇଥିଲେ । ଚଳିତ ବର୍ଷ କମ୍ ଏମପି ସଂଖ୍ୟା ସନ୍ଦେହ ସୃଷ୍ଟି କରିଛି । ରାଜ୍ୟରେ ୩ ହଜାର ୮୨ ଯାକ କେନ୍ଦ୍ରରୁ ପରୀକ୍ଷା ସମୟରେ ସିଧାପ୍ରସାରଣ ପାଇଁ ବ୍ୟବସ୍ଥା ରହିଥିଲେ ହେଁ ଅଦ୍ୟାବଧି ସମସ୍ତ ସେଣ୍ଟରରେ ଏହା କାର୍ଯ୍ୟକାରୀ ହୋଇପାରି ନଥିବା ସୂଚନା ମିଳିଛି । କେତେକ ପରୀକ୍ଷା କେନ୍ଦ୍ର ବୋର୍ଡକୁ ଚକମା ଦେଉଥିବା ସୂଚନା ମିଳିଛି । ପରୀକ୍ଷାର୍ଥୀମାନେ ଗେଟ୍ ଭିତରକୁ ସକାଳ ୭ଟା ୩୦ ମିନିଟ୍‌ରୁ ପ୍ରବେଶ କରିବାଠୁ ପରୀକ୍ଷା ଶେଷ ପରେ ଉତ୍ତରଖାତା ସିଲ୍ ହୋଇ ନୋଡାଲ୍ ସେଣ୍ଟରକୁ ଆସିବା ପର୍ଯ୍ୟନ୍ତ ସିଧା ପ୍ରସାରଣ ଲାଗି ବ୍ୟବସ୍ଥା ରହିଛି । ମାତ୍ର ପରୀକ୍ଷା କେନ୍ଦ୍ରଗୁଡ଼ିକୁ ସିଧାପ୍ରସାରଣରୁ ଦୂରେଇ ରଖିବା ପାଇଁ ବିଜୁଳି କାଟ୍, ଇଣ୍ଟରନେଟ୍ ସମସ୍ୟା ଆଦି ଆଳ ଦେଖାଇ ବୋର୍ଡକୁ ଭୁଆଁ ବୁଲାଉଛନ୍ତି କେତେକ କେନ୍ଦ୍ର । ବୋର୍ଡର କମାଣ୍ଡ୍ କଣ୍ଟ୍ରୋଲ୍ ରୁମ୍‌ରେ ବୈଷୟିକ ଅନୁଧ୍ୟାନ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥାର ଅଧିକାରୀ ଏବଂ ବୋର୍ଡର ପରୀକ୍ଷା ନିୟନ୍ତ୍ରକ ଏସବୁ ଜାଣୁଥିଲେ ମଧ୍ୟ ଉପାୟଶୂନ୍ୟ ହେଉଛନ୍ତି। ପରୀକ୍ଷା ସମୟରେ କେତେକ ପରୀକ୍ଷା କେନ୍ଦ୍ରରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହୋଇପାରି ନଥିବା ଜଣାଯାଇଛି । ଯାହାକି ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । କପିରେ କେହି ଧରାପଡ଼ିଲେ ପରୀକ୍ଷା ନିରୀକ୍ଷକ ଓ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଉତ୍ତରଦାୟୀ ରହିବେ ବୋଲି ଚେତାବନୀ ଥିବାରୁ ସମ୍ପୃକ୍ତ ଶିକ୍ଷକମାନେ ନିଜ ମୁଣ୍ଡରୁ ଦୋଷ ଖସାଇବା ପାଇଁ ସେଣ୍ଟରଗୁଡ଼ିକରେ ଚାଲାକି କରୁଥିବାର କୁହାଯାଉଛି । ଏମିତିକି ସ୍କ୍ୱାଡ୍‌ରେ ଥିବା ସଦସ୍ୟଙ୍କର ଜଗତସିଂହପୁର, କଟକ ଜିଲ୍ଲାର ନରସିଂହପୁର ବ୍ଲକ୍, ଅନୁଗୁଳ ଆଦି ବ୍ଲକ୍ କିଛି ଅନିୟମିତତା ନଜରକୁ ଆସିଥିଲେ ମଧ୍ୟ ଜିଲ୍ଲା ସ୍ତରରେ ଏହାକୁ ଚାପି ଦିଆଯାଇଥିବା ଖବର ମିଳିଛି । ପରୀକ୍ଷା କେନ୍ଦ୍ରରେ ଢିଲା ମାରିବା ପାଇଁ ଏବଂ କପିକୁ ପ୍ରୋତ୍ସାହନ ଦେବା ଲାଗି ଏମିତି କିଛି ବିବାଦୀୟ ବାର୍ତ୍ତାଳାପ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ କପି ଅଭିଯୁକ୍ତଙ୍କ ସଂଖ୍ୟା କମ୍ ଦର୍ଶାଯିବା କେବଳ ପ୍ରହସନ ବୋଲି ଜଣେ ଶିକ୍ଷାବିତ୍ କହିଛନ୍ତି ।

## ମାର୍ଚ୍ଚ ୩ରେ ଚନ୍ଦ୍ରଗ୍ରହଣ: ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି

# ୨୪ରେ ରତ୍ନ ଅଳଙ୍କାରର ଗଣତି ମଣତି ନେଇ ଛତିଶା ନିଯୋଗର ହେବ ବୈଠକ

ପୁରୀ, ୨୨/୦୨ ନ୍ୟୁଜ ବ୍ୟୁରୋ



ଦୋଳ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଅନୁଷ୍ଠିତ ହେବ ସ୍ୱତନ୍ତ୍ର ନୀତିକାନ୍ତି । ଏଥିସହ ଶ୍ରୀମନ୍ଦିରର ନୀତି ନିର୍ଘଣ୍ଟକୁ ନେଇ ଆସନ୍ତା ୨୪ରେ ଛତିଶା ନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି । ଏହି ବୈଠକରେ ମହାପ୍ରଭୁଙ୍କ ଚନ୍ଦ୍ରଗ୍ରହଣର ନୀତି ନିର୍ଘଣ୍ଟର ଚୂଡାନ୍ତ ସମୟ ସାରଣୀ ନିର୍ଘଣ୍ଟ କରାଯିବ । ଦୋଳପୂର୍ଣ୍ଣିମା (ମାର୍ଚ୍ଚ ୩) ଦିନ ଅପରାହ୍ନ ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ଥିବାରୁ ସେହି ସମୟରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ । ତେବେ ଗ୍ରହଣ ସ୍ପର୍ଶର ୯ ଘଣ୍ଟା ପୂର୍ବରୁ ପାକତ୍ୟାଗ ଏବଂ ଦେବନୀତି ନିଷେଧ ଥିବାରୁ ପୂର୍ବଦିନ ରାତ୍ର ୩ଟାରୁ ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି ଅନୁଷ୍ଠିତ ହେବ। ପରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ନୀତି ସହିତ ଅବକାଶ ନୀତି ଶେଷ ହେବା ପରେ ଦେବନୀତିକୁ ବନ୍ଦ କରାଯିବ । ଦୋଳପୂର୍ଣ୍ଣିମା ଦିନ ସକାଳ ୬ଟା ୮ ମିନିଟ୍ ସୂର୍ଯ୍ୟୋଦୟ ସମୟ ଥିବାବେଳେ ଏହି ସମୟରୁ ଶ୍ରୀମନ୍ଦିରରେ ଦେବନୀତି ବନ୍ଦ ରହିବ । ଭକ୍ତମାନେ ମହାପ୍ରଭୁଙ୍କୁ ରତ୍ନସିଂହାସନରେ ଦର୍ଶନ କରିପାରିବେ ।

ଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମା କହିଛନ୍ତି, 'ଗ୍ରହଣ ସ୍ନାନ ନୀତି ପରେ ରୋଷହୋମ, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା ଓ ଗ୍ରହଣ ପୂଜା ନୀତି ହୋଇ ଖଇକୋରା ଭୋଗ ଅନୁଷ୍ଠିତ ହେବ। ଏହାପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ ଦୋଳ ବିମାନରେ ବିଜେ କରି ଦୋଳବେଦୀକୁ ବିଜେ କରିବେ। ସେଠାରେ ଠାକୁରଙ୍କର ତିନି ଧୂପ, ରାଜନୀତି, ବନ୍ଦାପନା ସମେତ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ସୁନାବେଶ ବା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ । ଭକ୍ତମାନେ ଦୋଳପୂର୍ଣ୍ଣିମା ରାତିରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ସହିତ ଦୋଳବେଦୀରେ ଠାକୁରଙ୍କୁ ମଧ୍ୟ ଦର୍ଶନ କରିପାରିବେ ।'

ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର କହିଛନ୍ତି, 'ଦୋଳ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ମହାପ୍ରଭୁଙ୍କ ସକାଳ ଧୂପ ନୀତି ଶେଷ ହେଲାବେଳକୁ ସନ୍ଧ୍ୟା ୭ଟା ହୋଇଯାଇଥିବ । ଯେଉଁ ଭକ୍ତମାନେ ମହାପ୍ରଭୁଙ୍କ ମହାପ୍ରସାଦ ନେବାକୁ ଇଚ୍ଛା କରିବେ ସେମାନେ ସନ୍ଧ୍ୟା ବେଳେ ସକାଳ ଧୂପରୁ ବାହାରିଥିବା ମହାପ୍ରସାଦ ସହ ଶୁଖିଲି ଭୋଗ ମଧ୍ୟ ନେଇପାରିବେ । ତେବେ ବରାଦି ଭୋଗ ବାହାରିବାରେ ଅହେତୁକ ବିଳମ୍ବ ହେବାକୁ ଥିବାରୁ ଚନ୍ଦ୍ରଗ୍ରହଣ ଦିନ ଭକ୍ତଙ୍କ ପାଇଁ ବରାଦି ଭୋଗ କରାଯିବନାହିଁ।' ସେହିପରି ଆଗାମୀ ଦିନରେ ହେବାକୁ ଥିବା ରତ୍ନଭଣ୍ଡାରର ରତ୍ନ ଅଳଙ୍କାରର ଗଣତି ମଣତି ନେଇ ମଧ୍ୟ ଛତିଶା ନିଯୋଗ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯିବ ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୨/୦୨/୨୦୨୬
୫,୮୨,୫୦୩ ଟଙ୍କା
ସୁନା:-୦୫ ଗ୍ରାମ୍ ୧୬୦ ମିଲିଗ୍ରାମ
ରୂପା:-୧୦ ଗ୍ରାମ୍ ୫୯୦ ମିଲିଗ୍ରାମ୍

## ବେଲଘର ହାତୀ ମୃତ୍ୟୁ ମାମଲା

# ଆଉ ୩ ଗିରଫ, ଏବେ ସୁଦ୍ଧା ବନ୍ଧା ହେଲେଣି ୧୦ ଅଭିଯୁକ୍ତ

ବ୍ରହ୍ମପୁର, ୨୨/୦୨ ନ୍ୟୁଜ ବ୍ୟୁରୋ

ବାଲିଗୁଡ଼ା ବନଖଣ୍ଡ ବେଲଘର ହାତୀ ମୃତ୍ୟୁ ମାମଲାରେ ଆଉ ୩ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି । ସେମାନେ ହେଲେ ଝିରିପାଣି ଗାଁର କ୍ଷମା ପାତ୍ର(୭୬), ବୃଷଭ ପାତ୍ର(୪୪) ଓ ଗୋକୁଳ ପାତ୍ର(୪୧) । ହାତୀକୁ ବିଦ୍ୟୁତ୍ ତାର ବିଛାଇ ମାରିବାରେ ଏମାନେ ମୁଖ୍ୟ ଭୂମିକା ନେଇଥିବା ତଦନ୍ତକାରୀ ଅଧିକାରୀ ତଥା ଏସିଏଫ୍ ମନୋରଞ୍ଜନ ବାଗ୍ କହିଛନ୍ତି । ଘଟଣାରେ ଏବେ ସୁଦ୍ଧା ୧୦ ଜଣଙ୍କୁ ଗିରଫ କରାଯାଇଛି । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ନିଲମ୍ବିତ ଡେପୁଟି ରେଞ୍ଜର ବିନୟ ବିଶି ଏବେ ବି ଫେରାର ରହିଛନ୍ତି । ଏସିଏଫ୍‌ଙ୍କ ସୂଚନା ମୁତାବକ, ଜାନୁଆରୀ ୪ରେ ଉକ୍ତ ୩ ଅଭିଯୁକ୍ତଙ୍କ ସମେତ ପୂର୍ବରୁ ଗିରଫ ହୋଇଥିବା ଅନ୍ୟ ୩ ଜଣ ମିଶି ଝିରିପାଣି ଗାଁରୁ ମୁଣ୍ଡୁଡି ଗାଁକୁ ଯାଇଥିଲେ । ମୁଣ୍ଡୁଡି ଗାଁ ନିକଟ ଝରଣାର ବାମପଟେ ଥିବା ବିଦ୍ୟୁତ୍ ଖୁଣ୍ଟରୁ ୧୧ କେଭି ଲାଇନରୁ ହୁକିଂ କରିଥିଲେ ଶିକାରୀ । ବ୍ରିଜ୍ ତଳ ଦେଇ ଝରଣାଠାରୁ ଶହେ ମିଟର ଦୂରରେ ପକାଇଥିଲେ ତାର। ସନ୍ଧ୍ୟାରେ ୩ ଜଣ ଶିକାରୀ ଝିରିପାଣି ଫେରିଥିବାବେଳେ ଆଉ ୩ ଜଣ ମୁଣ୍ଡୁଡି ଗାଁରେ ଅପେକ୍ଷା କରିଥିଲେ । ବିଳମ୍ବିତ ରାତିରେ ହାତୀ ବିଦ୍ୟୁତ୍ ତାରରେ ଲାଗି ଚିତ୍କାର କରିଥିଲା । ଶବ୍ଦ ଶୁଣି ଅପେକ୍ଷାରତ ୩ ଶିକାରୀ ସେଠାକୁ ଯାଇଥିଲେ। ବିଦ୍ୟୁତ୍ ତାର ଖୋଲି ଫେରି ଆସିଥିଲେ । ସକାଳୁ ପୁଣି ସଭିଏଁ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ସମସ୍ତ ତାର ନେଇ ଫେରିଥିଲେ ବୋଲି ତଦନ୍ତ ସମୟରେ ଶିକାରୀମାନେ ସ୍ୱୀକାର କରିଥିବା ସୂଚନା ମିଳିଛି।

# ଖରା ଆରମ୍ଭରୁ ଚିନ୍ତା ବଢାଇଲାଣି ବିଦ୍ୟୁତ୍ କାଟ୍

## ଦୈନିକ ୨୦ଟି ଅଞ୍ଚଳରୁ କାଟାଯାଉଛି ବିଜୁଳି



ଭୁବନେଶ୍ୱର, ୨୨/୦୨ ନ୍ୟୁଜ ବ୍ୟୁରୋ

ଖରା ଆରମ୍ଭରୁ ଏବେ ଚିନ୍ତା ବଢ଼ାଇଲାଣି ଘନ ଘନ ବିଜୁଳି କାଟ। ପ୍ରତିଦିନ ସହର ଏବଂ ଉପକଣ୍ଠର ପ୍ରାୟ ୨୦ଟି ଅଞ୍ଚଳରେ ବିଦ୍ୟୁତ୍ କାଟ ଚାଲିଛି । ଗରମରେ ଲୋକେ ଛଟପଟ ହେଉଛନ୍ତି। କଳ୍ପନା, ଝାରପଡ଼ା, ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ, ଖଣ୍ଡଗିରି ଧର୍ମବିହାର, କଳିଙ୍ଗନଗର ଶିକ୍ଷାଞ୍ଚଳରେ ସକାଳ ୯ଟାରୁ ଦିନ ୨ଟା ଯାଏଁ ବିଦ୍ୟୁତ୍ କାଟ କରାଯାଉଛି । ବାରଙ୍ଗ ଟାଙ୍ଗି ବନ୍ତ ଅଞ୍ଚଳରେ ସକାଳ ୧୦ଟାରୁ ଅପରାହ୍ନ ୩ଟା, ୟୁନିଟ୍-୯ ଅଞ୍ଚଳରେ ସକାଳ ୧୧ଟାରୁ ଅପରାହ୍ନ ୩ଟା ୩୦, ମଞ୍ଚେଶ୍ୱର ଅଞ୍ଚଳରେ ସକାଳ ୮ଟା ୩୦ରୁ ଦିନ ୧ଟା, ବଡ଼ଗଡ଼ ବ୍ରହ୍ମେଶ୍ୱର ଅଞ୍ଚଳରେ ସକାଳ ୮ଟାରୁ ଦିନ ୧୨ଟା, ଲକ୍ଷ୍ମୀସାଗର କେଶୁରା ଅଞ୍ଚଳରେ ସକାଳ ୯ଟା ୪୫ରୁ ଦିନ ୧ଟା ୪୫ ଯାଏଁ ରବିବାର ବିଦ୍ୟୁତ୍ କାଟ ହୋଇଥିଲା । ସେହିପରି ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ, ନୟାପଲ୍ଲୀ ନାଲକୋ ଓ ଜାଭିୟର ପାଲ୍ ହାଇଟ୍‌ସରେ ସକାଳ ୯ଟାରୁ ଦିନ ୧ଟା ଯାଏଁ, ଭରତପୁର ଅଞ୍ଚଳରେ ସକାଳ ୯ଟା ୩୦ରୁ ଦିନ ୧ଟା, ପୁରୁଣା ଭୁବନେଶ୍ୱର ଇନ୍ଦିରା କଲୋନୀରେ ସକାଳ ୯ଟା ୩୦ରୁ ଦିନ ୧୨ଟା ୩୦, ୟୁନିଟ୍-୯ ଗ୍ରୀଡକୋ କଲୋନୀ ଅଞ୍ଚଳରେ ସକାଳ ୮ଟାରୁ ସକାଳ ୧୧ଟା ଏବଂ ଓଲ୍ଡ ଟାଉନ ଶକ୍ତି ନଗର ଅଞ୍ଚଳରେ ସକାଳ ୯ଟା ୩୦ରୁ ଦିନ ୧୨ଟା ଯାଏଁ ବିଦ୍ୟୁତ୍ ଯୋଗାଣ ମଧ୍ୟ ବନ୍ଦ ରହିଥିଲା। ସୋମବାର ମଧ୍ୟ ଏହି ବିଦ୍ୟୁତ୍ କାଟ ଧାରା ଜାରି ରହିବ ବୋଲି ଟିପିସିଓଡିଏଲ୍ ପକ୍ଷରୁ ଟ୍ୱିଟ୍ ଯୋଗେ ଅବଗତ କରାଯାଇଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଟ୍ୱିଟ୍ ଯୋଗେ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ କରିବାକୁ କୁହାଯାଉଛି। ହେଲେ ଅଧିକାଂଶ ଅଞ୍ଚଳରେ ନିର୍ଦ୍ଧାରିତ ସମୟ ଠାରୁ ଅଧିକ ବିଜୁଳି କାଟ ହେଉଛି । ବିଦ୍ୟୁତ୍ କାଟକୁ ନେଇ ଜନ ଅସନ୍ତୋଷ ବଢୁଛି । ଅପରପକ୍ଷେ ଏବେ ମାଟ୍ରିକ୍ ଓ ଯୁକ୍ତ-୨ ପରୀକ୍ଷା ଚାଲିଛି । ଅଧିକାଂଶ ସ୍କୁଲରେ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ଏପରି ପରିସ୍ଥିତିରେ ରାଜଧାନୀରେ ବିଜୁଳି କାଟ୍‌କୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି । ଟାଟା ପାୱାର ପକ୍ଷରୁ ନୂଆ ଟ୍ରାନ୍ସଫର୍ମର ଏବଂ ବିଦ୍ୟୁତ୍ ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ବିଦ୍ୟୁତ୍ କାଟ ହେଉଛି ବୋଲି ସଫେଇ ଦିଆଯାଇଛି। ହେଲେ ପ୍ରଶ୍ନ ଉଠିଛି ଯେ ଲଗାତାର ୪ ମାସ ଶୀତ ଦିନ ରହିଲା। ଏହି ସମୟରେ ବିଦ୍ୟୁତ୍ ମରାମତି କରାଯାଇ ପାରିଥାନ୍ତା । ହେଲେ ଏହା ନ କରି ଠିକ୍ ଖରାଦିନ ଆରମ୍ଭ ହେଉ ହେଉ ଘନ ଘନ ବିଦ୍ୟୁତ୍ କାଟ କାହିଁକି?

ଟାଟା ପାୱାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଅଧିକାଂଶ ଅଞ୍ଚଳରେ ଖରାଦିନେ ଅଧିକ ଲୋଡ୍ ପଡୁଛି । ଯେଉଁ ସବୁ ଅଞ୍ଚଳରେ ଲୋଡ୍ ପଡ଼ିବାର ସମ୍ଭାବନା ରହିଛି, ସେଠାରେ ନୂଆ ଟ୍ରାନ୍ସଫର୍ମର ବସୁଛି। ମାଟ୍ରିକ ପରୀକ୍ଷା ହେଉଥିବା ସ୍ଥାନରେ ବିଦ୍ୟୁତ୍ କାଟ୍ ଆଦୌ ହେବ ନାହିଁ । ଏଥିପ୍ରତି ଆମେ ଦୃଷ୍ଟି ଦେଉଛୁ।

## ବିବାଦ ଭିତରେ କପିଳନାଥ ସାହାଣମେଲା ଦର୍ଶନ

# ପଶିଲେନି ଖୁଣ୍ଟିଆ ସେବାୟତ, ନୀତିକାନ୍ତି କଲେ ମଲିଆ ସେବାୟତ

ଭୁବନେଶ୍ୱର ୨୨।୨ ନ୍ୟୁଜ ବ୍ୟୁରୋ

ସ୍ୱାଭାବିକ ହେଲା କପିଳନାଥଙ୍କ ନୀତିକାନ୍ତି । ଖୁଣ୍ଟିଆ ସେବାୟତ ମନ୍ଦିରକୁ ପ୍ରବେଶ ନ କରିବାରୁ ମଲିଆ ସେବାୟତ ସମସ୍ତ ନୀତିକାନ୍ତି ସମାପନ କରିଛନ୍ତି । ସାହାଣମେଲା ଦର୍ଶନ ଦେଇଛନ୍ତି କପିଳନାଥ । ରବିବାର ସକାଳୁ ଠାକୁରଙ୍କ ମଙ୍ଗଳ ଆଳତି, ଅବକାଶ, ମଇଲମ ଓ ତଡ଼ପଲାଗି ଆଦି ନୀତି ହୋଇଛି । ଖୁଣ୍ଟିଆ ସେବାୟତ କୌଣସି ନୀତି କରିନଥିବାବେଳେ ମଲିଆମାନେ ବି ଠାକୁରଙ୍କ ନୀତି କରିଛନ୍ତି।

ସୂଚନାଯୋଗ୍ୟ ଯେ, ଶନିବାର ଠାରୁ କପିଳେଶ୍ୱର ମନ୍ଦିରରେ ମଲିଆ-ଖୁଣ୍ଟିଆ ସେବାୟତ ବିବାଦ ଲାଗି ରହିଥିଲା । ପ୍ରଶାସନର ନିୟମକୁ ଫୁ କରି ଉଡେଇ ଦେଉଛନ୍ତି ଖୁଣ୍ଟିଆ ସେବାୟତ। ହାଣ୍ଡିଭଙ୍ଗା ଯାତକୁ ନେଇ ଉଭୟ ଲିଙ୍ଗରାଜ ଓ କପିଳନାଥ ମନ୍ଦିରରେ ସେବାୟତ ବିବାଦ ଦେଖିବାକୁ ମିଳିଥିଲା । ତେବେ ଗୋଟିଏ ଗୋଟିଏ ନୀତିକାନ୍ତି ସାରି ସେମିତି ସାରାରାତି ଉପାସରେ ଉଜାଗର ରହିଥିଲେ ଲିଙ୍ଗରାଜ ଓ କପିଳନାଥ । ପ୍ରଶାସନ ତାଗିଦ କରିବା ସତ୍ତ୍ୱେ ମାନିନଥିଲେ ସେବାୟତ, ସମସ୍ତ ନୀତିକାନ୍ତି ବନ୍ଦ କରିଥିଲେ । ରବିବାର ସକାଳେ ଶ୍ରୀଲିଙ୍ଗରାଜଙ୍କ ନୀତି ସ୍ୱାଭାବିକ ହୋଇଥିବା ବେଳେ କପିଳନାଥ କିନ୍ତୁ ସେମିତି ରହିଥିଲେ । ବହୁ ସମୟ ବିଳମ୍ବ ପରେ ବାଧ ହୋଇ ମଲିଆ ସେବାୟତ ନୀତିକାନ୍ତି ଆରମ୍ଭ କରିଥିଲେ। ହେଲେ ମନ୍ଦିରକୁ ଖୁଣ୍ଟିଆ ସେବାୟତ ଆସି ନଥିବା ସୂଚନା ମିଳିଥିଲା । ସେପଟେ କାହିଁକି ମନ୍ଦିର ଆସୁନାହାନ୍ତି ସେ ନେଇ ପ୍ରତିକ୍ରିୟା ରଖିନାହାନ୍ତି ଖୁଣ୍ଟିଆ ସେବାୟତ।

# ଡିସିପିଙ୍କ ପ୍ରଶ୍ନରେ ଘାଇଲା ହେଲା ରିମାଣ୍ଡରେ ଥିବା ବିହାରୀ ଅପରାଧୀ

କଟକ,୨୨/୦୨ ନ୍ୟୁଜ ବ୍ୟୁରୋ

ରିମାଣ୍ଡ୍‌ରେ ଥିବା ବିହାରର ଦୁର୍ଦ୍ଧାନ୍ତ ଅପରାଧୀ ମଧୁକାନ୍ତ ରାଣାକୁ ଚତୁର୍ଥ ଦିନରେ ଜେରା କରାଯାଇଛି। ଖୋଦ୍ ଡିସିପି ଖିଲାରି ରିଷିକେଶ ଦ୍ୟାନ୍ଦେଓ ଚୌଦ୍ୱାର ଥାନାକୁ ଯାଇ ମଧୁକାନ୍ତକୁ ଜେରା କରିଥିଲେ। ତା'ର ଗ୍ୟାଙ୍ଗ୍ ଅପରେସନ୍ ବା କେଉଁଭଳି ଢଙ୍ଗରେ ତା'ର ଡକାୟତି ଦଳ ଆନ୍ତଃରାଜ୍ୟ ଡକାୟତି କରିଥାଏ ସେହି ବିଷୟରେ ଡିସିପି ପଚରାଉଚରା କରିଥିବା ସୂଚନା ମିଳିଛି । ଅନ୍ୟପଟେ ଫେରାର୍ ଥିବା ରାଜା ନେଇ ମଧ୍ୟ ମଧୁକାନ୍ତ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୁଲିସକୁ ଦେଇଛି । ଫେରାର୍ ହେବା ପରଠୁ ରାଜା କିଛି ନିର୍ଦ୍ଦିଷ୍ଟ ଫୋନ୍‌ରେ ୟୁଟ୍ୟୁବ୍‌ରେ ଓଡ଼ିଆ ନ୍ୟୁଜ୍ ଚ୍ୟାନେଲ୍ ଦେଖୁଥିବା ବିଷୟ ପୁଲିସକୁ କହିଛି । ପୁଲିସର ଗତିବିଧି କ'ଣ ରହିଛି ଓ ଏନେଇ ଓଡ଼ିଶାର ଗଣମାଧ୍ୟମ କ'ଣ ରିପୋର୍ଟ କରୁଛି ତାହା ରାଜା ୟୁଟ୍ୟୁବ୍‌ରେ ଦେଖୁଥିଲା। ସେହି ଅନୁସାରେ ସେ ତା'ର କିଛି ଗତିବିଧି ମଧ୍ୟ ବଦଳାଇଥିଲା। ଚୌଦ୍ୱାର ଜେଲ୍‌ରେ ରହିବା ବେଳେ ସେ କିଛି ମାତ୍ରାରେ ଓଡ଼ିଆ ଶବ୍ଦ ବୁଝିଯାଉଥିଲା। ତେଣୁ ଓଡ଼ିଆ ନ୍ୟୁଜ୍ ଦେଖି କିଛି ମାତ୍ରାରେ ରାଜା ବୁଝିପାରୁଥିବା ମଧୁକାନ୍ତ କହିଛି। ବର୍ତ୍ତମାନ ସେ ଏଭଳି କରୁଥିବ ବୋଲି ମଧୁକାନ୍ତ କହିଛି। ଅନ୍ୟପଟେ ଏହା ମଧ୍ୟରେ ଜିଲ୍ଲା ବାହାରକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ମଧୁକାନ୍ତକୁ ନେବା ପାଇଁ ପୁଲିସ ଟିମ୍ ଯୋଜନା କରିଛି । ଫେରାର୍ ପରେ ସେହି ସ୍ଥାନରେ କିଛି ସମୟ ପାଇଁ ରାଜା ଓ ମଧୁକାନ୍ତ ରହିଥିଲେ । ସେଠାରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୁଲିସକୁ ମିଳିବ ବୋଲି ତଦନ୍ତକାରୀ ଟିମ୍ ଆଶା ରଖିଛି। ତେବେ ମଧୁକାନ୍ତ ଏହା ମଧ୍ୟରେ ପୁଲିସକୁ ସଂପୂର୍ଣ୍ଣ ଭାବେ ଜେରା ବେଳେ ସହଯୋଗ କରୁଛି। ରିମାଣ୍ଡ୍ ଆଉ ଦିନେ ସମୟ ରହିଛି । ପୂରା ୬ ଦିନ ରିମାଣ୍ଡ୍ ରଖିବା ପରେ ମଧୁକାନ୍ତକୁ କୋର୍ଟରେ ହାଜର କରାଯିବ । ମଧୁକାନ୍ତ ଚୌଦ୍ୱାର ଥାନାରେ ରହିବା ପରଠୁ ସେଠାରେ ଦୁଇ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ପ୍ରତି ସିଫ୍ଟରେ ଗୋଟିଏ କରି ବନ୍ଧୁକଧାରୀ ପୁଲିସ ଥାନା ବାହାରେ ଡେରା ପକାଉଛନ୍ତି। ଯେଉଁ ରୁମ୍‌ରେ ତାକୁ ରଖାଯାଇଛି ସେଠାରେ ବନ୍ଧୁକଧାରୀ ପୁଲିସ ୨୪ ଘଣ୍ଟିଆ ନଜର ରଖିଛନ୍ତି ।

## ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

# ୩ ଶିକ୍ଷକ, ଜଣେ ଶିକ୍ଷୟିତ୍ରୀ, ଜଣେ ପିଅନ ହେଲେ ଗିରଫ

କେନ୍ଦ୍ରାପଡ଼ା/ଓଳାଭର,୨୨/୦୨ ନ୍ୟୁଜ ବ୍ୟୁରୋ

କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଦେଉଳତରା ଅଞ୍ଚଳର ୧୨ ବର୍ଷ ବୟସର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର ଅଭିଯୋଗ ଉଠିଥିଲା । ଛାତ୍ରୀଙ୍କ ପରିବାର ଶିଶୁ ମଙ୍ଗଳ କମିଟି(ସିଡବ୍ଲୁସି) ନିକଟରେ ଅଭିଯୋଗ କରିବା ପରେ ସିଡବ୍ଲୁସି ତରଫରୁ ଏକ ପ୍ରତିନିଧିମଣ୍ଡଳୀ ସମ୍ପୃକ୍ତ ଘରୋଇ ବିଦ୍ୟାଳୟକୁ ଯାଇ ତଦନ୍ତ କରିବା ପରେ ଘଟଣା ସାମ୍ନାକୁ ଆସିଥିଲା । ଗଣମାଧ୍ୟମରେ ଏ ନେଇ ଖବର ପ୍ରକାଶ ପାଇବା ପରେ ପୁଲିସ୍ ଆକ୍ସନ ମୋଡ୍‌କୁ ଓହ୍ଲାଇଛି। ସିଡବ୍ଲୁସିରେ ଅଭିଯୋଗ ଆଧାରରେ ପୁଲିସ ସମ୍ପୃକ୍ତ ସ୍କୁଲର ୩ ଜଣ ଶିକ୍ଷକ, ଜଣେ ଶିକ୍ଷୟିତ୍ରୀ ଓ ପିଅନଙ୍କୁ ଉଠାଇ ଆଣିଛି । ବିଦ୍ୟାଳୟର ୩ ଜଣ ଶିକ୍ଷକ ଓ ପିଅନଙ୍କ ନାଁରେ ଦୁଷ୍କର୍ମ ଅଭିଯୋଗ ରହିଥିବା ବେଳେ ଶିକ୍ଷୟିତ୍ରୀ ସେମାନଙ୍କୁ ସହଯୋଗ କରିଥିଲେ । ପୀଡ଼ିତା ଓ ଗିରଫ ୫ ଅଭିଯୁକ୍ତମାନଙ୍କ ଡାକ୍ତରୀ ମାଇନା କରାଯାଇଛି । ବିଏନ୍‌ଏସ୍‌ଏସ୍‌ର ଧାରା ୧୮୦ ଆଧାରରେ ପୁଲିସ ପୀଡ଼ିତାଙ୍କର ବୟାନ ରେକର୍ଡ କରିଛି । ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛି ଓ ରବିବାର ସାଇଣ୍ଟିଫିକ୍ ଟିମ୍ ପୁନର୍ବାର ଯାଇଥିଲା ବୋଲି ସୂଚନା ମିଳିଛି।

ଘଟଣା ସମ୍ପର୍କରେ ଶନିବାର ପୀଡ଼ିତାଙ୍କ ମା' ଗଣମାଧ୍ୟମ ଆଗରେ ଚାଞ୍ଚଲ୍ୟକର ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ ତାଙ୍କ ଝିଅଙ୍କୁ ଗତ ୪ବର୍ଷ ଧରି ଯୌନ ନିର୍ଯାତନା ଦିଆଯାଉଥିଲା । ବିଦ୍ୟାଳୟର ଶିକ୍ଷକ ଚନ୍ଦନ କୁମାର ପୃଷ୍ଟି ପ୍ରଥମେ ତାକୁ ଧମକାଇଥିଲେ । କହିଥିଲେ କି ଚାଲ୍ ତୋତେ ମୀନା ମିସ୍ ଡକାଇ ପଠାଇଛନ୍ତି। ଚନ୍ଦନ ସାର୍ ତାକୁ ଡାକି ସାଇନ୍ସ ଲ୍ୟାବ୍‌କୁ ନେଇଥିଲେ। ଶାରୀରିକ ସମ୍ପର୍କ ରଖିବା ସମୟରେ ସିସି କ୍ୟାମେରାର ତାର କାଢ଼ି ଦେଉଥିଲେ। ଯେପରିକି ଭବିଷ୍ୟତରେ କୌଣସି ପ୍ରମାଣ ନରହିବ ଓ ସେମାନେ ଅସୁବିଧାରେ ପଡ଼ିବେ ନାହିଁ । ଚନ୍ଦନ ତାଙ୍କ ଝିଅ ସହ ବାରମ୍ବାର ଏଭଳି କାମ କରିଛି । ପରେ ରଶ୍ମି ନାମକ ପିଅନ ମଧ୍ୟ ଝିଅ ସହ ଶାରୀରିକ ସମ୍ପର୍କ ରଖିଥିଲା । ବିଶ୍ୱରଞ୍ଜନ ସାହୁ ମଧ୍ୟ ତା' ସହ ସମ୍ପର୍କ ରଖିଥିଲା । ଶିଡ଼ି ଉପରେ ଥିବା ସାଇନ୍ସ ଲ୍ୟାବ୍‌ରେ ଏହି ଘୃଣ୍ୟ କାର୍ଯ୍ୟ ଚାଲେ । ଝିଅକୁ ସେମାନେ ବାରମ୍ବାର ଧମକାଇ କୁହନ୍ତି ଏ ନେଇ କାହାକୁ କହିଲେ ତୋତେ ଓ ତୋ ଛୋଟ ଭାଇକୁ ମାରିଦେବୁ ।

ଗତ ଜାନୁଆରୀ ୧୪ରେ ସେ ଘରେ କାନ୍ଦୁଥିଲା । କାନ୍ଦିବାର କାରଣ ପଚାରିବାରୁ ସେ ସବୁ ସତ କଥା କହିଥିଲା । ଝିଅଠାରୁ ଏ ବିଷୟରେ ଶୁଣିବା ପରେ ସ୍କୁଲର ଜଣେ ଶିକ୍ଷକଙ୍କୁ ସେ ପଚାରିଥିଲେ। ସମ୍ପୃକ୍ତ ଶିକ୍ଷକ ତାଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଜଣାଇବାକୁ କହିଥିଲେ । ହେଲେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଚାଲିଥିବା ହେତୁ ବ୍ୟସ୍ତତା କାରଣରୁ ସେ ଅଧ୍ୟକ୍ଷଙ୍କୁ ଜଣାଇ ପାରିନଥିଲେ। ପରେ ସେ ଝିଅର ସ୍କୁଲ ଯିବା ବନ୍ଦ କରିଦେଇଥିଲେ। ଅଧ୍ୟକ୍ଷ ପରେ ଏ ବିଷୟରେ ଶୁଣିବା ପରେ ତାଙ୍କୁ ସ୍କୁଲକୁ ଡକାଇ ପଠାଇଥିଲେ। ପରେ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କୁ ଡକାଇ କଥା ହେଲେ। ତାଙ୍କୁ ଅଧ୍ୟକ୍ଷ ନ୍ୟାୟ ଦେବା ବଦଳରେ ପାଲଟା ତାଙ୍କ ଉପରେ ଦୋଷ ଲଦିଥିଲେ। ଜଣେ ମା' ହୋଇ ଭୁଲ କଥା କାହିଁକି କହୁଛ ? ସ୍କୁଲକୁ ବଦନାମ କ'ଣ ପାଇଁ କରୁଛ ବୋଲି କହି ତାଙ୍କୁ ଗାଳିଗୁଲଜ କରିଥିଲେ । ତାଙ୍କ ଝିଅକୁ ମଧ୍ୟ ଅଧ୍ୟକ୍ଷ ଧମକାଇଥିଲେ । ସାର୍‌ଙ୍କୁ କାହିଁକି ବଦନାମ କରୁଛ ବୋଲି କହି ଗାଳି ଦେଇଥିଲେ । ଅଧ୍ୟକ୍ଷ ୧୫ ଦିନ ମଧ୍ୟରେ ପଦକ୍ଷେପ ନେବେ ବୋଲି କହି କିଛି କରିନଥିଲେ । ପରେ ସେ ତାଙ୍କ ସ୍ୱାମୀଙ୍କୁ ଜଣାଇବା ପରେ ସେମାନେ ଶିଶୁ ମଙ୍ଗଳ କମିଟି ନିକଟରେ ଫେବୃୟାରୀ ମାସ ୧୭ ତାରିଖରେ ଅଭିଯୋଗ କରିଥିଲେ । ନାବାଳିକା ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୁଲିସ ଶିକ୍ଷକ ଚନ୍ଦନ କୁମାର ପୃଷ୍ଟି(୩୭), ବିଶ୍ୱରଞ୍ଜନ ସାହୁ(୩୧), ରଶ୍ମିକାନ୍ତ ବିଶ୍ୱାଳ(୪୭), ଶିକ୍ଷୟିତ୍ରୀ ମିନତୀ ବାଇ(୩୪), ପିଅନ ରଶ୍ମିରଞ୍ଜନ ରଣାଙ୍କୁ ଗିରଫ କରିଛି ।



କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ କହିଛନ୍ତି କି ଅଭିଯୋଗ ପାଇବା ପରେ ମୁଁ ଆଇଆଇସିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲି । ଅନ୍ୟପକ୍ଷେ ଏଏସ୍‌ପି ସୁଧାକର ସାହୁଙ୍କ ନେତୃତ୍ୱାଧୀନ କ୍ରାଇମ ଏଗନେଷ୍ଟ ୱିମେନ୍ ଟିମ୍ ମଧ୍ୟ ଏହାର ତଦନ୍ତ କରିବେ । ପୁଙ୍ଖାନୁପୁଙ୍ଖ ଖୁବ୍‌ଶୀଘ୍ର ତଦନ୍ତ ହେବ। ପୀଡ଼ିତାଙ୍କୁ ନ୍ୟାୟ ମିଳିବ । ସେ ନିଜେ ମଧ୍ୟ ଘଟଣାସ୍ଥଳକୁ ଯିବେ ବୋଲି କହିଛନ୍ତି । ରାଜକନିକା ଥାନା ଆଇଆଇସି ସଞ୍ଜୟ କୁମାର ମଲିକ କହିଛନ୍ତି ଯେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି । ବିଦ୍ୟାଳୟ ସିସିଟିଭି ଫୁଟେଜ୍ ଯାଞ୍ଚ କରିଛୁ । ବିଦ୍ୟାଳୟ ଅଧ୍ୟକ୍ଷ ଓ ଅନ୍ୟମାନେ ମଧ୍ୟ ତଦନ୍ତ ପରିସରଭୁକ୍ତ ହେବେ । ତଦନ୍ତର ସମସ୍ତ ଦିଗ ପ୍ରତି ଆମେ ଧ୍ୟାନ ଦେଇଛୁ ।

କେବଳ ଜଣେ ପୀଡ଼ିତା ନୁହନ୍ତି ସ୍କୁଲର ଅନ୍ୟ ଛାତ୍ରୀମାନେ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କ ଦ୍ୱାରା ଯୌନ ଉତ୍ପୀଡ଼ନର ଶିକାର ହୋଇଛନ୍ତି । ବିଦ୍ୟାଳୟରେ ରୀତିମତ ଏହି କାମ ଚାଲିଛି ବୋଲି ଅଭିଯୋଗ ଆଣିଛନ୍ତି ପୀଡ଼ିତାଙ୍କ ବାପା। ସେ ଅଭିଯୋଗ କରିଛନ୍ତି ଯେ ଲୋକଲଜ୍ଜା ଭୟରେ ଅନ୍ୟମାନେ ସାମ୍ନାକୁ ଆସି ପାରୁନାହାନ୍ତି। ଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କୁ ସୁରକ୍ଷା ଦିଆଗଲେ ଓ ପୁଙ୍ଖାନୁପୁଙ୍ଖ ତଦନ୍ତ ହେଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ। ପୀଡ଼ିତା ଛାତ୍ରୀଙ୍କ ବାପା ଏଭଳି ସ୍ପର୍ଶକାତର ଅଭିଯୋଗ ଆଣିବା ପରେ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳିଯାଇଛି । ଘଟଣା ସମ୍ପର୍କରେ ଆହୁରି ତଥ୍ୟ ସାମ୍ନାକୁ ଆସିବ ବୋଲି ସୂଚନା ମିଳୁଛି ।